ବର୍ଷ-୨୬, ସଂଖ୍ୟା-୨୫୭
ଭୁବନେଶ୍ୱର
ସେପ୍ଟେମ୍ବର, ୨୪, ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-26, Issue No. 257
Bhubaneswar
September, 24, 2026, Thursday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା

ଭୁବନେଶ୍ୱର, ୨୩।୯ (ମହାଭାରତ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତର ଗତି ମନ୍ଥର ରହିଛି। ଏନେଇ ସୂଚନା ଦେଇଛନ୍ତି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର। ଆଇଏମଡି ଡିଜିଙ୍କ ସୂଚନା ଅନୁଯାୟୀ, ଗଭୀର ଅବପାତଟି ଧୀରେ ଧୀରେ ଉପକୂଳ ଆଡ଼କୁ ଅଗ୍ରସର ହେଉଛି। ଏହାର ଗତି ମନ୍ଥର ଥିବାରୁ ବର୍ଷାର ପରିମାଣ ଅଧିକ ରହିବା ସହ ଏହାର ପ୍ରଭାବ ଦୀର୍ଘ ସମୟ ଧରି ଅନୁଭୂତ ହେବା ଆଶଙ୍କା ରହିଛି ।ଆଇଏମଡି ଡିଜିଙ୍କ ସୂଚନା ଅନୁଯାୟୀ, ଗଭୀର ଅବପାତକୁ ଉପକୂଳ ଛୁଇଁବା ପାଇଁ ଆହୁରି ପ୍ରାୟ ୭ ଘଣ୍ଟା ସମୟ ଲାଗିପାରେ। ଆଜି ରାତିରେ ଏହା କଳିଙ୍ଗପଟ୍ଟନମ ନିକଟରେ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଉପକୂଳ ଅତିକ୍ରମ ସମୟରେ ଏହାର ପ୍ରଭାବରେ ପ୍ରବଳ ବର୍ଷା ସହ ପବନର ବେଗ ବୃଦ୍ଧି ପାଇପାରେ ।ଗଭୀର ଅବପାତର ପ୍ରଭାବ ସମଗ୍ର ଦକ୍ଷିଣ ଓଡ଼ିଶା ଉପରେ ରହିବ। ବିଶେଷକରି ଗଜପତି, ଗଞ୍ଜାମ, କୋରାପୁଟ, ରାୟଗଡ଼ା, ମାଲକାନଗିରି ଓ ନବରଙ୍ଗପୁର ଭଳି ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ବର୍ଷାର ପ୍ରଭାବ ଅଧିକ ରହିବା ଆଶଙ୍କା କରାଯାଉଛି। ମନ୍ଥର ଗତି ଯୋଗୁଁ ଅନେକ ସ୍ଥାନରେ ଦୀର୍ଘ ସମୟ ଧରି ବର୍ଷା ହୋଇପାରେ ।ଅତିବର୍ଷା ଯୋଗୁଁ ତଳିଆ ଅଞ୍ଚଳରେ ପାଣି ଜମିବା ସହ ନଦୀନାଳର ଜଳସ୍ତର ବୃଦ୍ଧି ପାଇବାର ଆଶଙ୍କା ରହିଛି। ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଓ ଯାତାୟାତରେ ବାଧା ସୃଷ୍ଟି ହୋଇପାରେ। ଏହାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ମଧ ସତର୍କତାମୂଳକ ପଦକ୍ଷେପ ନିଆଯାଉଛି ।ଗତି ମନ୍ଥର ଥିବାରୁ ବର୍ଷାର ପ୍ରଭାବ ଅଧିକ ସମୟ ରହିବା ହିଁ ଏବେ ଚିନ୍ତାର କାରଣ ହୋଇଛି ।

ସାମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ଏବଂ ଲୋକଙ୍କ ସୁରକ୍ଷା ପାଇଁ ଓଡ଼ିଶା ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବିପର୍ଯ୍ୟୟ ସମୟରେ ଦ୍ରୁତ ଉଦ୍ଧାର କାର୍ଯ୍ୟ ପାଇଁ ୩ଟି ରେଞ୍ଜରେ ମୋଟ ୩୮୧ଟି ଅଗ୍ନିଶମ ଟିମ୍‌କୁ ସଜାଗ ରଖାଯାଇଛି ।ଏହି ପ୍ରସ୍ତୁତି ଅନୁଯାୟୀ, ମଧ୍ୟାଞ୍ଚଳ (ସେଣ୍ଟ୍ରାଲ୍ ରେଞ୍ଜ) ରେ ୧୩୩ଟି ନିୟମିତ ଟିମ୍ ସହ ୧୪ଟି ଅତିରିକ୍ତ ଟିମ୍‌କୁ ମିଶାଇ ମୋଟ ୧୪୭ଟି ଟିମ୍ ନିୟୋଜିତ ହୋଇଛନ୍ତି। ସେହିପରି ଉତ୍ତରାଞ୍ଚଳ (ନର୍ଦ୍ଦନ୍ ରେଞ୍ଜ) ରେ ୧୧୨ଟି ନିୟମିତ ଟିମ୍ ସହ ୧୩ଟି ଅତିରିକ୍ତ ଟିମ୍‌କୁ ମିଶାଇ ମୋଟ ୧୨୫ଟି ଟିମ୍ ଏବଂ ଦକ୍ଷିଣାଞ୍ଚଳ (ସଦର୍ନ୍ ରେଞ୍ଜ) ରେ ୯୭ଟି ନିୟମିତ ଟିମ୍ ସହ ୧୨ଟି ଅତିରିକ୍ତ ଟିମ୍‌କୁ ମିଶାଇ ମୋଟ ୧୦୯ଟି ଟିମ୍ ପ୍ରସ୍ତୁତ ରହିଛନ୍ତି।



ଅନ୍ୟପଟେ ବାତ୍ୟା ପ୍ରଭାବିତ ବିଭିନ୍ନ ଅଞ୍ଚଳରେ ଗଛ କାଟି ସଫା କରିବା ଏବଂ ଜଳ ନିଷ୍କାସନ କାର୍ଯ୍ୟ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ଗଜପତି, ଗଞ୍ଜାମ, ନବରଙ୍ଗପୁର, ରାୟଗଡ଼ା, ଭବାନୀପାଟଣା ଏବଂ ବ୍ରହ୍ମପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ୧୩ଟି ଜଳ ନିଷ୍କାସନ (ଉରଙ୍ଗବସ୍ପରକ୍ସଭଶ) କାର୍ଯ୍ୟ ଏବଂ ୩୦ଟି ସ୍ଥାନରେ ରାସ୍ତାଘାଟରୁ ଉପୁଡ଼ି ପଡ଼ିଥିବା ଗଛ କାଟି ସଫା କରାଯାଇଛି ।ରାସ୍ତା ସଫା କରିବା ପାଇଁ ଆଧୁନିକ ପାୱାର ସ', ବିଭିନ୍ନ ହାଇଡ୍ରୋଲିକ ଉପକରଣ ବ୍ୟବହାର କରାଯିବା ସହ ଜଳବନ୍ଦୀ ଅଞ୍ଚଳରୁ ଜଳ ନିଷ୍କାସନ କରିବା ପାଇଁ ହାଇ-କପାସିଟି ପମ୍ପ ମୁତୟନ କରାଯାଇଛି। ଲୋକଙ୍କୁ ଭୟଭୀତ ନ ହୋଇ ସଜାଗ ରହିବା ସହ ଯେ କୌଣସି ଜରୁରୀକାଳୀନ ପରିସ୍ଥିତିରେ ଜରୁରୀକାଳୀନ ସେବା ନମ୍ବର ୧୧୨ କୁ ତୁରନ୍ତ ଡାଏଲ କରିବାକୁ ପରାମର୍ଶ ଦିଆଯାଇଛି।

ଗଞ୍ଜାମ ଜିଲ୍ଲାରେ ଗଭୀର ଅବପାତ ଯୋଗୁଁ ସମ୍ଭାବ୍ୟ ପ୍ରତିକୂଳ ପାଣିପାଗକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ସୁରକ୍ଷା ଓ ଜରୁରୀ ସେବା ସୁନିଶ୍ଚିତ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି। ଆଜି ପୂର୍ବାହ୍ନ ସୁଦ୍ଧା ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ୪୨୧ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରେ ୧୬୧ ଜଣ ପୁରୁଷ, ୨୦୩ ଜଣ ମହିଳା ଓ ୫୭ ଜଣ ଶିଶୁ ଅଛନ୍ତି।

# ଜିରୋ କାଜୁଆଲିଟିକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୩।୯ (ମହାଭାରତ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଜନିତ ବର୍ଷା ଓ ଏହାର ପ୍ରଭାବ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ସମୀକ୍ଷା କରିଛନ୍ତି। ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ।

ବୈଠକରେ ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ ମୁଖ୍ୟମନ୍ତ୍ରୀଙ୍କୁ ଅବପାତ, ସମ୍ଭାବ୍ୟ ବର୍ଷା ଓ ଏହାର ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ, ସମସ୍ତ ପ୍ରାକୃତିକ ବିପର୍ଯ୍ୟୟରେ ଆମର ଏକମାତ୍ର ନୀତି ହେଉଛି-'ଜିରୋ କାଜୁଆଲ୍‌ଟି'। ତେଣୁ, ରାଜ୍ୟ ସରକାରଙ୍କ ସମସ୍ତ ସମ୍ପୃକ୍ତ ବିଭାଗ ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରକ୍ଷାକରି ଏହି ପରିସ୍ଥିତିର ମୁକାବିଲା କରିବା ଆବଶ୍ୟକ। ଲୋକଙ୍କ ଧନଜୀବନ ସୁରକ୍ଷା ଉପରେ ସେ ସର୍ବାଧିକ ଗୁରୁତ୍ୱ ଆରୋପ କରିଥିଲେ। ଜଳବନ୍ଦୀ କ୍ଷେତ୍ରରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ଏବଂ ସେମାନଙ୍କୁ ଉପଯୁକ୍ତ ରିଲିଫ ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯଦିଓ ବାତ୍ୟାର ସମ୍ଭାବନା ନାହିଁ, ତଥାପି ସମସ୍ତ ପ୍ରକାର ସତର୍କତାମୂଳକ ବ୍ୟବସ୍ଥା ସହ ସର୍ବୋଚ୍ଚ ସ୍ତରର ପ୍ରସ୍ତୁତି ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।



ବୈଠକରୁ ଜଣାଯାଇଛି ଯେ, ଏହି ଅବପାତ ଯୋଗୁ ଆଜି ଏବଂ ଆସନ୍ତା କାଲି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି ଓ ୨୫ ତାରିଖ ପରେ ପରିସ୍ଥିତିରେ ସୁଧାର ଆସିବ ବୋଲି ଆଶା କରାଯାଉଛି। ଏହି ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ମୋଟ ୩୩ଟି ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି। ଗଞ୍ଜାମରେ ୬, ଗଜପତିରେ ୩, କୋରାପୁଟରେ ୬, ମାଲକାନଗିରିରେ ୩, ରାୟଗଡ଼ାରେ ୩, କଳାହାଣ୍ଡିରେ ୨ ଏବଂ ବଲାଙ୍ଗିରରେ ୧ଟି ଟିମ୍ ମୁତୟନ ହୋଇଛି। ଏହା ବ୍ୟତୀତ ଗଞ୍ଜାମର ଛତ୍ରପୁରସ୍ଥିତ ଓଡ୍ରାଫ୍ ୟୁନିଟ୍‌ର ୯ଟି ଟିମ୍ ରିଜର୍ଭ ରଖାଯାଇଛି। ଉପକୂଳରେ ସମୁଦ୍ର ଅଶାନ୍ତ ରହିବା ସମ୍ଭାବନା ଥିବାରୁ ସମସ୍ତ ବନ୍ଦରରେ ସ୍ଥାନୀୟ ସତର୍କ ସଙ୍କେତ ସଂଖ୍ୟା-୩ ଉତ୍ତୋଳନ କରାଯାଇଛି ଏବଂ ସମୁଦ୍ରକୁ ମତ୍ସ୍ୟଜୀବୀଙ୍କ ପ୍ରବେଶ ଉପରେ ନିଷେଧ ଜାରି ରହିଛି। ଏହାର ଶତ ପ୍ରତିଶତ ଅନୁପାଳନ ନିଶ୍ଚିତ କରିବାକୁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି।

ପ୍ରଭାବିତ ହେବାକୁ ଥିବା ଅଞ୍ଚଳ ଗୁଡିକ ଯଥା- ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ କଳାହାଣ୍ଡିକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଥିବା ବେଳେ, ନୂଆପଡ଼ା, ବଲାଙ୍ଗିର, କନ୍ଧମାଳ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ରେ ଜିଲ୍ଲା ପ୍ରଶାସନ ତଥା ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ ଆବଶ୍ୟକ ପ୍ରସ୍ତୁତି କରାଯାଇଛି। ଜିଲ୍ଲା ଓ ବ୍ଲକ୍ ଆପାତକାଳୀନ କାର୍ଯ୍ୟ କେନ୍ଦ୍ରଗୁଡ଼ିକୁ ୨୪ଘଂଟ କାର୍ଯ୍ୟରତ ରଖିବା, ସମ୍ବେଦନଶୀଳ ବସତି ଚିହ୍ନଟ କରିବା, ଆଶ୍ରୟସ୍ଥଳ ପ୍ରସ୍ତୁତ ରଖିବା ଏବଂ ଶୁଖିଲା ଖାଦ୍ୟ, ଶିଶୁ ଖାଦ୍ୟ, ପାନୀୟ ଜଳ ଓ ପରିଷ୍କାରତା ସାମଗ୍ରୀ ମହଜୁଦ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ୍ରାଫ, ଏନ୍‌ଡିଆରଏଫ୍ ଓ ଅଗ୍ନିଶମ ସେବା ଦଳକୁ ପୂର୍ବରୁ ମୁତୟନ ଓ ସଜ୍ଜ ରଖାଯାଇଥିବା ବେଳେ ଉଦ୍ଧାର ନୌକା, ଲାଇଫ୍ ଜାକେଟ୍ ଓ ପାୱାର ବୋଟ୍ ମଧ ପ୍ରସ୍ତୁତ ରଖାଯାଇଛି।

ଜଳସମ୍ପଦ ବିଭାଗ ପକ୍ଷରୁ ନଦୀ ଓ ଜଳାଶୟର ଜଳସ୍ତର ନିରନ୍ତର ନିରୀକ୍ଷଣ, ସମ୍ବେଦନଶୀଳ ବନ୍ଧ ସ୍ଥାନଗୁଡ଼ିକର ପରୀକ୍ଷା ଏବଂ ଆବଶ୍ୟକସ୍ଥଳେ ନିୟନ୍ତ୍ରିତ ଜଳମୁକ୍ତି ପାଇଁ ସମନ୍ୱୟ କରାଯାଉଛି। ସହରାଞ୍ଚଳରେ ଡ୍ରେନେଜ୍ ବ୍ୟବସ୍ଥା ନିରୀକ୍ଷଣ, ନିମ୍ନାଞ୍ଚଳ ଅଣ୍ଡରପାସ୍‌ରେ ଡି-ୱାଟରିଂ ପମ୍ପ ମୁତୟନ ଏବଂ ଆବଶ୍ୟକସ୍ଥଳେ ଟ୍ରାଫିକ୍ ଡାଇଭର୍ସନ୍ ପାଇଁ ମଧ ପ୍ରସ୍ତୁତି ରହିଛି।

# ଲଘୁଚାପ ବର୍ଷାରେ ବେହାଲ





ପାରଳାଖେମୁଣ୍ଡି, ୨୩।୯ (ମହାଭାରତ):: ଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଗଜପତି ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଛି। ଗତ ଦୁଇ ଦିନ ଧରି ବର୍ଷା ଲାଗି ରହିବାରୁ ଜିଲ୍ଲାର ପାହାଡ଼ିଆ ଅଞ୍ଚଳରେ ଜନଜୀବନ ପ୍ରଭାବିତ ହୋଇଛି। କେଉଁଠି ଗଛ ପଡ଼ି ରାଜପଥ ଅବରୋଧ ହୋଇଛି ତ ଆଉ କେଉଁଠି ପାହାଡ଼ରୁ ମାଟି ଅତଡ଼ା ଓ ବଡ଼ ବଡ଼ ପଥର ଖସିଛି। ଆର୍.ଉଦୟଗିରି ବ୍ଲକ୍ ତିଳିଗାଁରେ ତିନିଟି ଘରର କାନ୍ଥ ଭୁଶୁଡ଼ି ପଡ଼ିଛି। ଆର୍.ଉଦୟଗିରି ବ୍ଲକ୍ ପରିସଲ ଗାଁ ନିକଟରେ ଗଛ ପଡ଼ିବାରୁ ରାମଗିରି-ମୋହନା-ପାରଳାଖେମୁଣ୍ଡିକୁ ସଂଯୋଗ କରୁଥିବା ୩୨୬(ଏ) ଜାତୀୟ ରାଜପଥ ଅବରୋଧ ହୋଇଥିଲା। ଗଛ ରାସ୍ତା ଉପରେ ପଡ଼ି ରହିବାରୁ ପ୍ରାୟ ଦୁଇ ଘଣ୍ଟା ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଆର୍.ଉଦୟଗିରି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ହଟାଇଥିଲା। ଏହାପରେ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

ବର୍ଷା ଯୋଗୁଁ ଆର୍.ଉଦୟଗିରି ବ୍ଲକ୍ ପାରିବେଟା ଗାଁ ରାସ୍ତାରେ ପାହାଡ଼ରୁ ମାଟି ଅତଡ଼ା ସହ ବଡ଼ ବଡ଼ ପଥର ଖସି ପଡ଼ିଥିଲା। ହଠାତ୍ ରାସ୍ତା ଉପରେ ମାଟି ଓ ପଥର ଖସିବାରୁ ଅଞ୍ଚଳବାସୀ ଭୟଭୀତ ହୋଇଥିଲେ। ରାସ୍ତାରେ ଯାତାୟାତ ପ୍ରଭାବିତ ହେବା ଆଶଙ୍କା ଦେଖାଦେବା ପରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଜେସିବି ମେସିନ୍ ଲଗାଇ ମାଟି ଅତଡ଼ା ଓ ପଥର ହଟାଯାଇଥିଲା।

ଲଗାଣ ବର୍ଷାରେ ତିଳିଗାଁରେ ମହେଶ୍ୱର ବେହେରଦଳାଇ, ନରସିଂହ ସାହୁ ଓ ମହାଙ୍କାଳ ସାହୁଙ୍କ ଘରର କାନ୍ଥ ଭୁଶୁଡ଼ି ପଡ଼ିଛି। ଘରର କାନ୍ଥ ଭାଙ୍ଗିପଡ଼ିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ଖବର ପାଇ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ କ୍ଷୟକ୍ଷତିର ଆକଳନ କରୁଛନ୍ତି।

ଲଘୁଚାପ ପ୍ରଭାବରେ ଆଜି ଜିଲ୍ଲାର ୮ଟି ବର୍ଷାମାପକ କେନ୍ଦ୍ରରେ ମୋଟ ୬୩୩.୫ ମିମି ବର୍ଷା ରେକର୍ଡ ହୋଇଛି। ଜିଲ୍ଲାର ହାରାହାରି ବର୍ଷା ପରିମାଣ ୭୯.୧୯ ମିମି ରହିଛି। ମୋହନାରେ ସର୍ବାଧିକ ୧୪୫ ମିମି ବର୍ଷା ହୋଇଥିବାବେଳେ ଆର୍.ଉଦୟଗିରିରେ ୧୦୨.୩ ମିମି ରେକର୍ଡ ହୋଇଛି। ସେହିପରି ପାରଳାଖେମୁଣ୍ଡିରେ ୮୭.୮ ମିମି, ନୂଆଗଡ଼ରେ ୭୭.୬ ମିମି, ଗୋଷାଣୀରେ ୬୮ ମିମି, ଗୁମ୍ମାରେ ୫୫ ମିମି, କାଶୀନଗରରେ ୪୯ ମିମି ଓ ରାୟଗଡ଼ରେ ୪୮.୮ ମିମି ବର୍ଷା ରେକର୍ଡ ହୋଇଛି। ଲଗାଣ ବର୍ଷା ଜାରି ରହିଥିବାରୁ ପାହାଡ଼ିଆ ଅଞ୍ଚଳରେ ମାଟି ଅତଡ଼ା ଓ ପଥର ଖସିବା ସହ ରାସ୍ତା ଅବରୋଧ ଆଶଙ୍କା ଲାଗି ରହିଛି। ବର୍ଷା ସ୍ଥିତି ଉପରେ ପ୍ରଶାସନ ନଜର ରଖିଥିବା ବେଳେ ବିଭିନ୍ନ ବିଭାଗକୁ ଆବଶ୍ୟକ ସ୍ଥଳରେ ତୁରନ୍ତ ରାସ୍ତା ସଫା କରିବାକୁ ପଡୁଛି।

## ରାଜଧାନୀରେ ଚାଞ୍ଚଲ୍ୟ: ସ୍ତ୍ରୀଙ୍କୁ ତାୱାରେ ପିଟି ହତ୍ୟା କଲା ସ୍ୱାମୀ

ଭୁବନେଶ୍ୱର, ୨୩।୯ (ମହାଭାରତ):: ରାଜଧାନୀ ଭୁବନେଶ୍ୱରର ନୂଆପଲ୍ଲୀ ବ୍ରିଟ୍ କଲୋନୀ ଅଂଚଳରେ ବୁଧାବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ସର୍ବେଶ୍ୱର ପ୍ରଧାନ ନାମକ ଜଣେ ଯୁବକ ନିଜ ପତ୍ନୀଙ୍କୁ ତାୱାରେ ପିଟି ନିର୍ମମ ଭାବେ ହତ୍ୟା କରିଛନ୍ତି । ମୃତକଙ୍କ ନାମ ବନସ୍ମିତା ସ୍ୱାଇଁ । ଖବର ପାଇ ନୂଆପଲ୍ଲୀ ପୁଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରିବା ସହ ତଦନ୍ତ ଜାରି ରଖିଛି । ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଏହି ଅଭାବନୀୟ ଘଟଣା ଘଟିଥିଲା । ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ସ୍ୱାମୀ ଏକ ଲୁହା ତାୱାରେ ସ୍ତ୍ରୀଙ୍କ ମୁଣ୍ଡକୁ ପିଟିଦେବାରୁ ସ୍ତ୍ରୀଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ଉଭୟ ଦେଢବର୍ଷତଳେ ପ୍ରେମ ବିବାହ କରିଥିବା ବେଳେ ସେମାନଙ୍କର ୪ ମାସର ଏକ ଶିଶୁକନ୍ୟା ଅଛି ।

# ୪ଟା ଯାଏଁ ଗୃହ ମୁଲତବି

ଭୁବନେଶ୍ୱର, ୨୩।୯ (ମହାଭାରତ): ଆଜି ମୌସୁମୀ ଅଧିବେଶନର ଆଜି ଦ୍ୱିତୀୟ ଦିନ। ପ୍ରଥମ ଦିନ ଭଳି ଆଜି ମଧ ବିଧାନସଭା ସରଗରମ। ଗୃହ ଆରମ୍ଭରୁ ବିରୋଧୀଙ୍କ ପ୍ରବଳ ହୋହଲ୍ଲା, ହଟ୍ଟଗୋଳ ଦେଖାଯାଇଛି। ଏମଏମଡିଆର ବିଲ୍ ପ୍ରତ୍ୟାହାର ଦାବିରେ କଂଗ୍ରେସ ସଦସ୍ୟ ହୋହଲ୍ଲା କରିଛନ୍ତି। ପ୍ଲାକାର୍ଡ ଧରି ଗୃହ ମଧ୍ୟଭାଗ୍ୟରେ କଂଗ୍ରେସ ସଦସ୍ୟଙ୍କ ନାରାବାଜି ଦେଖାଯାଇଛି। ସେହିପରି ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ବିଜେଡି ନାରାବାଜି କରିଛି। ଏହାପରେ ଅପରାହ୍ନ ୪ଟା ଯାଏଁ ଗୃହ ମୁଲତବି ଘୋଷଣା କରାଯାଇଛି। ପାଠ୍ୟପୁସ୍ତକରେ ତ୍ରୁଟି ଓ ଏମଏମଡିଆର ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ।



ପ୍ରଶ୍ନକାଳରେ କୃଷି, ସମବାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ ଏବଂ ମତ୍ସ୍ୟ ଏବଂ ପଶୁ ସମ୍ପଦ ଭଳି ବିଭାଗରେ ପ୍ରଶ୍ନୋତ୍ତର ରହିଥିଲା। ମାତ୍ର ପ୍ରଶ୍ନକାଳ ସ୍ୱାଭାବିକ ହୋଇପାରି ନାହିଁ। ଗତକାଲି ମଧ ପ୍ରଶ୍ନକାଳ ଆରମ୍ଭରୁ ବହି ତ୍ରୁଟି ଏବଂ ଏମଏମଡିଆର ପ୍ରସଙ୍ଗକୁ ନେଇ ଗୃହ ହୁଲୁସ୍ଥୁଲ ହୋଇଥିଲା।

ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନ ବୁଧବାର ମଧ ବିରୋଧୀ ଦଳର ବିଧାୟକମାନଙ୍କ ହଟ୍ଟଗୋଳ ଓ ନାରାବାଜି ଯୋଗୁଁ ଗୃହର ପ୍ରଥମାର୍ଦ୍ଧର କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିପାରି ନାହିଁ। ଓଡ଼ିଶାର ସ୍ୱାର୍ଥ ବିରୋଧୀ ଦର୍ଶାଇ ଏମଏମ୍‌ଡିଆର ଆଇନ ପ୍ରତ୍ୟାହାର ଦାବିରେ ବିରୋଧୀ ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ପ୍ରତିବାଦ କରିଥିଲେ। ହଟ୍ଟଗୋଳ ଯୋଗୁଁ ପ୍ରଶ୍ନକାଳ, ଶୂନ୍ୟକାଳ ସମେତ ଗୃହର ନିର୍ଦ୍ଧାରିତ କାର୍ଯ୍ୟ ପ୍ରଭାବିତ ହୋଇଥିଲା। ଗୃହରେ ଅଚଳାବସ୍ଥା ଜାରି ରହିବାରୁ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ୧୦.୩୫ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବୁଧବାର ସକାଳ ୧୦ଟା ୩୦ ମିନିଟରେ ବିଧାନସଭାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ପ୍ରଶ୍ନକାଳ ଆରମ୍ଭ କରିବାକୁ ଯାଇଥିବା ବେଳେ ବିରୋଧୀ ବିଧାୟକମାନେ ଏମଏମ୍‌ଡିଆର ଆଇନକୁ ନେଇ ନାରାବାଜି ଆରମ୍ଭ କରିଥିଲେ। କିଛି ସମୟ ମଧ୍ୟରେ ବିରୋଧୀ ସଦସ୍ୟମାନେ ନିଜ ନିଜ ଆସନ ଛାଡ଼ି ଗୃହର ମଧ୍ୟଭାଗକୁ ଆସି ଜୋରଦାର ନାରାବାଜି କରିଥିଲେ। ସେମାନଙ୍କ ହାତରେ ବିଭିନ୍ନ ଦାବି ଓ ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡ ରହିଥିଲା।

ହଟ୍ଟଗୋଳ ମଧ୍ୟରେ ଉପବାଚସ୍ପତି ବାଲେଶ୍ୱର ବିଧାୟକ ମାନସ ଦତ୍ତଙ୍କ ପ୍ରଶ୍ନର ଉତ୍ତର ଦେବା ପାଇଁ ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଡାକିଥିଲେ । ଗୃହରେ ଜୋରଦାର ନାରାବାଜି ଜାରି ରହିଥିଲେ ମଧ ମନ୍ତ୍ରୀ ପାତ୍ର ତାଙ୍କ ଉତ୍ତର ଜାରି ରଖିଥିଲେ। ଏହାପରେ ବିଧାୟକ ମାନସ ଦତ୍ତ ଅତିରିକ୍ତ ପ୍ରଶ୍ନ ପଚାରିଥିଲେ। ତେବେ ଗୃହରେ ଲାଗି ରହିଥିବା ପ୍ରବଳ ହଟ୍ଟଗୋଳ ଯୋଗୁଁ ତାଙ୍କ ସ୍ୱର ମିଡିଆ ଗ୍ୟାଲେରୀ ପର୍ଯ୍ୟନ୍ତ ମଧ ସ୍ପଷ୍ଟ ଭାବେ ଶୁଣାଯାଇପାରି ନଥିଲା।

ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ହଟ୍ଟଗୋଳ କରୁଥିବା ବିରୋଧୀ ବିଧାୟକମାନଙ୍କୁ ନିଜ ନିଜ ଆସନକୁ ଫେରିଯାଇ ଗୃହର କାର୍ଯ୍ୟ ସୁଚାରୁ ରୂପେ ଚଳାଇବାରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ବିରୋଧୀ

# ୪ ଜଣଙ୍କୁ ଧକ୍କା ଦେଲା ରାଜ୍ୟରାଣୀ ଏକ୍ସପ୍ରେସ



ପାରଳାଖେମୁଣ୍ଡି୨୩।୯ (ମହାଭାରତ): ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାର ଟେକ୍କାଲି ମଣ୍ଡଳ ଅନ୍ତର୍ଗତ ରବିଭଲସା ନିକଟରେ ବୁଧବାର ଏକ ଭୟଙ୍କର ରେଳ ଦୁର୍ଘଟଣାରେ ୪ ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଛି। ରାଜଧାନୀ ଏକ୍ସପ୍ରେସ୍ ଧକ୍କାରେ ଘଟଣାସ୍ଥଳରେ ୪ ଜଣଙ୍କ ଜୀବନ ଯାଇଥିବାବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ବିଶାଖ ରାଓ, ଦିଲୀପ କୁମାର, ଶିବା ଓ ଶରତ। ଆହତ ଯୁବକଙ୍କ ନାମ ସଲମନ ରଜୁ ବୋଲି ଜଣାପଡ଼ିଛି। ପ୍ରାଥମିକ ସୂଚନା ଅନୁଯାୟୀ, ମୃତାହତମାନେ ଟେକ୍କାଲି ନିକଟସ୍ଥ ଡାମାରା ଅଞ୍ଚଳର ବାସିନ୍ଦା। ସେମାନେ ଏକ ହଷ୍ଟେଲରେ ରହି ପାଠ ପଢୁଥିଲେ। ବୁଧବାର ସେମାନେ ରେଳ ଧାରଣା ନିକଟକୁ ମାଛ ଧରିବାକୁ ଯାଇଥିବା ସମୟରେ ଏହି ଅଘଟଣ ଘଟିଥିବା କୁହାଯାଉଛି। ସୂଚନା ଅନୁସାରେ, ରାଜଧାନୀ ଏକ୍ସପ୍ରେସ୍ ଉକ୍ତ ସ୍ଥାନ ଦେଇ ଯାଉଥିବାବେଳେ ରେଳ ଧାରଣା ନିକଟରେ ଥିବା ୫ ଜଣଙ୍କୁ ଧକ୍କା ଦେଇଥିଲା। ଟ୍ରେନ୍ ଧକ୍କାରେ ୪ ଜଣ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ସଲମନ ରାଜୁ ଗୁରୁତର ଆହତ ହୋଇଥିଲେ।

# ପୁଣି ବଢ଼ିଲା ୱାର୍ଡ ପୁନର୍ଗଠନ ଅବଧି

ଭୁବନେଶ୍ୱର, ୨୩।୯ : : ଆଗାମୀ ପୌର ନିର୍ବାଚନ ପାଇଁ ୱାର୍ଡ ପୁନର୍ଗଠନ/ବିଭାଜନ ଓ ଆସନ ସଂରକ୍ଷଣ ପ୍ରକ୍ରିୟା ସମ୍ପନ୍ନ କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସଂଶୋଧିତ ସମୟସୂଚୀ ଜାରି ହୋଇଛି ।ଏହି ସମୟସୂଚୀ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ରାଉରକେଲା ମହାନଗର ନିଗମ ସମେତ ବୌଦ୍ଧ ଜିଲ୍ଲାକୁ ବାଦ ଦେଇ ୯୯ଟି ପୌରପାଳିକା ଓ ବିଜ୍ଞପିତ ଅଞ୍ଚଳ ପରିଷଦ ପାଇଁ ପ୍ରଯୁଜ୍ୟ ହେବ ।ଚାରି ମହାନଗର ନିଗମ ସମ୍ପର୍କରେ ସମ୍ପୃକ୍ତ କମିଶନରମାନେ ୱାର୍ଡ ବିଭାଜନ ଓ ଆସନ ସଂରକ୍ଷଣ ସମ୍ପର୍କିତ ତଥ୍ୟ ନିର୍ଦ୍ଧାରିତ ଫର୍ମ-୧ ଓ ଫର୍ମ-୨ ସହ ସ୍କ ?ଚ୍ ମ୍ୟାପ୍ ଆକାରରେ ଅକ୍ଟୋବର ୮ ସୁଦ୍ଧା ବିଭାଗକୁ ଦାଖଲ କରିବେ। ସରକାରଙ୍କ ପକ୍ଷରୁ ଚିଠା ବିଜ୍ଞପ୍ତି ଅକ୍ଟୋବର ୨୨ରେ ପ୍ରକାଶ ପାଇବ ଏବଂ ଆପତ୍ତି ଓ ପ୍ରସ୍ତାବ ଦାଖଲର ଶେଷ ତାରିଖ ଅକ୍ଟୋବର ୩୧ ରହିଛି । ସେହିପରି, ୯୯ଟି ପୌରପାଳିକା ଓ ଏନ୍ ଏ ସି ପାଇଁ ସମ୍ପୃକ୍ତ ଜିଲ୍ଲାପାଳମାନେ ଅକ୍ଟୋବର ୧୨ରେ ଚିଠା ବିଜ୍ଞପ୍ତି ପ୍ରକାଶ କରି ଆପତ୍ତି ଓ ପ୍ରସ୍ତାବ ଆହ୍ୱାନ କରିବେ । ଏଥିପାଇଁ ଅକ୍ଟୋବର ୨୧ ଶେଷ ତାରିଖ । ଅକ୍ଟୋବର ୨୮ରେ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପରେ ଏହା ବିରୋଧରେ ଅକ୍ଟୋବର ୨୮ରୁ ନଭେମ୍ବର ୧୧ ମଧ୍ୟରେ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ନିକଟରେ ଅପିଲ୍ କରାଯାଇପାରିବ ।

## ପୁଣି ଥରେ ଘୁଞ୍ଚିଲା ଡିଜିପି ନିଯୁକ୍ତି ମାମଲାର ଶୁଣାଣି

ନୂଆଦିଲ୍ଲୀ୨୩।୯ (ମହାଭାରତ):: ପଦ୍ମ ଘୁଞ୍ଚିଲା ଭଳି ରାଜ୍ୟ ଡିଜିପି ନିଯୁକ୍ତି ଅନିୟମିତତା ମାମଲାର ଶୁଣାଣି ପ୍ରକ୍ରିୟା ଘୁଞ୍ଚି ଘୁଞ୍ଚି ଚାଲିଛି । ସୁପ୍ରିମକୋର୍ଟରେ ଦିନ ଗଡୁଥିବାବେଳେ ଚୂଡ଼ାନ୍ତ ନିଷ୍ପତି ଆସି ପାରୁନାହିଁ । କ୍ରମାଗତ ଦ୍ୱିତୀୟ ଦିନରେ ଶୁଣାଣି ପ୍ରକ୍ରିୟା ଅସମାପ୍ତ ରହିଛି । ଆସନ୍ତାକାଲି ପାଇଁ ଶୁଣାଣି ପାଇଁ ସୁପ୍ରିମକୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି ।



ଆଜି ଆବେଦନକାରୀ ଜୟନ୍ତ ଦାସଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ ପକ୍ଷ ରଖି ରାଜ୍ୟ ସରକାରଙ୍କ ବିରୁଦ୍ଧରେ କଡ଼ା ଶବ୍ଦ ପ୍ରୟୋଗ କରିଥିଲେ । ସେ ରାଜ୍ୟରେ ଡିଜିପି ଚୟନ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଥିଲେ । ସମ୍ଭାବ୍ୟ ତାଲିକାରୁ ସୁଶାନ୍ତ ନାଥଙ୍କ ନାମକୁ ବାଦ ଦିଆଯିବା ପ୍ରକ୍ରିୟାର ସାମ୍ବିଧାନିକ ବୈଧତା ଏବଂ ଦୁର୍ନୀତି ନିରୋଧୀ ଆଇନର ସେକ୍ସନ ୧୭ (ଏ) ସମ୍ପର୍କରେ ସେ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଆଇନଜୀବୀ କରୁଣା ନନ୍ଦୀ, ସୁଶାନ୍ତ ନାଥଙ୍କ ତରଫରୁ ପକ୍ଷ ରଖିଥିଲେ । କାହିଁକି ସୁଶାନ୍ତ ନାଥଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟକୁ ଅଟକାଇ ଦିଆଯାଇଛି ବୋଲି ପ୍ରଶ୍ନ କରିଥିଲେ । ଅପରପକ୍ଷରେ ଓଡ଼ିଶା ଡିଜିପି ନିଯୁକ୍ତିରେ 'ପ୍ରକାଶ ସିଂ' ମାମଲାର ଗାଇଡଲାଇନକୁ ଅବହେଳା କରାଯାଇଥିବା ନେଇ ଆମିକସ କ୍ୟୁରି କୋର୍ଟରେ ନିଜର ଯୁକ୍ତି ରଖିଥିଲେ । ସମ୍ପୂର୍ଣ୍ଣ ଜବାବ ରଖିବାକୁ ରାଜ୍ୟ ସରକାର କୋର୍ଟଙ୍କୁ ସମୟ ମାଗିଛନ୍ତି । ଆସନ୍ତାକାଲି ପୁଣି ଥରେ ମାମଲାର ଶୁଣାଣି ହେବ ।

# ମୀରାବାଇଙ୍କୁ ରୌପ୍ୟ

ନାଗୋୟା୨୩।୯ (ମହାଭାରତ): ଭାରତୀୟ ଭାରୋତ୍ତୋଳିକା ମୀରାବାଇ ଚାନୁ ଚଳିତ ଏସୀୟ କ୍ରୀଡା ମହିଳା ଭାରୋତ୍ତୋଳନର ୪୯ କିଲୋଗ୍ରାମ୍ ବର୍ଗରେ ରେପ୍ୟ ପଦକ ଜିତି ନିଜର ଉଲ୍ଲେଖନୀୟ କ୍ୟାରିୟରରେ ଆଉ ଏକ ସଫଳତାର ଫର୍ଦ୍ଦ ଯୋଡ଼ିଛନ୍ତି। ଏହା ୨୯ ବର୍ଷୀୟା ମୀରବାଇଙ୍କ ପ୍ରଥମ ଏସୀୟ କ୍ରୀଡା ପଦକ। ବୁଧବାର ମୀରାବାଇ ୮୭ କେଜି ସ୍ନାଚ୍ ଓ ୧୧୧ କେଜି କ୍ଲିନ୍ ଆଣ୍ଡ ଜର୍କ ସହ ମୋଟ ୧୯୮ କେଜି ଭାର ଉଠାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ।



ଏଥିସହ ମୀରାବାଇ ଦ୍ୱିତୀୟ ଭାରତୀୟ ଭାରୋତ୍ତୋଳିକା ଭାବେ ସମସ୍ତ ବଡ ଅନ୍ତର୍ଜାତୀୟ ଇଭେଣ୍ଟ (ଅଲିମ୍ପିକ୍ସ, ଏସୀୟ କ୍ରୀଡା, ରାଜ୍ୟଗୋଷ୍ଠୀ କ୍ରୀଡା, ବିଶ୍ୱ ପ୍ରତିଯୋଗିତା, ଏସୀୟ ଓ ରାଜ୍ୟଗୋଷ୍ଠୀ ପ୍ରତିଯୋଗିତା)ରେ ପଦକ ଜିତିବାରେ ସଫଳ ହୋଇଛନ୍ତି। ପୂର୍ବରୁ ଭାରତୀୟ ଭାରୋତ୍ତୋଳିକା ଭାବେ କେବଳ କର୍ଣ୍ଣମ ମାଲେଶ୍ୱରୀ ଏହି ସଫଳତା ପାଇଥିଲେ। ଉତ୍ତର କୋରିଆର ରି ସଙ୍ଗ ଗମ୍ ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ଜିତିଥିଲେ। ସେ ୨୧୦ (୯୪ କେଜି ସ୍ନାଚ୍, ୧୨୧ କେଜି କ୍ଲିନ୍ ଓ ଜର୍କ) କେଜି ଭାର ଉଠାଇଥିଲେ। ଇଣ୍ଡୋନେସିଆର ଲଲୁକ ଡାଇନା ତ୍ରି ୱିଜାୟାନା ୧୯୧ (୮୮ କେଜି ସ୍ନାଚ୍, ୧୦୩ କେଜି କ୍ଲିନ୍ ଆଣ୍ଡ୍ ଜର୍କ) କେଜି ଭାର ଉଠାଇ କାଂସ୍ୟ ପାଇଥିଲେ।

## କାଜୁ ପନିର



ଆାବଶ୍ୟକ ସାମଗ୍ରୀ: ପନିର , କାଜୁ ପେଷ୍ଟ, ପିଆଜ ରସୁଣ ପେଷ୍ଟ, ଏକ ଛାଟ ଚାମଚ ଅଦା ଓ କଞ୍ଚାଲଙ୍କା ପେଷ୍ଟ,ଏକ ବଡ଼ ଚାମଚ ଟମୋଟା ପ୍ୟୁରି, ହଳଦୀ, ଧନିଆ ପାଉଡର, କାଶ୍ମୀରି ଲଙ୍କା ପାଉଡର, ଏକ ବଡ଼ ଚାମଚ କ୍ରିମ୍, ଜିରା, ଗରମମସଲା, ଲୁଣ ସ୍ୱାଦ ଅନୁସାରେ, ଧନିଆପତ୍ର, ଭଜା ହୋଇଥିବା କାଜୁ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ପନିରକୁ ଛୋଟ ଛୋଟ ଆକାରରେ କାଟିଦିଅନ୍ତୁ। କମ୍ ଆଞ୍ଚରେ ତେଲ ଗରମ କରନ୍ତୁ। ତେଲ ଗରମ ହେଲା ପରେ କଟା ପିଆଜକୁ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଯେତେବେଳେ ପିଆଜ ଭାଜି ହୋଇଯିବ ତାକୁ ଏକ ପ୍ଲେଟକୁ କାଢ଼ି ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ। ପିଆଜ ଥଣ୍ଡା ହେଲା ପରେ ତାକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। କଡେଇରେ ଜିରା, ପିଆଜ ପେଷ୍ଟ, ଅଦା କଞ୍ଚାଲଙ୍କା ପେଷ୍ଟ ଓ ରସୁଣ ପେଷ୍ଟ ପକାଇ କଷନ୍ତୁ। ମସଲା କଷି ହୋଇଗଲା ପରେ ଟମାଟୋ ପ୍ୟୁରି ପକାନ୍ତୁ। ଟମାଟୋ ପ୍ୟୁରି ଭଲଭାବେ କଷି ହେଲା ପରେ ହଳଦୀ, ଧନିଆ ପାଉଡର, କାଶ୍ମୀର ମିର୍ଚ୍ଚ ଗୁଣ୍ଡ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ମସଲା ଭଲଭାବେ କଷି ହୋଇଗଲା ପରେ ସେଥିରେ କ୍ରିମ୍, କାଜୁ ପେଷ୍ଟ, ଲୁଣ ପକାଇ ୨ରୁ ୩ ମିନିଟ୍ ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ପରେ ପାଣି ଦେଇ ତାକୁ କିଛି ସମୟ ଫୁଟିବାକୁ ଦିଅନ୍ତୁ। ଏହି ଗ୍ରେଭି ଫୁଟିବା ମାତ୍ରେ କଟା ପନିରକୁ ପକାଇ ୨ରୁ ୩ ମିନିଟ୍ ପର୍ଯ୍ୟନ୍ତ ଫୁଟାଇ ଚୁଲା ବନ୍ଦ କରିଦିଅନ୍ତୁ। ଆଞ୍ଚ ବନ୍ଦ କରିବା ମାତ୍ରେ ଗରମମସଲା ମିଶାନ୍ତୁ। ଏବେ ଆପଣଙ୍କ କାଜୁ ପନିର ପ୍ରସ୍ତୁତ ହୋଇଗଲା । ପରେ ସେଥିରେ କଟା ଧନିଆପତ୍ର ପକାଇ ତାକୁ ଗାର୍ନିସ କରିସାରିବା ପରେ ପରଷନ୍ତୁ।

### ଖବର

# ବ୍ରେକ୍‌ଅପ୍ ପରେ ଆଦିତ୍ୟଙ୍କ ସହ ପ୍ରେମ





ଅଭିନେତ୍ରୀ ତାରା ସୂତାରିୟା ଏବେ ଆଦିତ୍ୟ ରୟ କପୁରଙ୍କୁ ଗୋପନରେ ଡେଟ୍ କରୁଛନ୍ତି ! ଏ ନେଇ ଏବେ ବଲିଉଡ୍‌ପ୍ରେମୀଙ୍କ ମଧ୍ୟରେ ପ୍ରବଳ ଚର୍ଚ୍ଚା। ତେବେ ପୂର୍ବତନ ପ୍ରେମିକ ବୀର ପାହାଡ଼ିୟାଙ୍କ ସହିତ ତାଙ୍କର ବ୍ରେକ୍‌ଅପ୍ ହେବା ପରେ ତାରା ନୂଆ ସାଥୀ ରୂପେ ଆଦିତ୍ୟଙ୍କୁ ବାଛିଥିବାର ରୋଚକ ଖବର ନେଇ ସଂପୃକ୍ତ କେହି ହେଲେ ମୁହଁ ଖୋଲି ନାହାନ୍ତି। ଉଲ୍ଲେଖଯୋଗ୍ୟ ଯେ ତାରାଙ୍କ ବ୍ୟକ୍ତିଗତ ଜୀବନ ନେଇ ଏଭଳି ଚର୍ଚ୍ଚା ନୂଆ ନୁହେଁ। ଅତୀତରେ ବୀରଙ୍କ ସହିତ ତାଙ୍କ ସମ୍ପର୍କ ତିକ୍ତ ହେବା ନେଇ ଅନେକ କଥା ଶୁଣିବାକୁ ମିଳିଥିଲା। ଗତ ବର୍ଷ ଗାୟକ ଏପି ଢିଲ୍ଲୋଁଙ୍କ ମୁମ୍ବାଇ କନ୍ ?ସର୍ଟର ମଞ୍ଚକୁ ଚଢ଼ି ତାରା ତାଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଥିବା ବେଳେ ବୀର ଦର୍ଶକ ଗହଣରେ ଥାଇ ହତାଶ ଦିଶୁଥିବାର ଏକ ଭିଡିଓ ଆସିଥିଲା। ତେବେ ପରେ ଉଭୟ ବୀର ଓ ତାରା ସ୍ପଷ୍ଟ କରିଥିଲେ ଯେ ପ୍ରଶଂସକଙ୍କୁ ଭ୍ରମିତ କରିବା ପାଇଁ ଏହି ଭିଡିଓଟିକୁ ଏଡିଟ୍ କରାଯାଇଥିଲା। ତେବେ ତାହାର କିଛି ମାସ ପରେ ସେମାନଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିବା କଥା ଜଣାପଡ଼ିଥିଲା। ତାରା-ବୀର ସମ୍ପର୍କ କିଛି ମାସ ତିଷ୍ଠିଥିବା ବେଳେ ପୂର୍ବରୁ ସେ ଦୀର୍ଘ ସମୟ ଧରି ଅଭିନେତା-ଉଦ୍ୟୋଗୀ ଆଦର ଜୈନଙ୍କ ସହିତ ପ୍ରେମ ସମ୍ପର୍କରେ ଥିଲେ। ସହମତି ଭିତ୍ତିରେ ସେମାନେ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପକାଇବା ପରେ ଗତ ବର୍ଷ ତାରାଙ୍କ ବାନ୍ଧବୀ ଅଲେଖାଙ୍କୁ ଆଦର ବିବାହ କରିଥିଲେ। ଅପରପକ୍ଷେ ଆଦିତ୍ୟଙ୍କ ପ୍ରେମ ଜୀବନ ମଧ୍ୟ କମ୍ ଚର୍ଚ୍ଚିତ ନୁହେଁ। ଅଭିନେତ୍ରୀ ଶ୍ରଦ୍ଧା କପୁର, ମଡେଲ୍ ଦିବା ଧାବନ ଓ ଜର୍ଜିନା ଡି'ସିଲ୍‌ଭାଙ୍କ ସହିତ ଅତୀତରେ ତାଙ୍କର ସମ୍ପର୍କ ଥିବା ଜଣାଶୁଣା କଥା। ତେବେ ତାଙ୍କର ସଦ୍ୟତମ ପ୍ରେମିକା ଥିଲେ ଅନନ୍ୟା ପାଣ୍ଡେ। ସେ ଯାହା ହେଉ, ନୂଆ ଯୋଡ଼ି ପାଲଟିଥିବା ତାରା ଓ ଆଦିତ୍ୟଙ୍କ କ୍ୟାରିଅର୍ ସେତେ ଭଲ ଚାଲୁ ନାହିଁ। ତାରାଙ୍କ ଆଗାମୀ ଚଳଚ୍ଚିତ୍ର 'ଟକ୍ସିକ୍' ମୁକ୍ତିଲାଭ କରିବା ପରେ ତାଙ୍କୁ ବହୁପ୍ରତୀକ୍ଷିତ ସଫଳତା ମିଳିବ ବୋଲି ସେ ଆଶା କରୁଛନ୍ତି।

## ଶୁଭ ବୃକ୍ଷ



ଗୃହର ବିଭିନ୍ନ ସ୍ଥାନରେ ଛୋଟ ଛୋଟ ବୃକ୍ଷ ଲଗାଇଲେ ଧନ ଏବଂ ଐଶ୍ୱର୍ଯ୍ୟ ବୃଦ୍ଧି ହେବା ସହ ପରିବାରରେ ଶାନ୍ତି ବିରାଜମାନ କରିଥାଏ। ଉତ୍ତରପୂର୍ବ ଦିଗରେ ତୁଳସୀ ଗଛ ଲଗାଇଲେ ଘରେ ଲକ୍ଷ୍ମୀ ବିରାଜମାନ କରିଥାନ୍ତି । ପୂର୍ବ ଦିଗରେ ଫୁଲ ଗଛ, ସବୁଜ ଘାସ, ମୌସୁମୀ ଗଛ ଲଗାଇବା ଦ୍ୱାରା ପରିବାର ଲୋକେ ରୋଗରୁ ମୁକ୍ତ ହୋଇଥାନ୍ତି । ପାନ, ଚନ୍ଦନ, ହଳଦୀ, ଲେମ୍ବୁ ଆଦି ଗଛ ପଶ୍ଚିମ-ଉତ୍ତରକୋଣରେ ରଖିଲେ ପରିବାର ଲୋକଙ୍କ ମଧ୍ୟରେ ସ୍ନେହ ବୃଦ୍ଧି ହୋଇଥାଏ । ଦକ୍ଷିଣ-ପଶ୍ଚିମ କୋଣରେ କୁଣ୍ଡରେ କୌଣସି ଭାରୀ ଗଛ ଲଗାଇଲେ ଘରେ ସକାରାତ୍ମକ ବୃଦ୍ଧି ହେବା ସହ ଗୃହକର୍ତ୍ତା ଦୁଃଖରୁ ମୁକ୍ତି ପାଇଥାନ୍ତି । ପଳାସ, ନାଗକେଶକର, ଅରିଷ୍ଟ, ସମୀ ଆଦି ବୃକ୍ଷ ଲଗାଇବା ଦ୍ୱାରା ଘରେ ଶୁଭତା ବିରାଜମାନ କରିଥାଏ । ଘରୁ ବାହାରିବା ସମୟରେ ଡାହାଣ ପାର୍ଶ୍ୱରେ ସମୀ ଗଛ ଦେଖି କାର୍ଯ୍ୟାରମ୍ଭ କରିବା ଶୁଭ ଫଳ ପ୍ରାପ୍ତି ହୋଇଥାଏ । ଘରେ କୁଣ୍ଡରେ ଚମ୍ପା, ଜସ୍ମିନ୍, ଗୋଲାପ ଆଦି ବୃକ୍ଷ ଲଗାଇବା ଦ୍ୱାରା ଉତ୍ତମ ଫଳ ପ୍ରାପ୍ତି ହୋଇଥାଏ । ହେଲେ ଘର ଭିତରେ କଳା ଗୋଲାପ କିମ୍ବା ଲାଲ୍ ଗେଣ୍ଡୁ ଲଗାଇବା ଉଚିତ୍ ନୁହେଁ । ଅଧ୍ୟୟନ କକ୍ଷରେ ଧଳା ରଙ୍ଗର ଫୁଲ ଗଛ ଲଗାଇଲେ ସ୍ମରଣ ଶକ୍ତିରେ ବୃଦ୍ଧି ହୋଇଥାଏ । ଶୟନ କକ୍ଷରେ କୌଣସି ଗଛ ଲଗାଇବା ଉଚିତ୍ ନୁହେଁ ।

## ଅଙ୍ଗୁର ନା କିସମିସ କେଉଁଟା ସ୍ୱାସ୍ଥ୍ୟ ପାଇଁ ଉପକାରୀ



ଫଳ ଏବଂ ଡ୍ରାଏ ଫ୍ରୁଟ ଖାଇବା ଆମ ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି ବିବେଚନା କରାଯାଏ । ତେବେ ଆଜି ଆମେ ଅଙ୍ଗୁର ଏବଂ ସେଥିରୁ ପ୍ରସ୍ତୁତ କିସମିସ୍ ବିଷୟରେ ଜଣାଇବୁ । ଅଙ୍ଗୁର ଏପରି ଏକ ଫଳ ଯାହାର ମିଠା ଏବଂ ଖଟା ସ୍ୱାଦ ଅନେକ ଲୋକଙ୍କୁ ଭଲ ଲାଗିଥାଏ । କିସମିସ୍ ଅଙ୍ଗୁର ଶୁଖାଇବା ଦ୍ୱାରା ପ୍ରସ୍ତୁତ ହୋଇଥାଏ ଯାହାକୁ ଅନେକ ଲୋକ ପସନ୍ଦ କରନ୍ତି । ଏହା ମିଠା ଖାଦ୍ୟ ସଜାଇବା ପାଇଁ ବ୍ୟବହୃତ ହୋଇଥାଏ । ଅଙ୍ଗୁରରେ ୮୦ ପ୍ରତିଶତ ଜଳ ଥାଏ, ତେବେ ଏହାକୁ ଶୁଖାଇବା ଦ୍ୱାରା ସେ କିସ୍‌ମିସ୍‌ରେ ପରିଣତ ହୋଇଥିବା, ଏହା ଦ୍ୱାରା ସେଥିରେ ଜଳ ମାତ୍ର ୧୫ ପ୍ରତିଶତକୁ କମ୍ ହୋଇଯାଏ ।

ବର୍ତ୍ତମାନ ପ୍ରଶ୍ନ ଉଠିଛି ଯେ ଯେତେବେଳେ ଉଭୟ ଅଙ୍ଗୁର ଏବଂ କିସମିସ୍ ସ୍ୱାସ୍ଥ୍ୟ ପାଇଁ କେଉଁଟା ଲାଭଦାୟକ ? ତେବେ କେଉଁ ଜିନିଷକୁ ଅଧିକ ସୁସ୍ଥ ବୋଲି ବିବେଚନା କରାଯିବା ଉଚିତ୍ ତାହେଲେ ଆସନ୍ତୁ ଜାଣିବା ଯେ ଏହି ଦୁଇଟି ଜିନିଷରୁ କେଉଁ ଜିନିଷ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ ।

କିସମିସ୍ ଖାଇବାର ଲାଭ : କିସମିସ୍‌ରେ ଅଙ୍ଗୁର ଅପେକ୍ଷା ଅଧିକ କ୍ୟାଲୋରୀ ଥାଏ । ବାସ୍ତବରେ ଅଙ୍ଗୁର ଶୁଖିବା ପରେ କିସମିସ୍ ପ୍ରସ୍ତୁତ କରାଯାଏ । ଏହି ପ୍ରକ୍ରିୟାରେ, ଚିନି ଏବଂ ଆଣ୍ଟିଅକ୍ସିଡାଣ୍ଟ ବ୍ୟବହାର କରାଯାଏ । ଯାହା କ୍ୟାଲୋରୀରେ ଭରପୁର । ଯଦି ଆପଣ ଅଧା କପ୍ ଅଙ୍ଗୁର ଖାଆନ୍ତି, ତେବେ ଆପଣଙ୍କୁ କେବଳ ୩୦ କ୍ୟାଲୋରୀ ମିଳିବ । ଏଥିସହ କିସମିସକୁ ଫାଇବରର ଏକ ଭଲ ଉତ୍ସ ବୋଲି ବିବେଚନା କରାଯାଏ । ଏହା ବ୍ୟତୀତ ଏଥିରେ ଆଇରନ୍ ଏବଂ ପୋଟାସିୟମ୍ ପରି ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ ଥାଏ । କିସମିସ୍‌ରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ମଧ୍ୟ ରହିଛି । ଯାହା ଅନ୍ତନଳୀରେ ଥିବା ଜୀବାଣୁକୁ ସନ୍ତୁଳିତ କରିବାରେ ସାହାଯ୍ୟ କରିଥାଏ ।

ଅଙ୍ଗୁର ଖାଇବାର ଲାଭ : ଅଙ୍ଗୁରରେ ଭିଟାମିନ୍ ଉ ଏବଂ ଆଣ୍ଟିଅକ୍ସିଡାଣ୍ଟ ଥାଏ । ଏଥିରେ ଥିବା ପୋଷକ ତତ୍ତ୍ୱ ଆମ ସ୍କିନକୁ ଭଲ ରଖିବାରେ ସାହାଯ୍ୟ କରିଥାଏ । ଏହା କେବଳ ସ୍କିନ ସମସ୍ୟାରୁ ରକ୍ଷା କରିନଥାଏ ବରଂ କ୍ୟାନ୍ସର ରୋଗରୁ ମଧ୍ୟ ମୁକ୍ତି ଦେଇଥାଏ । ଯଦି ଆପଣ ଅଙ୍ଗୁର ଖାଉଛନ୍ତି, ତେବେ ଏହା ଆପଣଙ୍କୁ ମୁହଁରୁ ଅନେକ ଦାଗ ମଧ୍ୟ ଦୂର କରିବ ।

କିସମିସ୍ ଏବଂ ଅଙ୍ଗୁର ମଧ୍ୟରେ କେଉଁଟି ଅଧିକ ସୁସ୍ଥ : ଉଭୟ ଜିନିଷ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ, କିନ୍ତୁ ଅଙ୍ଗୁର ଅଧିକ ସୁସ୍ଥ ବୋଲି ବିବେଚନା କରାଯାଏ କାରଣ ଯେଉଁ ଜିନିଷରେ କ୍ୟାଲୋରୀ କମ୍ ଥାଏ ତାହା ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ। ତେଣୁ ଆପଣ ପ୍ରତିଦିନ ଫଳ ଖାଇବାକୁ ଚେଷ୍ଟା କରନ୍ତୁ । ଯାହାଦ୍ୱାରା ଆପଣ ସୁସ୍ଥ ରହିବେ ଏବଂ ବିଭିନ୍ନ ପ୍ରକାରର ସମସ୍ୟାରୁ ମଧ୍ୟ ଦୂରେଇ ରହିବେ ।

## ମହର୍ଷି ବଶିଷ୍ଠଙ୍କ ଉଦାରତା



ଦିଗବିଜୟ ପରେ ରାଜା କୌଶିକ ରାଜଧାନୀ ଅଭିମୁଖେ ଫେରୁଥିଲେ। ବାଟରେ ବ୍ରହ୍ମଜ୍ଞାନୀ ମହର୍ଷି ବଶିଷ୍ଠଙ୍କ ଆଶ୍ରମ ପଡ଼ିଲା। ଭାବିଲେ, ମହାମୁନିଙ୍କ ଦର୍ଶନ କରିଦେଇଯିବେ। ଆଶ୍ରମ ଦ୍ୱାର ଦେଶରେ ପହଞ୍ଚିବା ପରେ ବଶିଷ୍ଠ ତାଙ୍କୁ ଭିତରକୁ ଆସି ଅନ୍ନ ଗ୍ରହଣ କରିବା ଲାଗି ଅନୁରୋଧ କଲେ। କୌଶିକ କହିଲେ, ମୁଁ ଏକା ନାହିଁ । ମୋ ସହିତ ଲକ୍ଷ ଲକ୍ଷ ସୈନ୍ୟ ହାତୀ, ଘୋଡ଼ା ରହିଛନ୍ତି । ଆପଣଙ୍କୁ ଅସୁବିଧା ହେବ। ବଶିଷ୍ଠ କହିଲେ, କିଛି ଅସୁବିଧା ନାହିଁ ! ଆପଣ ଆସନ୍ତୁ। ବଶିଷ୍ଠଙ୍କ ନିକଟରେ ଗୋମାତା କାମଧେନୁଙ୍କ ବାଛୁରୀ ନନ୍ଦିନୀ ଥିଲେ। ସେ କୌଶିକଙ୍କ ସମସ୍ତ ସେନାବାହିନୀ ଓ ହାତୀଘୋଡ଼ା ପାଇଁ ଖାଦ୍ୟ ଯୋଗାଡ଼ କରିଦେଲେ। ଏହା ଦେଖି ରାଜା କୌଶିକ ଆଶ୍ଚର୍ଯ୍ୟ ହେଲେ। ଯିବା ବେଳେ ଋଷି ବଶିଷ୍ଠ ତାଙ୍କୁ ଉପହାର ଯାଚିଲେ। ରାଜା କହିଲେ, ଆପଣ ଯଦି କିଛି ଦେବାକୁ ଚାହୁଁଛନ୍ତି, ତା'ହେଲେ ମୋତେ ଏହି ନନ୍ଦିନୀ ଗୋମାତାଙ୍କୁ ଦିଅନ୍ତୁ। କିନ୍ତୁ ବଶିଷ୍ଠ କହିଲେ, ଆପଣ ରାଜା ! ଆପଣଙ୍କ ପାଖରେ ସମସ୍ତ ସମ୍ବଳ ରହିଛି। ମୁଁ ଋଷି ! ସବୁକିଛି ତ୍ୟାଗ କରି ସନ୍ନ୍ୟାସୀ ଜୀବନଯାପନ କରୁଛି। ତେଣୁ ମୋର ସମ୍ବଳ ହେଉଛନ୍ତି ଏହି ନନ୍ଦିନୀ ଗୋମାତା। ତେଣୁ ମୁଁ ଏହାଙ୍କୁ ଆପଣଙ୍କୁ ଦେଇପାରିବି ନାହିଁ । ତା'ଛଡ଼ା ଗୋମାତା ନନ୍ଦିନୀ ଆପଣଙ୍କ ରାଜ୍ୟରେ ରହିଲେ ହୁଏତ' ଅନ୍ୟ କେଉଁ ରାଜା ଆପଣଙ୍କ ରାଜ୍ୟ ଉପରେ ଆକ୍ରମଣ କରିପାରନ୍ତି। ବଶିଷ୍ଠ ଏପରି ଅନେକ ବୁଝାଇଲେ ସୁଦ୍ଧା କୌଶିକ ବୁଝିଲେ ନାହିଁ। ସେ ବଳପୂର୍ବକ ନନ୍ଦିନୀଙ୍କୁ ନେଇଯିବା ଲାଗି ପ୍ରୟାସ କଲେ। ହେଲେ ନନ୍ଦିନୀଙ୍କ ଶରୀରରୁ ଲକ୍ଷ ଲକ୍ଷ ସୈନ୍ୟ ବାହାରିଲେ। ସେମାନେ କୌଶିକଙ୍କ ସେନାବାହିନୀର ବିନାଶ କଲେ। କୌଶିକଙ୍କୁ ପରାଜିତ ହୋଇ ଫେରିଯିବାକୁ ପଡ଼ିଲା। ଏହି ଘଟଣା କୌଶିକଙ୍କ ମନରେ ଗଭୀର ରେଖାପାତ କଲା। ସେ ରାଜ୍ୟସିଂହାସନ ତ୍ୟାଗ କରି କଠୋର ତପସ୍ୟା କଲେ। ବଶିଷ୍ଠଙ୍କ ପରି ବ୍ରହ୍ମଜ୍ଞାନୀ ହେବା ଲାଗି ତାଙ୍କ ମନରେ ଇଚ୍ଛା ଜାଗ୍ରତ ହେଲା। ସିଦ୍ଧି ପ୍ରାପ୍ତ କରିବା ପରେ ସେ ପୁଣି ବଶିଷ୍ଠଙ୍କ ଆଶ୍ରମକୁ ଫେରିଲେ। ସେତେବେଳେ ସେ ବିଶ୍ୱମିତ୍ରଙ୍କ ନାମରେ ପରିଚିତ ହୋଇସାରିଥିଲେ। ସିଦ୍ଧି ମିଳିଥିଲା କିନ୍ତୁ ଅହଂକାର ଯାଇନଥିଲା। ବଶିଷ୍ଠଙ୍କ ଆଶ୍ରମରୁ ପୁଣି ନନ୍ଦିନୀଙ୍କୁ ନେବା ଲାଗି ପ୍ରୟାସ କଲେ। ବଶିଷ୍ଠଙ୍କ ପୁତ୍ରମାନଙ୍କ ସହ ତାଙ୍କର ମୁହାଁମୁହିଁ ହେଲା। କୌଶିକ ସମସ୍ତଙ୍କୁ ହତ୍ୟା କଲେ। ବଶିଷ୍ଠ ଓ ତାଙ୍କ ପତ୍ନୀ ଜୀବନରେ ଦୁଃଖର କଳାବାଦଲ ଘୋଟି ଆସିଲା। ତଥାପି ଉଦାର, କ୍ଷମାଶୀଳ ବଶିଷ୍ଠ କୌଣସି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ। ବିଶ୍ୱାମିତ୍ରଙ୍କୁ ଏଥର ମଧ୍ୟ ଖାଲି ହାତରେ ଫେରିଯାଇଥିଲେ। କାରଣ ସେତେବେଳକୁ ଗୋ-ମାତା ନନ୍ଦିନୀ ସ୍ୱର୍ଗପୁରୀକୁ ଚାଲିଯାଇଥିଲେ। ଅନ୍ୟପଟେ ବିଶ୍ୱାମିତ୍ରଙ୍କ ଏହି କୃତକର୍ମକୁ ଦେବତା, ଋଷି-ମୁନି ସମସ୍ତେ ବିରୋଧ କଲେ। ବିଶ୍ୱାମିତ୍ରଙ୍କ ଚେତା ପଶିଲା। ଅହଂକାରବଶତଃ ମହର୍ଷି ବଶିଷ୍ଠଙ୍କର ସେ ଯେଉଁ କ୍ଷତି କରିଛନ୍ତି ତା'ର ପ୍ରାୟଶ୍ଚିତ କରିବା ଲାଗି ସେ ପୁଣିଥରେ ତପସ୍ୟା କରିବା ଲାଗି ନିଷ୍ପତ୍ତି ନେଲେ। ହଜାର ହଜାର ବର୍ଷ ପର୍ଯ୍ୟନ୍ତ କଠୋର ତପସ୍ୟା ଚାଲିଲା। ତାଙ୍କର ତପଶକ୍ତି ଏତେ ପ୍ରଖର ହୋଇଗଲା ତା'ର ପ୍ରଭାବ ତିନି ପୁରରେ ବ୍ୟାପିଗଲା। ଶେଷରେ ବିଶ୍ୱାମିତ୍ର ତପଭଙ୍ଗ କରି ମହର୍ଷି ବଶିଷ୍ଠଙ୍କୁ କ୍ଷମା ଯାଚନା କରିବା ଲାଗି ମନସ୍ଥ କଲେ। ତେଣୁ ସେ ବଶିଷ୍ଠ ମୁନିଙ୍କ ଆଶ୍ରମ ଅଭିମୁଖେ ଚାଲିଲେ । ସେଠାରେ ପହଞ୍ଚିବା ସମୟରେ ସନ୍ଧ୍ୟା ହୋଇସାରିଥିଲା। ଆଶ୍ରମରେ ମହର୍ଷି ବଶିଷ୍ଠ ଏବଂ ପତ୍ନୀ ଅରୁନ୍ଧତୀ ବସିଥିଲେ। ଅରୁନ୍ଧତୀ କହୁଥିଲେ, ସ୍ୱାମୀ ! ଆଜି ଆକାଶରେ ଚନ୍ଦ୍ରଙ୍କ ଆଲୋକ କେତେ ସୁନ୍ଦର ଦିଶୁଛି। ଘନ ଅନ୍ଧାର ରାତ୍ରୀ ଚନ୍ଦ୍ରଙ୍କ ଆଲୋକରେ ଆଲୋକିତ ହୋଇ ଉଠୁଛି। ଚତୁର୍ଦ୍ଦିଗ ପ୍ରକାଶମାନ ହୋଇଉଠୁଛି । ତାଙ୍କ କଥା ଶୁଣି ମହର୍ଷି ବଶିଷ୍ଠ କହିଲେ, ନା ଦେବୀ ! ପ୍ରକାଶ ଦେଖିବାର ଅଛି ତ' ମହର୍ଷି ବିଶ୍ୱାମିତ୍ରଙ୍କ ତପସ୍ୟାର ପ୍ରକାଶକୁ ଦେଖ। ଯାହା ଏବେ ତିନି ପୁରରେ ବ୍ୟାପିଯାଇଛି। ମହର୍ଷି ବଶିଷ୍ଠଙ୍କ ଉପମା ଶୁଣି ବିଶ୍ୱାମିତ୍ର ତୁରନ୍ତ ଯାଇ ତାଙ୍କ ପାଦ ତଳେ ପଡ଼ିଗଲେ। ସେ କରିଥିବା ପାପ ପାଇଁ ତାଙ୍କୁ କଠୋରରୁ କଠୋରତମ ଦଣ୍ଡ ଦେବା ଲାଗି ପ୍ରାର୍ଥନା କଲେ। ମହର୍ଷି ବଶିଷ୍ଠ କିନ୍ତୁ ତାଙ୍କୁ କ୍ଷମା ଦେଲେ। ଅନ୍ୟପଟେ ତପଶକ୍ତି ପାଇଁ ତାଙ୍କୁ ବ୍ରହ୍ମର୍ଷି ପଦବୀ ପ୍ରଦାନ କଲେ ।

## ତ୍ୱଚା କୁଂଚନ ଦୂର କରିବ ନଡିଆ ତେଲ

ସାଧାରଣତଃ ବୟସ ବଢ଼ିବା ସହ ଧୀରେ ଧୀରେ ସୌନ୍ଦର୍ଯ୍ୟ ମଧ୍ୟ ହ୍ରାସ ପାଇଥାଏ। ବିଶେଷ କରି ଏହାର ପ୍ରଭାବ ମୁଖ୍ୟତଃ ମୁହଁରେ ପ୍ରଥମେ ଦେଖାଯାଇଥାଏ। ଆଖି ତଳ କଳା ପଡିବା, ଚର୍ମ କୁଂଚନ ବା ରିଙ୍କଲ୍ସ ହେବା ଭଳି ସମସ୍ୟା ଆସିଥାଏ । ଏହି ସମସ୍ୟାକୁ ଦୂର କରିବା ପାଇଁ ଅନେକ ଲୋକେ ଡାକ୍ତରଙ୍କ ସହାୟତା ନେଇଥାନ୍ତି। ତେବେ କମ୍ ଖର୍ଚ୍ଚରେ ମଧ୍ୟ ଘରୋଇ ଉପଚାରରେ ଏହି ସମସ୍ୟାରୁ ମୁକ୍ତି ମିଳିପାରିବ।



ଭଗୋଟିଏ ଚାମଚ ଦହି ସହ ଗୋଟିଏ ଚାମଚ ମହୁ ମିଶାନ୍ତୁ । ଏଥିରେ କିଛି ବୁନ୍ଦା ଗୋଲାପ ଜଳ ପକାଇ ଏକ ମିଶ୍ରଣ ତିଆରି କରନ୍ତୁ। ଏହାକୁ ୨୦ ମିନିଟ ଯାଏଁ ମୁହଁରେ ଲଗାଇ ରଖନ୍ତୁ। ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହା ଦ୍ୱାରା ମୁହଁରୁ ରିଙ୍କଲ୍ସ ଦୂର ହେବା ସହ ତ୍ୱଚା ସଫା ହୋଇଯାଇଥାଏ।

ଭ ଗୋଟିଏ ଚାମଚ ନଡିଆ ତେଲରେ ଗୋଟିଏ ଚୁଟକି ହଳଦି ପାଉଡର ମିଶାନ୍ତୁ। ଏହି ମିଶ୍ରଣକୁ ରିଙ୍କଲ୍ସ ହୋଇଥିବା ସ୍ଥାନରେ ଲଗାଇ ୨୦ ମିନିଟ୍ ପର୍ଯ୍ୟନ୍ତ ଛାଡି ଦିଅନ୍ତୁ। ଏହାପରେ ଧୋଇ ଦିଅନ୍ତୁ।। ତେଲରେ ମୁହଁର ମାଲିସ କରନ୍ତୁ । ସକାଳୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ତ୍ୱଚା ହାଇଡ୍ରେଟ ହେବା ସହ ରିଙ୍କଲ୍ସ ଦୂର ହୋଇଥାଏ।

ଭ ଏଲୋବେରା ଜେଲ, ଦହି ଏବଂ କାକୁଡି ରସକୁ ଏକାଠି ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ୨୦ ମିନିଟ ଯାଏଁ ମାଲିସ କରି ଧୋଇ ଦିଅନ୍ତୁ।

ଭଦହିରେ କାକୁଡି ରସ ମିଶାଇ ୨୦ ମିନିଟ ପର୍ଯ୍ୟନ୍ତ ମୁହଁରେ ଏହି ପେଷ୍ଟକୁ ଲଗାଇ ରଖନ୍ତୁ। ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ସପ୍ତାହ ଭିତରେ ୨ ରୁ ୩ ଥର ଏହି ଉପାୟକୁ କରନ୍ତୁ। ଏହାଦ୍ୱାରା ତ୍ୱଚାର ଉଜ୍ଜ୍ୱଳତା ବଢ଼ିବା ସହ ମୁହଁରେ ପଡିଥିବା କୁଂଚନ ବା ରିଙ୍କଲ୍ସ ମଧ୍ୟ ଧୀରେ ଧୀରେ କମିଯିବ।

# ସାଂଘାଇ ବିଶ୍ୱ ଦକ୍ଷତା ମହାକୁମ୍ଭରେ ୧୩ ଓଡ଼ିଆ ପ୍ରତିଭା

ଭୁବନେଶ୍ୱର, ୨୩।୯ (କେଏନଏସ): ସେପ୍ଟେମ୍ବର ୨୨ରୁ ୨୭ତାରିଖ ମଧ୍ୟରେ ଚୀନର ସାଂଘାଇରେ ଆୟୋଜନ ହେଉଥିବା ୪୮ତମ ୱାର୍ଲଡ ସ୍କିଲ୍ସ କମ୍ପିଟିସନ-୨୦୨୬ରେ ଓଡିଶାରୁ ୧୩ଜଣ ପ୍ରତିଯୋଗୀ ଭାଗ ନେଉଛନ୍ତି। ସାଂଘାଇର ନ୍ୟାସନାଲ ଏକ୍ସିବିସନ ଆଣ୍ଡ କନଭେନସନ ସେଂଟରରେ ଏହି ପ୍ରତିଯୋଗିତା ଆୟୋଜନ ହେଉଛି । ଏହି ଅର୍ନ୍ତଜାତୀୟ ପ୍ରତିଯୋଗିତରେ ଭାରତ ସମେତ ୭୦ଟି ରାଷ୍ଟ୍ରର ପ୍ରାୟ ୧୪୦୦ ଯୁବକ-ଯୁବତୀ ମୋଟ୍ ୬୪ଟି ବର୍ଗରେ ପ୍ରତିଦ୍ୱନ୍ଦିତା କରୁଛନ୍ତି । ୱାର୍ଲଡ ସ୍କିଲ୍ସ କମ୍ପିଟିସନରେ ଭାଗ ନେବା ପୂର୍ବରୁ ପ୍ରତ୍ୟେକ ରାଷ୍ଟ୍ର ସେମାନଙ୍କର ଆଂଚଳିକ ଏବଂ ଜାତୀୟସ୍ତରୀୟ ପ୍ରତିଯୋଗିତା ଆୟୋଜନ କରି ସେଥିରୁ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ଏହି ପ୍ରତିଯୋଗିତା ପାଇଁ ଚୟନ କରିଛନ୍ତି । ଏହି କ୍ରମରେ ଭାରତରେ ଆୟୋଜିତ ଇଣ୍ଡିଆ ସ୍କିଲ୍ସ କମ୍ପିଟିସନରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀ ସାଂଘାଇ ୱାର୍ଲଡ ସ୍କିଲ୍ସ ପ୍ରତିଯୋଗିତା ପାଇଁ ଚୟନ ହୋଇଛନ୍ତି ।




ପୂର୍ବରୁ ନୂଆଦିଲ୍ଲୀରେ ଆୟୋଜିତ ଇଣ୍ଡିଆ ସ୍କିଲ୍ସ କମ୍ପିଟେସନ-୨୦୨୫-୨୬ ରେ ସର୍ବାଧିକ ପଦକ ହାସଲ କରି, ପଦକ ତାଲିକାର ଶୀର୍ଷରେ ରହିଥିଲା ଓଡ଼ିଶା । ସେଥିମଧ୍ୟରୁ ଶ୍ରେଷ୍ଠ ୧୩ ଜଣ ଭାରତୀୟ ଦଳରେ ସାମିଲ ହୋଇ, ସାଂଘାଇରେ ୱାର୍ଲ୍ଡ ସ୍କିଲ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଥିଲେ । ସେହି ୧୩ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ଅଛନ୍ତି ; ଲ୍ୟାଣ୍ଡସ୍କେପ ଗାର୍ଡେନିଂରେ ଦେବାଶିଷ ଗୌଡ଼ ଓ ପ୍ରସାଦ କୁମାର ଦାସ, ୱେବ ଟେକ୍ନୋଲୋଜିରେ ପ୍ରିୟାଂଶୁ ଦେ, ହୋଟେଲ ରିସେପସନରେ ରଶ୍ମିତା କୌର ହଂସପାଳ, ଅଟୋନୋମସ ମୋବାଇଲ ରୋବୋଟିକ୍ସରେ ଦେବାଶିଷ ପଣ୍ଡା ଓ ଆଦିତ୍ୟ ପ୍ରକାଶ, ୱାଟର ଟେକ୍ନୋଲୋଜିରେ ପିତାମ୍ବରମ ଋଷିକେଶ, ଗ୍ରାଫିକ୍ସ ଡିଜାଇନିଂରେ ରାଜୀବ ଲୋଚନ ଚାନ୍ଦ, ଇଣ୍ଡଷ୍ଟ୍ରିଆଲ ମେକାନିକ୍ସରେ ଜଗନ୍ନାଥ ମିଶ୍ର, ରେସ୍ତୋରାଁ ସର୍ଭିସରେ ଝାନସୀରାଣୀ ରାଉତ, ପାଟିସେରୀ ଆଣ୍ଡ କନଫେକ୍ସନାରୀରେ କ୍ରିଷ୍ଟାଞ୍ଜଳି ସାହୁ, ସିଏନସି ଟର୍ନିଂରେ ପର୍ଶୁରାମ ମାଝୀ ଏବଂ ଇଣ୍ଡଷ୍ଟ୍ରିଆଲ କଂଟ୍ରୋଲରେ ସୁମିତ ଭୁଜବଳ।

ଭାରତୀୟ ଦଳ ପ୍ରତିଯୋଗିତାରେ ଭାଗ ନେବା ପାଇଁ ନୂଆଦିଲ୍ଲୀରୁ ବ୍ୟାଙ୍ଗକକ୍ ଦେଇ ସାଂଘାଇରେ ପହଞ୍ଚିଛନ୍ତି । ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ଏହି ପ୍ରତିଯୋଗିତାରେ ଭାରତ ଭଲ ପ୍ରଦର୍ଶନ କରିବା ନେଇ ଆଶା ରଖିଥିବା ବେଳେ, ଓଡ଼ିଶାର ୧୩ ଜଣ ପ୍ରତିଯୋଗୀ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

ଓଡ଼ିଶାର ଏହି ୧୩ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଆଇ.ଟି.ଆଇ, ବ୍ରହ୍ମପୁରର ଦୁଇ ଜଣ ଛାତ୍ର ଦେବାଶିଷ ଗୌଡ଼ ଏବଂ ପ୍ରସାଦ କୁମାର ଦାସ ଲ୍ୟାଣ୍ଡସ୍କେପ ଗାର୍ଡେନିଂ ବର୍ଗରେ ଭାରତର ପ୍ରତିନିଧିତ୍ୱ କରୁଛନ୍ତି । ଉଭୟ ନୂଆଦିଲ୍ଲୀରେ ଅନୁଷ୍ଠିତ ଇଣ୍ଡିଆ ସ୍କିଲ୍ସ-୨୦୨୫-୨୬ରେ ଶ୍ରେଷ୍ଠ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ସାଂଘାଇ ଗସ୍ତ ପୂର୍ବରୁ ଉଭୟ ଅହମଦାବାଦ୍ ଏବଂ ନୋଏଡାରେ ଜୋରଦାର ଅଭ୍ୟାସ କରିବା ସହ, ପ୍ରଶିକ୍ଷକଙ୍କଠାରୁ ପରାମର୍ଶ ଗ୍ରହଣ କରିଥିଲେ।

ୱାର୍ଲଡ ସ୍କିଲ୍ସ କମ୍ପିଟେସନ ପୂର୍ବରୁ ଓଡ଼ିଶା ସ୍କିଲ୍ସ-୨୦୨୫-୨୬ ଏବଂ ଇଣ୍ଡିଆ ସ୍କିଲ୍ସ-୨୦୨୫-୨୬ ରେ ସଫଳତା ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ଦକ୍ଷତା ପୁରସ୍କାର ପ୍ରଦାନ କରାଯାଇଥିଲା। ବିଗତ ବର୍ଷ ଭଳି, ଏଥର ମଧ୍ୟ ୱାର୍ଲଡ ସ୍କିଲ୍ସ କମ୍ପିଟିସନରେ ଓଡ଼ିଶାର ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରି ସଫଳତା ହାସଲ କରିବା ସହ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିବେ ବୋଲି ଆଶା କରାଯାଉଛି ।

## ନିର୍ମଳ ମିଶ୍ର ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସର 'ରାଜ୍ୟ ସଂଯୋଜକ'

ଭୁବନେଶ୍ୱର, ୨୩।୯ (କେଏନଏସ): କଟକ ଜିଲ୍ଲା ଅନ୍ତର୍ଗତ ସାଲେପୁର ଅଂଚଳର ଜଣେ ବରିଷ୍ଠ କୃଷକ ନେତା ନିର୍ମଳ କୁମାର ମିଶ୍ର ଙ୍କୁ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସର 'ରାଜ୍ୟ ସଂଯୋଜକ' ଭାବେ ନିଯୁକ୍ତି ଦିଆଯାଇଛି । ପ୍ରଦେଶ କିଷାନ କଂଗ୍ରେସର ଅଧ୍ୟକ୍ଷ ଅଭୟ ସାହୁ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି । କଂଗ୍ରେସ ପକ୍ଷରୁ ଜାରୀ ଏକ ପ୍ରେସ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି ।

## ଶୁଟରଙ୍କୁ ମୁଖ୍ୟମନ୍ତ୍ରୀ ମାଝୀଙ୍କ ଅଭିନନ୍ଦନ

ଭୁବନେଶ୍ୱର, ୨୩।୯ (କେଏନଏସ): ଏସିଆନ ଗେମ୍ସ ୨୦୨୬ର ମହିଳା ୧୦ ମିଟର ଏୟାର ରାଇଫଲ ଟିମ୍ ଇଭେଂଟରେ ରୌପ୍ୟ ପଦକ ଜିତିଥିବା ଭାରତୀୟ ଶୁଟର ସୋନମ ଉତ୍ତମ ମାସ୍କର, ଏଲାଭେନିଲ ଭାଲାରିଭାନ ଏବଂ ବିଦର୍ଷା କେ. ବିନୋଦଙ୍କୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆ ମାଧ୍ୟମରେ ତିନିଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ଦେଶ ପାଇଁ ଗୌରବ ଆଣିଥିବାରୁ ପ୍ରଶଂସା କରିଛନ୍ତି। ଏଥିସହ ମହିଳା ୧୦ ମିଟର ଏୟାର ରାଇଫଲ ବ୍ୟକ୍ତିଗତ ଇଭେଂଟରେ ମଧ୍ୟ ରୌପ୍ୟ ପଦକ ଜିତିଥିବା ଏଲାଭେନିଲ ଭାଲାରିଭାନଙ୍କୁ ମୁଖ୍ୟମନ୍ତ୍ରୀ ବିଶେଷ ଅଭିନନ୍ଦନ ଜଣାଇଛନ୍ତି। ଟିମ୍ ଇଭେଂଟ ସହ ବ୍ୟକ୍ତିଗତ ଇଭେଂଟରେ ମଧ୍ୟ ରୌପ୍ୟ ପଦକ ଜିତି ଏଲାଭେନିଲ ଦ୍ୱିତୀୟ ପଦକ ହାସଲ କରିଥିବାରୁ ଏହା ଦେଶ ପାଇଁ ଗର୍ବର ବିଷୟ ବୋଲି ସେ ଉଲ୍ଲେଖ କରିଛନ୍ତି।

# ୫ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦ ଡିଏନବି ସିଟ୍‌କୁ ମାନ୍ୟତା

ଭୁବନେଶ୍ୱର, ୨୩।୯ (କେଏନଏସ): ଓଡ଼ିଶାରେ ଗୁଣାତ୍ମକ ଚିକିତ୍ସା ଶିକ୍ଷା ଓ ବିଶେଷଜ୍ଞ ଡାକ୍ତର ସୃଷ୍ଟି କ୍ଷେତ୍ରରେ ଆଉ ଏକ ଉଲ୍ଲେଖନୀୟ ସଫଳତା ହାସଲ ହୋଇଛି। ନେସନାଲ ବୋର୍ଡ଼ ଅଫ ଏଗଜାମିନେସନ ଇନ ମେଡିକାଲ ସାଇନ୍ସ ପକ୍ଷରୁ ରାଜ୍ୟର ବିଭିନ୍ନ ସରକାରୀ ଚିକିତ୍ସାଳୟକୁ ପୋଷ୍ଟଗ୍ରାଜୁଏଟ୍ ମେଡିକାଲ୍ ଶିକ୍ଷା ପାଇଁ ମାନ୍ୟତା ପ୍ରଦାନ କରାଯାଇଛି।

ଏହି କ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜଗତସିଂହପୁର; ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜୟପୁର (କୋରାପୁଟ); ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଫୁଲବାଣୀ (କନ୍ଧମାଳ); ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଢେଙ୍କାନାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ରାୟଗଡ଼ାକୁ ଶିଶୁ ରୋଗରେ ଡିପ୍ଲୋମା ପାଠ୍ୟକ୍ରମ ପାଇଁ ନେସନାଲ ବୋର୍ଡ଼ ଅଫ ଏଗଜାମିନେସନ ଇନ ମେଡିକାଲ ସାଇନ୍ସ ମାନ୍ୟତା ମିଳିଛି। ପ୍ରତ୍ୟେକ ଅନୁଷ୍ଠାନରେ ୨ଟି ଲେଖାଏଁ ସିଟ୍, ଅର୍ଥାତ୍ ମୋଟ ୧୦ଟି ସିଟ୍ ଉପଲବ୍ଧ ହେବ।

ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜଗତସିଂହପୁର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅନୁଗୁଳକୁ ପ୍ରସୂତି ଓ ସ୍ତ୍ରୀରୋଗ ବିଜ୍ଞାନରେ ଡିପ୍ଲୋମା ପାଠ୍ୟକ୍ରମ ପାଇଁ ମାନ୍ୟତା ପ୍ରଦାନ କରାଯାଇଛି। ଜଗତସିଂହପୁରରେ ୨ଟି ଏବଂ ଅନୁଗୁଳରେ ୧ଟି ସିଟ୍ ରହିବ।

ଏହା ସହିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ୍ ଆଣ୍ଡ ହସ୍ପିଟାଲ୍, କୋରାପୁଟକୁ ଆନାସ୍ଥେସିଓଲୋଜି ଓ ମେଡ଼ିସିନରେ ମୋଟ ୪ଟି ଡିଏନବି ସିଟ୍ ପାଇଁ ନେସନାଲ ବୋର୍ଡ଼ ଅଫ ଏଗଜାମିନେସନ ଇନ ମେଡିକାଲ ସାଇନ୍ସ ମାନ୍ୟତା ମିଳିଛି। ଏହି ଉପଲବ୍ଧି ଫଳରେ ରାଜ୍ୟର ଜିଲ୍ଲାସ୍ତରୀୟ ଚିକିତ୍ସାଳୟଗୁଡ଼ିକରେ ବିଶେଷଜ୍ଞ ଡାକ୍ତର ତିଆରି ପାଇଁ ଅଧିକ ସୁଯୋଗ ସୃଷ୍ଟି ହେବା ସହ ରାଜ୍ୟର ଦୁର୍ଗମ ଓ ଅପହଂଚ ଅଂଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବାରେ ଏହା ସହାୟକ ହେବ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, " ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାର ସରକାରୀ ଚିକିତ୍ସାଳୟଗୁଡ଼ିକୁ ଉଚ୍ଚମାନର ଚିକିତ୍ସା ଶିକ୍ଷା ଓ ପ୍ରଶିକ୍ଷଣର କେନ୍ଦ୍ର ଭାବେ ବିକଶିତ କରିବା ଆମ ସରକାରଙ୍କର ପ୍ରମୁଖ ଲକ୍ଷ୍ୟ। ଜଗତସିଂହପୁର, କୋରାପୁଟ, କନ୍ଧମାଳ, ଢେଙ୍କାନାଳ, ରାୟଗଡ଼ା ଓ ଅନୁଗୁଳର ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକୁ ନେସନାଲ ବୋର୍ଡ଼ ଅଫ ଏଗଜାମିନେସନ ଇନ ମେଡିକାଲ ସାଇନ୍ସ ମାନ୍ୟତା ମିଳିବା ଏହି ଦିଗରେ ଏକ ଉତ୍ସାହଜନକ ପଦକ୍ଷେପ। ଏହା ଦ୍ୱାରା ରାଜ୍ୟରେ ବିଶେଷଜ୍ଞ ଡାକ୍ତର ସୃଷ୍ଟି ପାଇଁ ଅଧିକ ସୁଯୋଗ ମିଳିବ ଏବଂ ଆଗାମୀ ଦିନରେ ଲୋକଙ୍କ ନିକଟରେ ଉନ୍ନତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ।"

ସେ ଏହି ସଫଳତା ପାଇଁ ସମ୍ପୃକ୍ତ ମେଡିକାଲ୍ କଲେଜ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଡାକ୍ତର, ନର୍ସିଂ ଅଧିକାରୀ ଓ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ଅଭିନନ୍ଦନ ଜଣାଇବା ସହ ରାଜ୍ୟର ଚିକିତ୍ସା ଶିକ୍ଷା ଓ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବା ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ କାର୍ଯ୍ୟକ୍ରମରେ ସନ୍ଦର୍ଭ ଉପସ୍ଥାପନ କଲେ ସଚିବ

ଭୁବନେଶ୍ୱର ୨୩।୯ (କେଏନଏସ): ଓଡ଼ିଶା ନିଜର ଅଭିଜ୍ଞତାକୁ କେବେ ସମ୍ପୂର୍ଣ୍ଣ ବୋଲି ଦାବି କରେନାହିଁ, ବରଂ ବୃତ୍ତିଗତ ଆଦାନ-ପ୍ରଦାନର ଭାବନା ସହ ସମୃଦ୍ଧ ପରମ୍ପରା ଓ ନୂତନ ଉଦ୍ଭାବନଗୁଡ଼ିକରୁ ଶିଖିବା ପାଇଁ ସର୍ବଦା ପ୍ରସ୍ତୁତ ରହିଛି । ୧୯୩୬ ମସିହାରେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିବା ଓଡ଼ିଶାରେ ୧୯୩୭ ମସିହା ପ୍ରଥମ ବିଧାନସଭା ୬୦ ଜଣ ସଦସ୍ୟଙ୍କୁ ନେଇ ଆରମ୍ଭ ହୋଇବେଳେ ଏହା ବୃଦ୍ଧି ପାଇଁ ବର୍ତ୍ତମାନ ୧୪୭ରେ ପହଂଚିଛି । ସ୍ୱାଧୀନତା ପୂର୍ବର ସମୟରୁ ଆରମ୍ଭ କରି ଆଧୁନିକ ଡିଜିଟାଲ ବିଧାନସଭା ପର୍ଯ୍ୟନ୍ତ ଗଣତାନ୍ତ୍ରିକ ଉତ୍ତରାଧିକାର ଏବଂ ସାମ୍ପ୍ରତିକ ସଂସ୍କାରର ଏହି ଯାତ୍ରା ନିରନ୍ତର ଚାଲିଛି ବୋଲି ବିଧାନସଭା ସଚିବ ସତ୍ୟବ୍ରତ ରାଉତ କହିଛନ୍ତି ।

ଦକ୍ଷିଣ ଆଫ୍ରିକାର କେପ୍‌ଟାଉନ୍‌ଠାରେ ଆୟୋଜିତ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ସମ୍ମିଳନୀରେ 'ଓଡ଼ିଶା ବିଧାନସଭାର ଉତ୍ତମ କାର୍ଯ୍ୟଶୈଳୀ' ଉପରେ ନିଜର ସନ୍ଦର୍ଭ ଉପସ୍ଥାପନ କରି ଶ୍ରୀ ରାଉତ କହିଛନ୍ତି ଯେ ସପ୍ତଦଶ ବିଧାନସଭାର ପ୍ରଥମ ଦୁଇ ବର୍ଷ ମଧ୍ୟରେ, ଗୃହରେ ୧୦୩ ଦିନ ଅଧିବେଶନ ଅନୁଷ୍ଠିତ ହୋଇଥିଲା ଏବଂ ପ୍ରାୟ ୪୭୦ ଘଂଟା ଧରି ବିଧାନସଭା କାର୍ଯ୍ୟ ସମ୍ପାଦିତ ହୋଇଥିଲା । ଏହା ଭାରତର ଅନ୍ୟ ରାଜ୍ୟ ତୁଳନାରେ ସର୍ବାଧିକ । ବିଭିନ୍ନ ସଂସ୍କାରମୂଳ କାର୍ଯ୍ୟ ଗ୍ରହଣ କରି ଓଡ଼ିଶା ବିଧାନସଭାରେ ଡିଜିଟାଲ୍ ରୂପାନ୍ତରଣ ହାସଲ କରାଯାଇଛି । ନବନିର୍ବାଚିତ ଏବଂ ପ୍ରଥମ ଥର ସଦସ୍ୟମାନଙ୍କ ପାଇଁ ଅଭିମୁଖୀକରଣ କାର୍ଯ୍ୟକ୍ରମ ସହ ଗଣତାନ୍ତ୍ରିକ ଅନୁଷ୍ଠାନ ବିଷୟରେ ଅବଗତ କରାଇବା ପାଇଁ ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀଙ୍କ ନିମନ୍ତେ ଅଧ୍ୟୟନ ପରିଦର୍ଶନ ଆୟୋଜନ କରାଯାଇଛି । ବିଧାନସଭାର ବିଭିନ୍ନ କମିଟିମାନଙ୍କର କାର୍ଯ୍ୟଧାରା ସମ୍ପର୍କରେ ବିଶଦ ଭାବରେ ତଥ୍ୟ ଉପସ୍ଥାପନ କରି ସଚିବ କହିଛନ୍ତି ଯେ ମୋଟ ୩୫ଟି କମିଟି ମଧ୍ୟରୁ ୧୦ଟି ବିଭାଗୀୟ କମିଟି ବିଭିନ୍ନ ବିଭାଗର ପ୍ରାଥମିକତା, ବ୍ୟୟ ଅଟକଳ, ଯୋଜନା ପ୍ରଣୟନ ଓ ସମ୍ବଳର ଉପଯୁକ୍ତ ବିନିଯୋଗ ଉପରେ ଆଲୋଚନା କରି ବଜେଟ ପାଇଁ ପ୍ରସ୍ତାବ ଦେଇଥାନ୍ତି ବୋଲି ସେ କହିଛନ୍ତି ।

ଏଠାରେ ସୂଚନାଯୋଗ୍ୟ ଯେ କେପ୍‌ଟାଉନ୍‌ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫୬ଟି ଦେଶର ୧୮୦ ଜଣ ସଚିବ ଯୋଗଦେଇଥିବାବେଳେ ଓଡ଼ିଶା ବିଧାନସଭାର ସଚିବ ଶ୍ରୀ ରାଉତଙ୍କୁ ସନ୍ଦର୍ଭ ଉପସ୍ଥାପନ କରିବା ପାଇଁ ମନୋନୀତ କରାଯାଇଥିଲା । କାନାଡା, ବାଂଲାଦେଶ ଓ ଅଷ୍ଟ୍ରେଲିଆ ପ୍ରମୁଖ ଦେଶର ସଚିବମାନେ ଏହି ସନ୍ଦର୍ଭର ଭୂୟସୀ ପ୍ରଶଂସା କରିଥିଲେ ।

କାର୍ଯ୍ୟକ୍ରମରେ ଦିଲ୍ଲୀ ବିଧାନସଭାର ନିର୍ଦ୍ଦେଶକ ଡ. ୟୁନିଅନ୍ କୁମାରଙ୍କ ସମେତ ଆନ୍ଧ୍ରପ୍ରଦେଶ, ଆସାମ, ହିମାଚଳ ପ୍ରଦେଶ, ନାଗାଲାଣ୍ଡ, ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶ ବିଧାନସଭାର ସଚିବମାନଙ୍କ ସମେତ ୨୧ଟି ବିଧାନସଭାର ସଚିବ ଯୋଗଦେଇଥିଲେ ।

## ଧାରଣା ପାଇଁ ଅନୁମତି ନ ମିଳିବା ଘଟଣାରେ ଅତିରିକ୍ତ ଡିସିପିଙ୍କୁ ଭେଟିଲେ ଛାତ୍ର କଂଗ୍ରେସ ସଭାପତି

ଭୁବନେଶ୍ୱର, ୨୩।୯ (କେଏନଏସ): ଲୋୟର ପିଏମଜିରେ ଧାରଣା ପାଇଁ ଅନୁମତି ନ ମିଳିବା ଘଟଣାରେ ଅତିରିକ୍ତ ଡିସିପିଙ୍କୁ ଭେଟିଲେ ଛାତ୍ର କଂଗ୍ରେସ ସଭାପତି। ଗତ ୯ ତାରିଖରେ ନିଜର ନ୍ୟାର୍ଯ୍ୟ ଦାବି ନେଇ ଲୋୟର ପିଏମଜିରେ ଧାରଣା ଦେବା ପାଇଁ କ୍ୟାପିଟାଲ ଥାନାରେ ଅନୁମତି ମାଗିଥିଲେ ସ୍ୱାସ୍ଥ୍ୟମିତ୍ରମାନେ। ହେଲେ ସେମାନଙ୍କୁ ଧାରଣା ପାଇଁ ଅନୁମତି ମିଳିନଥିଲା। ବିଧାନସଭା ଚାଲୁଥିବା ସମୟରେ ଧାରଣା ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା। ଏହାକୁ ନେଇ ଆଜି ସ୍ୱାସ୍ଥ୍ୟମିତ୍ରମାନଙ୍କ ସହ ଛାତ୍ର କଂଗ୍ରେସ ସଭାପତି ବିଭୂତି ଭୂଷଣ ମହାପାତ୍ର ଅତିରିକ୍ତ ଡିସିପିଙ୍କୁ ଭେଟି ଆଲୋଚନା କରିଥିଲେ। ଆଲୋଚନା ପରେ ଧାରଣା ପାଇଁ ପୋଲିସ ଅନୁମତି ଦେବ ବୋଲି ଅତିରିକ୍ତ ଡିସିପି ସୂଚନା ଦେଇଥିବା କହିଛନ୍ତି ଛାତ୍ର କଂଗ୍ରେସ ସଭାପତି। ଏଥିସହ ଅନେକ ସାମାଜିକ ସଂଗଠନକୁ ନିଜର ଦାବି ଉପସ୍ଥାପନ ପାଇଁ ସରକାର ଅନୁମତି ଦେଉନଥିବା ଅଭିଯୋଗ କରିଛି ଛାତ୍ର କଂଗ୍ରେସ। ଏହା ସାମ୍ବିଧାନିକ ଅଧିକାରର ଉଲ୍ଲଂଘନ ବୋଲି ଅଭିଯୋଗ କରିବା ସହ ଏ ଦିଗରେ ସରକାର ତୁରନ୍ତ ଧ୍ୟାନ ଦେବାକୁ ଦାବି କରିଛି। ନଚେତ ଏଭଳି ଅରାଜକତାକୁ ଛାତ୍ର କଂଗ୍ରେସ କେବେ ବି ବରଦାସ୍ତ କରିବ ନାହିଁ ବୋଲି କହିଛି।

## ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିଦର୍ଶନ

ଭୁବନେଶ୍ୱର, ୨୩।୯ (କେଏନଏସ): ବିଭାଗର କେନ୍ଦ୍ରାଂଚଳ ଉପନିର୍ଦ୍ଦେଶକ ଶ୍ରୀ ଆଶୁତୋଷ ପାଇକରାୟ ଆଜି ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରି ବିଭାଗୀୟ କାର୍ଯ୍ୟକ୍ରମ ଓ କାର୍ଯ୍ୟଧାରାର ସମୀକ୍ଷା କରିଥିଲେ । ଏହି ଅବସରରେ ସେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ପ୍ରଚାର-ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ସାମାଜିକ ଗଣମାଧ୍ୟମ ଉପଯୋଗରେ ସରକାରୀ ଯୋଜନା, ବିକାଶମୂଳକ କାର୍ଯ୍ୟକ୍ରମ ଓ ଜନହିତକର ପଦକ୍ଷେପ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ପରିଦର୍ଶନ ସମୟରେ ଶ୍ରୀ ପାଇକରାୟ କାର୍ଯ୍ୟାଳୟର ବିଭିନ୍ନ ରେଜିଷ୍ଟର, ନଥି ଓ ଅନ୍ୟାନ୍ୟ ସରକାରୀ ଦସ୍ତାବିଜ ଯାଂଚ କରିବା ସହ କାର୍ଯ୍ୟଳୟର ବିଭିନ୍ନ କାର୍ଯ୍ୟକଳାପର ସମୀକ୍ଷା କରିଥିଲେ।

# ସମ୍ବେଦନଶୀଳ ପ୍ରତିଷ୍ଠାନରେ ପୁଲିସକର୍ମୀଙ୍କ ଭିଡିଓ ତିଆରି ଉପରେ ରୋକ, ଡ୍ୟୁଟି ସମୟରେ ମୋବାଇଲ୍ ବ୍ୟବହାର ମଧ୍ୟ ନିଷେଧ

ଭୁବନେଶ୍ୱର, ୨୩।୯ (କେଏନଏସ): ଭୁବନେଶ୍ୱର-କଟକ ପୁଲିସ କମିଶନରେଟ୍ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ପ୍ରତିଷ୍ଠାନଗୁଡ଼ିକରେ ନିୟୋଜିତ ପୁଲିସକର୍ମୀଙ୍କ ଫଟୋ ଉଠାଇବା ଏବଂ ଭିଡିଓ ରେକର୍ଡିଂ ଉପରେ ରୋକ ଲଗାଇଛି। ସକ୍ଷମ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ବିନା କୌଣସି ଇଲେକ୍ଟ୍ରୋନିକ୍ ଉପକରଣ ମାଧ୍ୟମରେ ଫଟୋ କିମ୍ବା ଭିଡିଓ ତିଆରି କରିବାକୁ ଅନୁମତି ମିଳିବ ନାହିଁ। ଡ୍ୟୁଟିରେ ନିୟୋଜିତ ସୁରକ୍ଷାକର୍ମୀମାନେ ମଧ୍ୟ ମୋବାଇଲ୍ ଫୋନ୍ ବ୍ୟବହାର କରିପାରିବେ ନାହିଁ।



ପୁଲିସ କମିଶନରେଟ୍ ପକ୍ଷରୁ ସେପ୍ଟେମ୍ବର ୧୯ ତାରିଖରେ ଜାରି ହୋଇଥିବା ଆଦେଶରେ କୁହାଯାଇଛି ଯେ, ନିକଟ ଦିନଗୁଡ଼ିକରେ କିଛି ପୁଲିସକର୍ମୀ ନିଜର ଡ୍ୟୁଟି, ନିୟୋଜନ ଓ କାର୍ଯ୍ୟସ୍ଥଳ ସମ୍ପର୍କିତ ଭିଡିଓ ସୋସିଆଲ୍ ମିଡିଆ ତଥା ଅନ୍ୟାନ୍ୟ ସାର୍ବଜନୀନ ପ୍ଲାଟଫର୍ମରେ ସେୟାର କରୁଥିବା ଜଣାପଡ଼ିଛି। କେତେକ କ୍ଷେତ୍ରରେ ଏଭଳି ଭିଡିଓ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକର ଗୋପନୀୟ ସୂଚନା ଓ ସମ୍ବେଦନଶୀଳ ସ୍ଥାନ ସମ୍ପର୍କିତ ତଥ୍ୟ ଅଜାଣତରେ ସାର୍ବଜନୀନ ହୋଇପାରେ।

ଆଦେଶରେ କୁହାଯାଇଛି ଯେ, ଏପରି ଅବହେଳା ଯୋଗୁଁ ସୁରକ୍ଷା ବ୍ୟବସ୍ଥା ପ୍ରଭାବିତ ହୋଇପାରେ। ଏଥିସହ ସମ୍ବେଦନଶୀଳ ସୂଚନା ସାର୍ବଜନୀନ ହେବା ଦ୍ୱାରା ଭବିଷ୍ୟତରେ ସୁରକ୍ଷା ସମ୍ପର୍କିତ ଆହ୍ୱାନ ବୃଦ୍ଧି ପାଇପାରେ।

ଆଦେଶ ଅନୁଯାୟୀ, ଲୋକ ଭବନ, ଲୋକସେବା ଭବନ, ଶ୍ରୀଲିଙ୍ଗରାଜ ମନ୍ଦିର, ଓଡ଼ିଶା ବିଧାନସଭା, ଓଡ଼ିଶା ହାଇକୋର୍ଟ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଅସ୍ତ୍ରାଗାର ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ପ୍ରତିଷ୍ଠାନରେ ନିୟୋଜିତ ପୁଲିସକର୍ମୀମାନେ ସକ୍ଷମ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ବିନା କୌଣସି ଉଦ୍ଦେଶ୍ୟରେ ଫଟୋ କିମ୍ବା ଭିଡିଓ ରେକର୍ଡ କରିପାରିବେ ନାହିଁ।

ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନର ପ୍ରଭାରୀମାନଙ୍କୁ ଏହି ନିର୍ଦ୍ଦେଶାବଳୀର କଡ଼ାକଡ଼ି ଭାବେ ତଦାରଖ କରିବା ସହ ଏପରି କାର୍ଯ୍ୟକଳାପକୁ ରୋକିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଡ୍ୟୁଟିରେ ନିୟୋଜିତ ସୁରକ୍ଷାକର୍ମୀମାନଙ୍କ ପାଇଁ ଡ୍ୟୁଟି ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ କରାଯାଇଛି।

ପୁଲିସ କମିଶନରେଟ୍ ସ୍ପଷ୍ଟ କରିଛି ଯେ, ଆଦେଶର ଉଲ୍ଲଂଘନକୁ ଗୁରୁତ୍ୱର ସହ ନିଆଯିବ ଏବଂ ସମ୍ପୃକ୍ତ ପୁଲିସକର୍ମୀଙ୍କ ବିରୋଧରେ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ପୁଲିସ କମିଶନର ଭୁବନେଶ୍ୱର, କଟକ, ମୁଖ୍ୟାଳୟ, ସଶସ୍ତ୍ର ପୁଲିସ, ସୁରକ୍ଷା ଓ ପ୍ରଶିକ୍ଷଣ ସହ ଜଡ଼ିତ ବରିଷ୍ଠ ଅଧିକାରୀମାନଙ୍କୁ ଏହି ଆଦେଶ ସମ୍ପର୍କରେ ସମସ୍ତ ସମ୍ପୃକ୍ତ ପୁଲିସକର୍ମୀଙ୍କୁ ଅବଗତ କରାଇବା ଏବଂ ଉଲ୍ଲଂଘନ ଘଟିଲେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଭୁବନେଶ୍ୱର ସଂଘ ଗଙ୍ଗାର ଭଗୀରଥ ଗୁରୁ ଚରଣ ଜେନାଙ୍କ ଦେହାନ୍ତ

ଭୁବନେଶ୍ୱର, ୨୩।୯ (କେଏନଏସ): ଭୁବନେଶ୍ୱର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଗଙ୍ଗାର ଭଗୀରଥ, ପ୍ରାକୃତିକ ଚିକିତ୍ସକ, ସମାଜସେବୀ ତଥା ଓଡ଼ିଶା କୃଷି ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଗୁରୁ ଚରଣ ଜେନାଙ୍କର ଆଜି ସକାଳେ ୭୭ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି । ତାଙ୍କ ବିୟୋଗରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ବିଚାର ପରିବାରରେ ଗଭୀର ଶୋକର ଛାୟା ଖେଳିଯାଇଛି । ତାଙ୍କ ବିୟୋଗରେ ସମାଜ ଏକ ଅମୂଲ୍ୟ ରତ୍ନ ହରାଇଲା ତତ୍‌ସହିତ ସଂଘ ଜଣେ କର୍ମଯୋଗୀଙ୍କୁ ହରାଇଲା।

କଟକ ଜିଲ୍ଲା କନ୍ଦରପୁର ନିକଟସ୍ଥ ବ୍ରାହ୍ମଣବାଡ ଗ୍ରାମରେ ୨୧ ସେପ୍ଟେମ୍ବର ୧୯୪୯ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ସେ ଯୁବକ ଅବସ୍ଥାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟରେ ଯୋଗଦେଇଥିଲେ । ସେ ଓୟୁଏଟି ରେ ଚାକିରୀ କରୁଥିବା ସମୟରେ ଜରୁରୀକାଳୀନ ପରିସ୍ଥିତିକୁ ସାମନା କରିଥିଲେ । ଏହି ସମୟରେ ସେ ଭୂମିଗତ ହୋଇ କାର୍ଯ୍ୟ କରିବା ସହିତ ମିସାବନ୍ଦୀରେ ଗିରଫ ହୋଇଥିଲେ । ସ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ନିଷ୍ଠାବାନ ସ୍ୱୟଂସେବକ ଥିଲେ । ତାଙ୍କର ସରଳ ବ୍ୟକ୍ତିତ୍ୱ ଓ ରାଷ୍ଟ୍ର ପ୍ରତି ଅଟଳ ନିଷ୍ଠା ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲା। ତାଙ୍କ ପ୍ରେରଣାରେ ଶହଶହ ଯୁବକ ସଂଘ କାର୍ଯ୍ୟରେ ଯୋଗ ଦେଇଥିଲେ । ଅନେକ ଯୁବକ ସଂଘର ପ୍ରଚାରକ ହୋଇ ବାହାରିଥିଲେ । ସେ ଅନେକ ଲୋକଙ୍କୁ ସ୍ୱାବଲମ୍ବୀ କରି ଗଢି ତୋଳିଛନ୍ତି । ତାଙ୍କ ଦ୍ୱାରା ଭୁବନେଶ୍ୱରରେ ସଂଘକାର୍ଯ୍ୟ ବୃଦ୍ଧି ପାଇଛି । ସେ ଓୟୁଏଟିରେ ଅଧ୍ୟୟନ କରୁଥିବା ଛାତ୍ର ମାନଙ୍କୁ ସଂଘକୁ ଆଣୁଥିଲେ, ସେମାନଙ୍କ ମଧ୍ୟରୁ ଅନେକ ପ୍ରଚାରକ ବାହାରି ଆଜିସୁଦ୍ଧା ସଂଘ କାର୍ଯ୍ୟରେ ସକ୍ରିୟ ଅଛନ୍ତି। ଭୁବନେଶ୍ୱର ୟୁନିଟ-୮ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ସେ



ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ଥିଲେ । ଭୁବନେଶ୍ୱରରେ ରାଷ୍ଟ୍ରୀୟ ବିଚାରଧାରା ପତ୍ରିକା ରାଷ୍ଟ୍ରଦୀପ, ଅର୍ଗାନାଇଜର ଓ ପାଂଚଜନ୍ୟର ପ୍ରସାରରେ ତାଙ୍କର ମହତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ସେ ଏଥିପାଇଁ ଏହି ସମସ୍ତ ପତ୍ରପତ୍ରିକାର ପାଠକମାନଙ୍କୁ ନେଇ ପ୍ରତିବର୍ଷ ପାଠକ ସମ୍ମିଳନୀର ଆୟୋଜନ କରୁଥିଲେ । ସେ ଚାକିରୀରେ ଥିବା ବେଳେ ଏବଂ ଅବସର ନେବାପରେ ପ୍ରାକୃତିକ ଚିକିତ୍ସା କେନ୍ଦ୍ର ମାଧ୍ୟମରେ ଅନେକ ଲୋକଙ୍କର ସେବା କରୁଥିଲେ । ସେ ମଧ୍ୟ ଅନେକ ପ୍ରାକୃତିକ ଚିକିତ୍ସକଙ୍କୁ ତିଆରି କରିଛନ୍ତି ।

ତାଙ୍କ ମରଶରୀର ୟୁନିଟ ୬ ସ୍ଥିତ ସରକାରୀ ଚିକିତ୍ସାଳୟରୁ ସେ ରହୁଥିବା ସୂର୍ଯ୍ୟନଗର ବାସଭବନକୁ , ତାପରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୟୁନିଟ ୮ କୁ ଅଣାଯାଇଥିଲା । ସେଠାରେ ସ୍ଥାନୀୟ ଅଂଚଳର ସମସ୍ତ ଜନତା, ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମା, ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା, ସଂଘର ବିବିଧ କ୍ଷେତ୍ରର କାର୍ଯ୍ୟକର୍ତ୍ତାମାନେ ତାଙ୍କର ଶେଷ ଦର୍ଶନ କରିଥିଲେ। ଏହାପରେ ତାଙ୍କର ମରଶରୀରକୁ ମଂଚେଶ୍ୱର ସ୍ଥିତ ଉତ୍କଳ ବିପନ୍ନ ସହାୟତା ସମିତି ପରିସରକୁ ଅଣାଯାଇଥିଲେ । ସେଠାର ବହୁ ସାଧୁସନ୍ଥଙ୍କ ସମେତ ସଂଘର ଅଖିଳ ଭାରତୀୟ ସଦ୍‌ଭାବନା ପ୍ରମୁଖ ଡ. ଗୋପାଳ ପ୍ରସାଦ ମହାପାତ୍ର, ସହକ୍ଷେତ୍ର ପ୍ରଚାରକ ଜଗଦୀଶ ପ୍ରସାଦ ଖାଡଙ୍ଗା, କ୍ଷେତ୍ର ପ୍ରଚାରକ ପ୍ରମୁଖ ପ୍ରସନ୍ନ କୁମାର ମିଶ୍ର, କ୍ଷେତ୍ର କାର୍ଯ୍ୟବାହ ଦୁର୍ଗା ପ୍ରସାଦ ସାହୁ, ପୂର୍ବତନ ପ୍ରାନ୍ତ ସଂଘଚାଳକ ବିପିନ ବିହାରୀ ନନ୍ଦ, ସଂଘର ଓଡିଶା ପୂର୍ବ ପ୍ରାନ୍ତର ସଂଘଚାଳକ ସମୀର କୁମାର ମହାନ୍ତି, ସହପ୍ରାନ୍ତ ସଂଘଚାଳକ ମନସୁଖଲାଲ ସେଠିଆ, ସହ ପ୍ରାନ୍ତ କାର୍ଯ୍ୟବାହ ଇଂ. ସୁଦର୍ଶନ ଦାସ, ପ୍ରାନ୍ତ ପ୍ରଚାରକ ବିପିନ ପ୍ରସାଦ ନନ୍ଦ, ସହପ୍ରାନ୍ତ ପ୍ରଚାରକ ଅସିତ କୁମାର ସାହୁ, ସମସ୍ତ ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ, ଓଡିଶା ପଶ୍ଚିମ ପ୍ରାନ୍ତର ସଂଘଚାଳକ ଡ.ସନାତନ ପ୍ରଧାନ, ପ୍ରାନ୍ତ କାର୍ଯ୍ୟବାହ ଗଣେଶ ମହାପାତ୍ର, ପ୍ରାନ୍ତ ପ୍ରଚାରକ ଶଙ୍କର ପଣ୍ଡା ଓ ଦୁଇ ପ୍ରାନ୍ତର ପ୍ରଚାର ପ୍ରମୁଖ ସୃଷ୍ଟିଧର ବିଶ୍ୱାଳ ତାଙ୍କର ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ବରିଷ୍ଠ ସାମ୍ବାଦିକ ପାୟଲ ମେହେତାଙ୍କ ବିୟୋଗରେ ଶୋକ

ଭୁବନେଶ୍ୱର: ବରିଷ୍ଠ ସାମ୍ବାଦିକ ପାୟଲ ମେହେତାଙ୍କ ଅକାଳ ବିୟୋଗରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼ଃ ହରି ବାବୁ କମ୍ଭମପାଟି ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କ ସହ ଦୀର୍ଘଦିନର ସମ୍ପର୍କ ଏବଂ ନିକଟ ଅତୀତରେ ହୋଇଥିବା ସାକ୍ଷାତକୁ ମାନ୍ୟବର ରାଜ୍ୟପାଳ ସ୍ମରଣ କରିବା ସହ ସାମ୍ବାଦିକତା ପ୍ରତି ତାଙ୍କର ନିଷ୍ଠା ଓ ସମର୍ପଣକୁ ସ୍ମରଣ କରିଛନ୍ତି । ରାଜ୍ୟପାଳ ଶୋକସନ୍ତପ୍ତ ପରିବାର, ବନ୍ଧୁବର୍ଗ ଓ ସହକର୍ମୀଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ଏହି କଠିନ ସମୟରେ ସମସ୍ତଙ୍କୁ ଧୈର୍ଯ୍ୟ ଓ ଶକ୍ତି ପ୍ରଦାନ ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଓଁ ଶାନ୍ତି।

ବରିଷ୍ଠ ସାମ୍ବାଦିକ ପାୟଲ ମେହେତାଙ୍କ ବିୟୋଗରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରିଛନ୍ତି ।

# ରାଜ୍ୟ ଅନୁସୂଚିତ ଜାତି କଂଗ୍ରେସର ନେତୃତ୍ୱ ବିକାଶ ମିଶନ ବୈଠକ

ଭୁବନେଶ୍ୱର, ୨୩।୯ (କେଏନଏସ): ଓଡ଼ିଶା ପ୍ରଦେଶ କଂଗ୍ରେସର ଅନୁସୂଚିତ ଜାତି ବିଭାଗ ପକ୍ଷରୁ 'ନେତୃତ୍ୱ ବିକାଶ ମିଶନ' ଅନ୍ତର୍ଗତ ଏକ ଆଲୋଚନାଚକ୍ର ଓ ସାମ୍ବାଦିକ ସମ୍ମିଳନୀ ରବିବାର ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଛି । ବିଭାଗର ଅଧ୍ୟକ୍ଷ ଆଇନଜୀବୀ ମାନସ କୁମାର ମଲ୍ଲିକଙ୍କ ଆବାହକତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ରାଷ୍ଟ୍ରୀୟ ସଂଯୋଜକ ତଥା କର୍ଣ୍ଣାଟକର ପୂର୍ବତନ ଏମଏଲସି ଆର. ଧର୍ମସେନା ଯୋଗଦେଇଥିଲେ । ଏହି ଅବସରରେ ଧର୍ମସେନା କହିଥିଲେ ଯେ, ଆଗାମୀ ଦିନରେ ଓଡ଼ିଶାରେ କଂଗ୍ରେସ ସରକାର ଗଠନ କରିବ। ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ବିଧାନସଭା ଓ ଲୋକସଭା ଆସନଗୁଡ଼ିକରେ କଂଗ୍ରେସ ପ୍ରାର୍ଥୀମାନେ ବିଜୟୀ ହେବେ ବୋଲି ସେ ଦୃଢ଼ ଆଶା ପ୍ରକାଶ କରିଥିଲେ। ଏଥିସହ ଜନନାୟକ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଦେଶରେ କଂଗ୍ରେସ ସରକାର ଗଠିତ ହେବ ବୋଲି ସେ ଦାବି କରିଥିଲେ । ବୈଠକରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ସାଂସଦ ମୂରଲୀଧର ଜେନା, ରାଜ୍ୟ ଆଦିବାସୀ କଂଗ୍ରେସ ସଭାପତି ତଥା ପୂର୍ବତନ ସାଂସଦ ଯଶୋବନ୍ତ ସିଂହ ଲାଗୁରି, ବିଭାଗର ପୂର୍ବତନ ଅଧ୍ୟକ୍ଷ ବାଙ୍କନିଧି ବେହେରା, କର୍ଣ୍ଣାଟକର ଯୁବନେତା ମଲେଶ ବୋମାନେଲ୍ଲୁ, କର୍ଣ୍ଣାଟକ ପିସିସି ପ୍ରବକ୍ତା ଯଜାତି କେଶରୀ ନାୟକ ଏବଂ ଆଦିବାସୀ ବିଭାଗର ସାଧାରଣ ସମ୍ପାଦକ ମୋଟରାଜ ଡୁଙ୍ଗଡୁଙ୍ଗ ପ୍ରମୁଖ ଯୋଗଦେଇ ନିଜ ନିଜର ମତ ରଖିଥିଲେ । ଏଥିରେ ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ଜେନା, ପ୍ରତିମା ମଲ୍ଲିକ, ଜାନକୀ ମଲ୍ଲିକ, କ୍ଷୀରୋଦ ଚନ୍ଦ୍ର ପାତ୍ର, ଆଶିଷ ମଲ୍ଲିକ, ସୁରେନ୍ଦ୍ର କୁମାର ଦାସ, କାମଦେବ ବେହେରା, ଶ୍ରୀବସ୍ତ ମଲ୍ଲିକ, ରାଜେନ୍ଦ୍ର ଜେନା, ପ୍ରକାଶ ଜେନା, ପ୍ରମୋଦ ମଲ୍ଲିକ, ସଚ୍ଚିଦାନନ୍ଦ ନାୟକ ଓ ନିମାଇଁ ଜେନାଙ୍କ ସମେତ ବିଭିନ୍ନ ଜିଲ୍ଲାର ନେତା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କୋରାପୁଟରେ ବିଜେଡି ଓ କଂଗ୍ରେସର ବହୁ କର୍ମୀ ବିଜେପିରେ ସାମିଲ

ଭୁବନେଶ୍ୱର /କୋରାପୁଟ, ୨୩।୯ (କେଏନଏସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟଧାରାରେ ପ୍ରଭାବିତ ହୋଇ କୋରାପୁଟରେ ବିଜେଡି ଓ କଂଗ୍ରେସର ବହୁ କର୍ମୀ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି । କୋରାପୁଟ ସର୍କିଟ ହାଉସ୍‌ଠାରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ବିଭିନ୍ନ ଦଳର କର୍ମୀମାନେ ଦଳରେ ଯୋଗ ଦେଇଛନ୍ତି । ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ଏବଂ ଏମଏସଏମଇ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସ୍ଥାନୀୟ ବିଧାୟକ ରଘୁରାମ ମାଛଙ୍କ ସମେତ ଅନ୍ୟ ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ନୂତନ ସଦସ୍ୟମାନଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ।

## ବିଧାନସଭାର ଗାରିମା

ଓଡ଼ିଶା ବିଧାନସଭାର ଅଧିବେଶନ ଆରମ୍ଭ ହୋଇଛି। ୩ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ନଅଟି କାର୍ଯ୍ୟଦିବସ ରହିଛି। ସମୟ ସୀମିତ, କିନ୍ତୁ ଲୋକଙ୍କ ପ୍ରଶ୍ନ ଅସୀମ। ଏହି ସ୍ୱଳ୍ପ ସମୟରେ ଶାସକ ଦଳ ନିଜ କାର୍ଯ୍ୟର ହିସାବ ଦେବାକୁ ପ୍ରସ୍ତୁତ ହେବା ଦରକାର, ବିରୋଧୀ ଦଳ ମଧ୍ୟ ଲୋକଙ୍କ ସମସ୍ୟାକୁ ଠିକ୍ ଓ ଦଲିଲ ସହ ଉଠାଇବା ଦରକାର। କାରଣ ବିଧାନସଭା କୌଣସି ଦଳର ମଂଚ ନୁହେଁ, ଏହା ଓଡ଼ିଶାର ଲୋକଙ୍କ ସ୍ୱରକୁ ଆଇନ, ନୀତି ଓ ପ୍ରଶାସନିକ ନିଷ୍ପତ୍ତିରେ ପରିଣତ କରିବାର ସର୍ବପ୍ରମୁଖ ଗଣତାନ୍ତ୍ରିକ ମଂଚ। ତେଣୁ ଏଥର ଅଧିବେଶନର ସଫଳତା କିଏ କାହାକୁ ରାଜନୈତିକ ଭାବେ ଘେରିଲା, ତାହାରେ ନୁହେଁ, କେତେ ଜନସମସ୍ୟା ଉପରେ ଗଭୀର ଆଲୋଚନା ହେଲା, କେତେ ପ୍ରଶ୍ନର ସ୍ପଷ୍ଟ ଉତ୍ତର ମିଳିଲା ଏବଂ କେତେ ସମାଧାନର ଦିଗ ଖୋଲିଲା, ତାହାରେ ନିର୍ଣ୍ଣୟ ହେବ। ଏହି ଅଧିବେଶନ ଆରମ୍ଭ ପୂର୍ବରୁ ହିଁ ରାଜନୈତିକ ପରିବେଶ ଉତ୍ତପ୍ତ। ବିରୋଧୀ ଦଳଗୁଡ଼ିକ ଅନେକ ପ୍ରସଙ୍ଗକୁ ନେଇ ସରକାରଙ୍କୁ ପ୍ରଶ୍ନ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଅନ୍ୟପଟେ ଶାସକ ଦଳ ମଧ୍ୟ ବିରୋଧୀଙ୍କ ପ୍ରଶ୍ନର ସାମ୍ନା କରିବା ଓ ନିଜ ପକ୍ଷ ରଖିବାକୁ ପ୍ରସ୍ତୁତ ବୋଲି କହିଛି। ଏହି ପରିସ୍ଥିତିରେ ଗଣତନ୍ତ୍ର ପାଇଁ ସବୁଠାରୁ ଆବଶ୍ୟକ ହେଉଛି – ମତଭେଦ ରହୁ, କିନ୍ତୁ ଆଲୋଚନା ଚାଲୁ, ଅଭିଯୋଗ ରହୁ, କିନ୍ତୁ ପ୍ରମାଣ ସହିତ, ସରକାରଙ୍କୁ ପ୍ରଶ୍ନ ହେଉ, କିନ୍ତୁ ଉତ୍ତର ଶୁଣିବା ପାଇଁ ମଧ୍ୟ ସମାନ ଆଗ୍ରହ ରହୁ। ଏହି ଅଧିବେଶନରେ ସବୁଠାରୁ ବଡ ପରୀକ୍ଷା ହୋଇପାରେ ଖଣିଜ ସମ୍ପଦ ଓ ଖଣି ଆଇନର ସଂଶୋଧନ ପ୍ରସଙ୍ଗ। ଏମଏମଡିଆର ସଂଶୋଧନକୁ ନେଇ ବିଜୁ ଜନତା ଦଳ ଓ କଂଗ୍ରେସ ଆପତ୍ତି ଉଠାଇଛନ୍ତି ଏବଂ ଓଡ଼ିଶାର ଖଣିଜ ସ୍ୱାର୍ଥ ଓ ରାଜସ୍ୱ ଉପରେ ଏହାର ପ୍ରଭାବ ନେଇ ପ୍ରଶ୍ନ କରୁଛନ୍ତି। ରାଜ୍ୟ ସରକାର ପକ୍ଷରୁ ଏହାର ଉତ୍ତର ଦିଆଯାଉଛି ଯେ ରାଜ୍ୟର ସ୍ୱାର୍ଥ ସୁରକ୍ଷିତ ରହିବ ଏବଂ ଏହି ବିଷୟରେ ନିୟମିତ ଅଧିବେଶନରେ ଆଲୋଚନା ହୋଇପାରିବ। ଏଠାରେ ରାଜନୈତିକ ଦାବି ଓ ପ୍ରତିବାଦ ଠାରୁ ବଡ ପ୍ରଶ୍ନ ହେଉଛି ଆଇନର ବାସ୍ତବ ପ୍ରଭାବ। କେଉଁ ଧାରାରେ କଣ ପରିବର୍ତ୍ତନ ହେଉଛି, ଓଡ଼ିଶାର ରାଜସ୍ୱ ଉପରେ ତାହାର କଣ ପ୍ରଭାବ ପଡିବ, ଖଣି ଅଂଚଳର ଲୋକଙ୍କ ଅଧିକାର ଓ ପରିବେଶ ସୁରକ୍ଷା ଉପରେ କି ପ୍ରଭାବ ହୋଇପାରେ–ଏହି ପ୍ରଶ୍ନର ଉତ୍ତର ତଥ୍ୟ ଓ ଆଇନଗତ ବ୍ୟାଖ୍ୟା ସହ ଆସିବା ଦରକାର। ଖଣିଜ ସମ୍ପଦ ଓଡ଼ିଶାର ଅର୍ଥନୀତିର ଏକ ମୁଖ୍ୟ ଆଧାର। ତେଣୁ ଏହି ବିଷୟରେ ଦଳୀୟ ରାଜନୀତି ହେବା ସ୍ୱାଭାବିକ ହେଲେ ମଧ୍ୟ ରାଜ୍ୟର ଦୀର୍ଘମିଆଦି ସ୍ୱାର୍ଥକୁ ଦଳୀୟ ସୀମା ଉପରେ ରଖି ଆଲୋଚନା କରାଯିବା ଅଧିକ ଜରୁରୀ। ଦ୍ୱିତୀୟ ବଡ ପ୍ରସଙ୍ଗ ହେଉଛି ପାଠ୍ୟପୁସ୍ତକରେ ଚିହ୍ନଟ ହୋଇଥିବା ତ୍ରୁଟି। ବିରୋଧୀ ଦଳଗୁଡ଼ିକ ଏହି ପ୍ରସଙ୍ଗକୁ ନେଇ ଶିକ୍ଷା ବିଭାଗ ଉପରେ ଗୁରୁତର ପ୍ରଶ୍ନ ଉଠାଇଛନ୍ତି ଏବଂ ଦାୟିତ୍ୱ ନିର୍ଦ୍ଧାରଣ ଦାବି କରିଛନ୍ତି। ସରକାର ଉପରୁ ସୁଧାରମୂଳକ ପଦକ୍ଷେପ ନିଆଯାଉଥିବା କୁହାଯାଉଛି। ଏଠାରେ ରାଜନୈତିକ ଦୋଷାରୋପ ଠାରୁ ବଡ କଥା ହେଉଛି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ। ପାଠ୍ୟପୁସ୍ତକ ହେଉଛି ଶିକ୍ଷାର ମୂଳ ଉପକରଣ। ସେଥିରେ ତଥ୍ୟଗତ କିମ୍ବା ଭାଷାଗତ ଭୁଲ ରହିଲେ ତାହା କେବଳ ଛାପା ତ୍ରୁଟି ହୋଇ ରହେ ନାହିଁ, ଏହା ଛାତ୍ରଙ୍କ ଶିକ୍ଷାକୁ ପ୍ରଭାବିତ କରିପାରେ। ତେଣୁ ବିଧାନସଭାରେ କେତେ ଭୁଲ ଚିହ୍ନଟ ହୋଇଛି, କେଉଁ ପୁସ୍ତକରେ ରହିଛି, କେତେ ଛାତ୍ର ପ୍ରଭାବିତ ହୋଇଛନ୍ତି, ସଂଶୋଧନ କିପରି ହେଉଛି ଏବଂ ଭବିଷ୍ୟତରେ ପାଠ୍ୟପୁସ୍ତକ ଯାଂଚ ପାଇଁ କେମିତି ନୂଆ ବ୍ୟବସ୍ଥା ହେବ – ଏହି ପ୍ରଶ୍ନର ଉତ୍ତର ମିଳିବା ଦରକାର। ଶିକ୍ଷା ଭଳି ସମ୍ବେଦନଶୀଳ କ୍ଷେତ୍ରରେ ଦାୟିତ୍ୱ ନିର୍ଦ୍ଧାରଣ ସହିତ ଭୁଲ ସୁଧାରିବା ମଧ୍ୟ ସମାନ ଜରୁରୀ। ବନ୍ୟା ଓ ଜଳବାୟୁ ସଙ୍କଟ ମଧ୍ୟ ଅଧିବେଶନରେ ଗୁରୁତ୍ୱ ପାଇବା ଆବଶ୍ୟକ। ପ୍ରାକୃତିକ ବିପର୍ଯ୍ୟୟକୁ ସମ୍ପୂର୍ଣ୍ଣ ରୋକିବା ସମ୍ଭବ ନୁହେଁ, କିନ୍ତୁ ପ୍ରସ୍ତୁତି, ଉଦ୍ଧାର, ରାହାତ ଓ ପୁନର୍ବାସ ବ୍ୟବସ୍ଥାକୁ ଦୃଢ଼ କରିବା ସରକାରଙ୍କ ଦାୟିତ୍ୱ। କେତେ ଲୋକ ପ୍ରଭାବିତ ହେଲେ, କେତେ ପରିବାର ସହାୟତା ପାଇଲେ, କୃଷି କ୍ଷତିର ଆକଳନ କିପରି ହେଲା, କ୍ଷତିପୂରଣ କେବେ ମିଳିବ ଏବଂ ଆଗାମୀ ଦିନରେ ବନ୍ୟା ନିୟନ୍ତ୍ରଣ ପାଇଁ ସ୍ଥାୟୀ ଯୋଜନା କଣ – ଏହି ପ୍ରଶ୍ନରେ ସ୍ପଷ୍ଟ ଉତ୍ତର ଦରକାର। ବିପକ୍ଷର କାମ କେବଳ ଅଭିଯୋଗ କରିବା ନୁହେଁ, କେଉଁଠାରେ ପ୍ରଶାସନିକ ତ୍ରୁଟି ହୋଇଛି ତାହା ଦଲିଲ ସହ ଦେଖାଇବା ଏବଂ ଆବଶ୍ୟକ ହେଲେ ବିକଳ୍ପ ପଦକ୍ଷେପ ପ୍ରସ୍ତାବ କରିବା ମଧ୍ୟ ତାହାର ଦାୟିତ୍ୱ। କୃଷକ ପ୍ରସଙ୍ଗ ମଧ୍ୟ ଏଥର ଅଧିବେଶନରେ ଗୁରୁତ୍ୱ ଦାବି କରୁଛି। ଧାନ କିଣା, ଫସଲ କ୍ଷତି, ଚାଷ ଖର୍ଚ୍ଚ, ଜଳସେଚନ, ବଜାର ଦର ଓ କୃଷି ସହାୟତା ଭଳି ବିଷୟ କେବଳ କୃଷି ବିଭାଗର ପ୍ରଶ୍ନ ନୁହେଁ, ଏଗୁଡ଼ିକ ଗ୍ରାମୀଣ ଅର୍ଥନୀତିର ପ୍ରଶ୍ନ। ଚାଷୀଙ୍କ ଆୟ, ଉତ୍ପାଦନ ଓ ଜୀବନ ସୁରକ୍ଷା ନେଇ ସରକାର କଣ କରୁଛି ଏବଂ ତାହାର ଫଳ କଣ–ଏହାର ମୂଲ୍ୟାୟନ ଆବଶ୍ୟକ। ସେହିପରି ବିରୋଧୀ ଦଳଗୁଡ଼ିକ ମଧ୍ୟ କୃଷକଙ୍କ ବାସ୍ତବ ସମସ୍ୟାକୁ ରାଜନୈତିକ ସ୍ଲୋଗାନରେ ସୀମିତ ନରଖି ନିର୍ଦ୍ଦିଷ୍ଟ ସମାଧାନ ରଖିବା ଦରକାର। ମହିଳା ସୁରକ୍ଷା, ଯୁବ ନିଯୁକ୍ତି ଓ ଆଇନଶୃଙ୍ଖଳା ଭଳି ବିଷୟ ମଧ୍ୟ ଜନଜୀବନ ସହ ସିଧାସଳଖ ଜଡିତ। ଏହି ବିଷୟରେ ତଥ୍ୟଭିତ୍ତିକ ଆଲୋଚନା ହେବା ଆବଶ୍ୟକ। କେତେ ଅପରାଧ ଘଟିଛି, ତଦନ୍ତ ସ୍ଥିତି କଣ, ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ ପଦକ୍ଷେପ କେତେ ଦୂର ଆଗେଇଛି ଏବଂ ଅପରାଧ ରୋକିବା ପାଇଁ ପୁଲିସ ଓ ପ୍ରଶାସନ କଣ ନୂଆ ବ୍ୟବସ୍ଥା ନେଇଛି – ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ। କିନ୍ତୁ ପ୍ରତ୍ୟେକ ଅଭିଯୋଗକୁ ନ୍ୟାୟିକ ନିଷ୍ପତ୍ତି ପୂର୍ବରୁ ଅପରାଧ ପ୍ରମାଣିତ ଭାବେ ପ୍ରସ୍ତୁତ କରିବା ମଧ୍ୟ ଉଚିତ ନୁହେଁ। ବିଧାନସଭାର ବିତର୍କର ମର୍ଯ୍ୟାଦା ଏହି ସନ୍ତୁଳନ ଉପରେ ନିର୍ଭର କରେ। ଏଥର ସରକାର ପାଇଁ ଆଉ ଏକ ବଡ ପରୀକ୍ଷା ହେଉଛି–କେବଳ ନିଜ ଉପଲବ୍ଧି କହିବା ନୁହେଁ, ଅସୁବିଧାଜନକ ପ୍ରଶ୍ନର ମଧ୍ୟ ସିଧାସଳଖ ଉତ୍ତର ଦେବା। ଗଣତନ୍ତ୍ରରେ ଶାସନର ଶକ୍ତି କେବଳ ସଂଖ୍ୟା ଗରିଷ୍ଠତାରେ ନୁହେଁ, ଉତ୍ତରଦାୟିତ୍ୱରେ ମଧ୍ୟ ମାପଯାଏ। ଯଦି ବିରୋଧୀ ପ୍ରଶ୍ନ କରେ ଏବଂ ସରକାର ତଥ୍ୟ ସହ ଉତ୍ତର ଦିଏ, ତେବେ ତାହା ଗଣତନ୍ତ୍ରକୁ ଦୁର୍ବଳ କରେ ନାହିଁ, ବରଂ ଆହୁରି ଶକ୍ତିଶାଳୀ କରେ। ସେହିପରି ବିରୋଧୀ ଦଳ ପାଇଁ ମଧ୍ୟ ଦାୟିତ୍ୱ ସମାନ। ସରକାରକୁ ଘେରିବା ରାଜନୀତିର ଅଂଶ ହୋଇପାରେ, କିନ୍ତୁ ପ୍ରତ୍ୟେକ ଅଭିଯୋଗର ପଛରେ ତଥ୍ୟ, ଦଲିଲ ଓ ଯୁକ୍ତି ଥିଲେ ହିଁ ତାହା ବିଧାନସଭାର ଗମ୍ଭୀର ଆଲୋଚନାରେ ପରିଣତ ହୁଏ। ହଙ୍ଗାମା କିଛି ମୁହୂର୍ତ୍ତ ପାଇଁ ରାଜନୈତିକ ଧ୍ୟାନ ଆଣିପାରେ, କିନ୍ତୁ ଜନସମସ୍ୟାର ସମାଧାନ କରେ ନାହିଁ। ତେଣୁ ପ୍ରଶ୍ନୋତ୍ତର, ଶୂନ୍ୟକାଳ, ବିଧେୟକ ଆଲୋଚନା, ବଜେଟ ଓ ନୀତିଗତ ବିତର୍କରେ ପ୍ରତ୍ୟେକ ସଦସ୍ୟଙ୍କ ସମୟର ସଠିକ ବ୍ୟବହାର ହେବା ଦରକାର। ବିଧାନସଭାରେ ଏକ ମିନିଟର ମୂଲ୍ୟ ସାଧାରଣ ରାଜନୈତିକ ସଭାର ଏକ ମିନିଟଠାରୁ ଅଧିକ। କାରଣ ଏଠାରେ କୁହାଯାଉଥିବା କଥା ସରକାରୀ ରେକର୍ଡର ଅଂଶ ହୁଏ, ପ୍ରଶ୍ନର ଉତ୍ତର ଲୋକଙ୍କ ପାଇଁ ତଥ୍ୟର ଦଲିଲ ହୁଏ ଏବଂ ଆଲୋଚନା ଭବିଷ୍ୟତ ନୀତିକୁ ପ୍ରଭାବିତ କରିପାରେ। ତେଣୁ ଅଧିବେଶନ ଅଚଳ କରିବା କୌଣସି ପକ୍ଷ ପାଇଁ ଶେଷ ଲକ୍ଷ୍ୟ ହୋଇପାରିବ ନାହିଁ। ଅସହମତି ଦରକାର, ପ୍ରତିବାଦ ଦରକାର, କଠୋର ପ୍ରଶ୍ନ ମଧ୍ୟ ଦରକାର, କିନ୍ତୁ ଏହି ସବୁକୁ ସଂସଦୀୟ ପଦ୍ଧତିର ମଧ୍ୟରେ ରଖିବା ଦରକାର। ଏଥର ସରକାର ପକ୍ଷରୁ ଛଅଟି ବିଲ୍ ଆଗତ କରିବା ପାଇଁ ପ୍ରସ୍ତୁତି ଚାଲିଥିବା କୁହାଯାଉଛି। ତେଣୁ ପ୍ରତ୍ୟେକ ବିଲ୍ ଉପରେ ଧାରାଭିତ୍ତିକ ଆଲୋଚନା, ଆଇନଗତ ପ୍ରଭାବର ବିଶ୍ଳେଷଣ ଓ ଲୋକଙ୍କ ଉପରେ ପରିଣାମ ବୁଝିବା ଦରକାର। ତୁରନ୍ତ ଭାବେ ବିଲ୍ ପାସ୍ କରିବା କିମ୍ବା କେବଳ ବିରୋଧ କରିବା ଦୁଇଟି ଚରମ ପଥ ହୋଇପାରେ।

# ଶୟନ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଆହର ସମସ୍ତଙ୍କ ଥିବା ପରି ଶୟନ ସମସ୍ତଙ୍କ ଅଛି, ସେ ଯେ କୌଣସି ଜୀବ, ଜନ୍ତୁ, ମନୁଷ୍ୟ, ଉଦ୍ଭିଦ ମରଲୋକର ହୁଅନ୍ତୁ ଏହି ଧାରାରୁ ବାଦ ନୁହଁନ୍ତି। ଏମିତିକି ଦେବତା ଯେ ନର ଗଣ ଅର୍ପିତ ପ୍ରସାଦର ସୂକ୍ଷ୍ମ ଅଂଶ ଗ୍ରହଣ କରିବା ଅନୁଭବ ହୁଏ ସେମାନେ ବି ଶୟନ କରିବାବି ମାନବୀୟ ଅନୁଭବ ଶାସ୍ତ୍ର ମାନଙ୍କରେ ଲିଖିତ ରହିଛି। ଅନେକଙ୍କ ଦେବାଳୟ ବା ଠାକୁର ଘରେ ରାତ୍ରୀ ହେଲେ ଯଦି ଗୁରୁଦେବ ଓ କୌଣସି ଦେବତାଙ୍କ ପ୍ରତିମା ବା ପ୍ରତିମୂର୍ତ୍ତି ବା ଫଟୋ ଚିତ୍ର ପୂଜା ସେବା ହେଉଥାଏ ତେବେ ସେମାନେ ନିଜେ ରାତ୍ର ପୂଜା ଆରତୀ ପରେ ଦେବଶୟନ ପାଇଁ ସୁନ୍ଦର ଶଯ୍ୟା ଦି ବ୍ୟବସ୍ଥା କରି ଗୃହ ବନ୍ଦ କରି ସେ ଦିନ ପାଇଁ ଠାକୁର ଘରୁ ଦୂରେଇ ରହି ସ୍ୱ ବିଶ୍ରାମକୁ ଯାଆନ୍ତି।

ପ୍ରତ୍ୟେକ କାର୍ଯ୍ୟ ଗୁରୁ ହୁଅନ୍ତୁ ବା ଇଷ୍ଟ ଦେବତା ତାଙ୍କ ଦିବ୍ୟ ଦୃଷ୍ଟିରେ ସବୁ କାର୍ଯ୍ୟ ତାଙ୍କ ଉପାସକ ଉପସିକାଗଣଙ୍କ ସଂଦର୍ଶନ କରୁଛନ୍ତି। ଏହି ଭାବ ଆସିଲେ ଯେ କେହି ଅନ୍ୟାୟ, ଅନୀତି, ଅଶାସ୍ତ୍ରୀୟ କାର୍ଯ୍ୟ କେବେ କରିପାରଂ ନାହିଁ। ଯଦି କେହିବି କରିଥାଏ ସେ ବାରମ୍ବାର ଏପରି ସେବା ଆଶ୍ରୟରେ ସଂସ୍କାରିତ ହୋଇଯାଆନ୍ତି। ରାଗ, କ୍ରୋଧ, ହିଂସା, ଆକ୍ରୋଶ, ଲୋଭ, କାମାତୁର ଭାବ, ଦେବଗୁରୁଙ୍କ ବାରବାର ସାନ୍ନିଧ୍ୟରୁ ଦିଗବଦଳ କରେ। ଦେବତା ଗ୍ରହଙ୍କ ସ୍ଥିତି ଅଦୃଶ୍ୟ କିନ୍ତୁ ତାଙ୍କ ପ୍ରତିନିଧି ସଂସାରରେ ଦୃଶ୍ୟ କେହି ବି ଯଦି ଐତିହାସିକ ନାଟକ ଡ୍ରାମା ବା ସାମାଜିକ ନାଟକ ଡ୍ରାମା ଦେଖୁଥାନ୍ତି ଦେଖିବେ ନାଟକ ଡ୍ରାମାରେ ଚରିତ୍ର ଗୁଡ଼ିକ କଳ୍ପିତ ଚରିତ୍ର। ଯାହା ପୂର୍ବରୁ ଥିବା ବା ଘଟୁଥିବା ସମୟର ସତ୍ୟ ଆଧାରର ଛାୟା ଚରିତ୍ର ମାତ୍ର, ପିତୃ, ମାତୃ, ବଡ଼ଭାଇ ସାନ ଭାଇ, ପୁଅ, ଝିଅ, ସ୍ୱାମୀ, ସ୍ତ୍ରୀ ଅନ୍ୟାନ୍ୟ ସମ୍ପର୍କୀୟ, ଶତ୍ରୁ, ମିତ୍ର, ରାଜା, କାନୁନ, ପାପ, ପୁଣ୍ୟ, ଧର୍ମ, ଅଧର୍ମ, ଖାଦ୍ୟପେୟ, ଭୋଗ୍ୟ, ଅଭୋଗ୍ୟ ସବୁ ଗ୍ରହଙ୍କ ପ୍ରତିନିଧି ରୂପେ ରହିଛନ୍ତି। ପ୍ରତ୍ୟେକଙ୍କ ପାଇଁ ଇଷ୍ଟ ଦେବ ମୂର୍ତ୍ତି ମାନ କଳ୍ପିତ ଦେବତାଙ୍କର ଓ ଗୁରୁଙ୍କ ପ୍ରତିକୃତି ଚିତ୍ର ଛବି ଗୁରୁଙ୍କ ନିତ୍ୟ କାଳର ଏକ ସ୍ଥିର ଅବସ୍ଥା ମାତ୍ର। ଏହା ଉପାସନାକାରୀଙ୍କୁ ପ୍ରେରଣା ଯୋଗାଏ ସ୍ଥିରୋଭାବ। ସେମାନଙ୍କ କଥିତ ଉପଦେଶମାନ ଦେଇ ଯାହା ତାଙ୍କ ପ୍ରକଟ କାଳରେ ଦେଇ ସମସ୍ୟା ସମାଧାନ କରୁଥିଲେ ତାହା ତାଙ୍କର ଅପ୍ରକଟ ହେବା ପୂର୍ବରୁ ସ୍ଥିର ଭାବରେ ଲେଖି ରଖି ପୋଥି ବା ଛପା ପୁସ୍ତକରେ ପ୍ରକାଶ ତାଙ୍କ ଶିଷ୍ୟ ଭକ୍ତ ପାଇଁ ଯାଇଛନ୍ତି। ବିରାଟ ଶିଖ ସମ୍ପ୍ରଦାୟ ଗୁରୁଗ୍ରନ୍ଥ ସାହେବଙ୍କୁ ସଦା ମାନି ଚଳିବା ଦେଖାଯାଏ।

ଗୁରୁ ବାକ୍ୟକୁ ଆଚରଣ ପୋଷାକରେ ପରିଧାନରେ ଏପରି ଲଗାଇଛନ୍ତି ଯେ ମୁଣ୍ଡର ପଗଡ଼ି ଛାଡ଼ି ପୋଲିସ ସେନାର ଚାକିରୀରେ ବିହିତ ଟୋପି ପିନ୍ଧୁ ନାହାଁନ୍ତି। ଏପରିକି ହେଲମେଟ ଦ୍ୱିଚକ୍ର ଯାନ ଚାଳନା କାଳରେ ଲଗାଉନାହାନ୍ତି। ଏଠାରେ ରାଜ କାନୁନ ତାଙ୍କ ଗୁରୁ ବାକ୍ୟକୁ ମାନ୍ୟତା ଦେଉଛନ୍ତି। ଏମିତି ବହୁ ଧର୍ମର ମୌଳିକ ନିୟମକୁ ଆମ ଦେଶରେ ମାନ୍ୟତା ଦିଆଯାଉଛି। ଏବେ ଆମର ବ୍ୟବହାରିକ ପରମ୍ପରାରେ ଅନ୍ୟ ସ୍ଥାନ ଅଞ୍ଚଳର ଏପରିକି ଅନ୍ୟ ଜାତି ପାଟକ ସମ୍ପ୍ରଦାୟଙ୍କ ବ୍ୟବହାରିକ ପରମ୍ପରାର ଛାୟା ପଡ଼ି ହୋଇ ବିକୃତ ଗଲାଣି। ଦେଖନ୍ତୁ କନ୍ୟା ଯାଇ ବର ଘରେ ବିବାହ କେବେ ଦେଖିବାକୁ ମିଳୁନାହିଁ। ଯାହା ତୋଳା କନ୍ୟା ବିବାହ। ବରଯାଇ କନ୍ୟା ଘରେ ବିବାହା କରିବା ପଦ୍ଧତି ଯାହା ପାନିକି ଚଢ଼ା ବିବାହ ନିୟମରେ ନ ହୋଇ କନ୍ୟା ଘରକୁ ବର ନଯାଇ ଏକ ଭିନ୍ନ ସ୍ଥାନ କଲ୍ୟାଣ ମଣ୍ଡପ ବା ହୋଟେଲରେ ବିବାହ କାର୍ଯ୍ୟ କରାଗଲାଣି। କେହି ବି ପତ୍ର ପକାଇ ଭୋଜନ ବସି କରୁନାହାନ୍ତି। ଠିଆ ଠିଆଥାଳି ଧରି ମାଗନ୍ତା ମୁଦ୍ରାରେ ଖାଦ୍ୟରେ କାଦ୍ୟ ମାଗି ଭୋଜନ କରୁଛନ୍ତି। ଶଙ୍ଖୁଆ ଏକ ଶ୍ରେଣୀ ଏହାଙ୍କୁ ଶୁଭ କାର୍ଯ୍ୟରେ ଖୋଜା ଥିଲା, ଏବେ ଯିଏମାନେ ସେ ଶଙ୍ଖ ବଜାଉଛନ୍ତି। ଏମିତି ଅନେକ ପରିବର୍ତ୍ତନରେ ଉଖୁଡ଼ା ହାଣ୍ଡି, ଫେଣା ହାଣ୍ଡି, ବିଲୁପ୍ତ। ଏହିପରି ଏକ ବିଶେଷ ପରମ୍ପରା 'ଦିଅଁ ଶୋଇଲେ, ଝିଅ ଜେମା ଦେଇ, ଘରେ ରହିଲେ ଏସବୁ ବିଗତ କାଳର ପରମ୍ପରା, ଚତୁର୍ମାସ୍ୟା ଯେ କୌଣସି ଚାରି ମାସକୁ ନେଇ କୁହାଯାଏ ନାହିଁ।

କେବଳ ଆଷାଢ଼ ଶୁକ୍ଳ ଏକାଦଶୀରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ ସମୟ, ହରିଶୟନୀ ମହାପ୍ରଭୁ ଜଗନ୍ନାଥଙ୍କ ଓଲଟ ବା ବାହୁଡ଼ା ରଥଯାତ୍ରାରେ ସୁନାବେଶ ଠାରୁ କାର୍ତ୍ତିକ ମାସ ଶୁକ୍ଳ ଏକାଦଶୀ ଯାଏ ହରିଶୟନ। ଶୟନରୁ ଉତ୍ଥାନ କାଳ ଠିକ ମଧ୍ୟରେ ପାର୍ଶ୍ୱ ପରିବର୍ତ୍ତନ, ଏପରି ତିନି ମୁଖ୍ୟ ଏକାଦଶୀ ସମ୍ବନ୍ଧଚତୁର୍ମାସ୍ୟା। ଏହି ସମୟରେ ବର୍ଷାଋତୁ। ବର୍ଷା ଦିନ ଖାରିଫଧାନ ଫସଲର ସମୟ ଆମ ରାଜ୍ୟ କୃଷି ପ୍ରଧାନ ରାଜ୍ୟ, ଭାତ ଆମର ପ୍ରଧାନ ଖାଦ୍ୟ। ପୁଣି ଚାଉଳରୁ ଅନେକ ପ୍ରକାର ଶାଖା ଖାଦ୍ୟ ଯଥା ଖଇ, ମୁଢ଼ି, ଚୁଡ଼ା, ଉଖୁଡ଼ା, ହୁଡୁମ୍ବ ଚାଉଳ ଚୁନା ବା ବଟାରୁ ନାନା ପ୍ରକାର ପିଠା ପ୍ରସ୍ତୁତ ହୁଏ। ଏହି ବର୍ଷା ଉପରେ ନିର୍ଭର କରି ଶାରଦ ଧାନ ଚାଷ। ଏହି ଚାରି ମାସର ସମୟ ନିର୍ଘଣ୍ଟରେ ରହିଛି ଭୂଦେବୀ ଓ ଶ୍ରୀଦେବୀ ପ୍ରଭୁଙ୍କର ନିତ୍ୟ ସେବାରେ ନିମଗ୍ନ। ଏହି ଶ୍ରୀ ଦେବୀ ଶସ୍ୟ ସମ୍ଭାର ପ୍ରଦାୟିନୀ ଅନ୍ନ ଦାୟିନୀ। ସର୍ବ ଜୀବ ପୋଷଣ କାରିଣୀ ମାଆ ପୃଥିମାତା ଭୂଦେବୀ ଏହି ଦୁଇ ମା ପରସ୍ପର ସମଝୋତାରେ ଓ ଇନ୍ଦ୍ରଙ୍କ ସମୟ ଅନୁଯାୟୀ ବର୍ଷଣ କାଳରେ ମନୁଷ୍ୟ ମାନଙ୍କର ଆହାର ମିଳୁଛି। କାଳଙ୍କର ହାତ ନାହିଁ କାଳ ମାନେ କାହାରି ହାତଦ୍ୱାରା କାର୍ଯ୍ୟ ସାଧନ କରନ୍ତି। ଭୂଦେବୀଙ୍କ କାର୍ଯ୍ୟ ଭୂମି ପୁତ୍ରଙ୍କ ଦ୍ୱାରା ସାଧିତ ହୁଏ ଭୂମିପୁତ୍ରରେ ଏକ ହେଉଛନ୍ତି କୃଷକମାନେ ଆଉ ତାଙ୍କ ଠାକୁର ହଳାୟୁଧ ପ୍ରଭୁ ବଳରାମ। ରଥଯାତ୍ରାର ଆଗୁଆ ଯାତ୍ରୀ ବଳରାମ। ସେପରି କୃଷକ ଆଗୁଆ ଅନ୍ନ ଚିନ୍ତକ, ସେମାନେ କୃଷିର ଅବହେଳା କଲେ ଆଗକୁ ଲୋକେ ଖାଇବେ କ'ଣ ? ଅନ୍ନ ବହୁନେ ହଂସ ହାନି। ଯୋଗ ସାଧିବୁ କାହାଘେନି। ମାଳିକାରେ ଅଛି, ଆଗେ ମରିବେ ସୂତ୍ରଧାରୀ, ମଧ୍ୟେ ମରିବେ ବଣିକାରୀ, ଶେଷେ ମରିବେ କୃଷିକାରୀ। କୃଷକମାନେ ନଖାଇ ଆଗ ବିହନ ସଂଚୟ କରି ରଖନ୍ତି। ଚାଷୀ ହୁଡ଼ିଲେ ବର୍ଷେ, ନଦୀବଢ଼ି, ମରୁଡ଼ି ଯାହା ହେଲେ ସବୁ ବର୍ଷ ହେଉନାହିଁ ବିହନ ବଞ୍ଚିଲେ କି ଥିଲେ ଆଗାମୀକୁ ଚାଷ ଉଠିପାରିବ ଏ ଭରସା କୃଷକଙ୍କ ରହି ଆସିଛି। ଏହି ଚାରିମାସ ଶହେ କୋଡିଏ ଦିନ ଚାଷୀ ଚାଷ ଶ୍ରମିକ ଭୂଦେବୀ ଶ୍ରୀଦେବୀଙ୍କ ସେବାରେ ପାଣି, କାଦୁଅ, ଖରା, ବର୍ଷାରେ ଏକ ଲୟରେ ମାଙ୍କୁ ସବୁଜାମ୍ବରୀ ପିତାମ୍ବରୀ ଶସ୍ୟ ଶ୍ୟାମଳା କରିବା ସାଧନାରେ ଲିପ୍ତ ରହନ୍ତି। ଧାନ ଉଠିଲେ ସବୁ ଲୀଳା ନହେଲେ ସବୁ ବିଫଳ।

ଏ ପାଇଁ ଠାକୁରେ ଶୟନ କଲେ ଏ ଲୀଳା ଚାରିମାସ, ଚାଷ ଛାଡ଼ି କେଉଁ କୃଷକ କେବେ ତୀର୍ଥ କରି କେବେ ଯାଆନ୍ତି ନାହିଁ। ଆଗତ୍ୟା ଗୃହରେ ମରିଯାଇ ଥିବା ବ୍ୟକ୍ତିଙ୍କ ଅସ୍ଥି ବିସର୍ଜନ, ଗୟାଶ୍ରାଦ୍ଧ ପାଇଁ ପୁଣି ଅପରପକ୍ଷ ଶ୍ରାଦ୍ଧ ପୟା ଶ୍ରାଦ୍ଧ ଏହି ଦକ୍ଷିଣାୟାନ ପିତୃପକ୍ଷର ସମୟରେ କରାଯାଏ ଯହିଁରେ ସବୁ କୃଷିକାରୀ ଜଡ଼ିତ ନୁହଁନ୍ତି। ପ୍ରତି ଜୀବ ଶୟନ କରନ୍ତି। ମନୁଷ୍ୟ ତାର ଚିନ୍ତନର ଶ୍ରେଷ୍ଠ ଅତି ସୁନ୍ଦର ଶଯ୍ୟା ସ୍ୱ ଅର୍ଜନ ଅର୍ଥବଳରେ ଶଯ୍ୟା ଗୃହଖଟ ପଲଙ୍କ ଶଯ୍ୟା ଦ୍ରବ୍ୟ ବ୍ୟବହାର କଲାବେଳେ ସ୍ୱଇଷ୍ଟଙ୍କ ନିମିତ୍ତ ଆହୁରି ମୂଲ୍ୟବାନ ଯୋଗାଡ଼ କରି ଦେବ ଉଦ୍ଦେଶ୍ୟରେ ଅର୍ପଣ କରିଥାନ୍ତି। ଏ ସମୟରେ ଝଡ଼ ତୋଫାନ ସମୟ ପ୍ରଭୁ ବରୁଣ ରାଜଙ୍କ ଜାମାତା ସେ ତାଙ୍କ ଶ୍ୱଶୁର ଘରେ ତତ୍କାଳ ଶୟନ କରନ୍ତି ହେଲେ ଯୋଗନିଦ୍ରାରେ ଥାଆନ୍ତି। ସାଗରରୁ ହିଁ ଝଡ଼ର ସୃଷ୍ଟି ଏହା ପ୍ରଭୁଙ୍କ ଅଗୋଚରରେ କେବେ ସାଗର ଦିଗରୁ ଆସି ନପାରେ। ମନୁଷ୍ୟ ଏବେ ଅନେକ ଅସୁର ଚରିତ୍ର ଧାରୀ, ନିଜକୁ ସର୍ବେସର୍ବା ଚିନ୍ତନକାରୀ। ସବୁ ବିଜ୍ଞାନ ଭାବନା ଘଟଣା କିନ୍ତୁ ପ୍ରାକୃତିକ ତାଣ୍ଡବ ଏପରି ହୋଇପାରେ ଏପାଇଁ ଦେବ ଶୟନ କାଳରେ ଅନେକ ଉପାସନା ପୁଣି ଯୋଡ଼ା ଯାଇଛି। ଅକାଳ ବୋଧନ, ବଳଭଦ୍ର ଜନ୍ମ, ଭାଗବତ ଜନ୍ମ, ହରିଜନ୍ମ ଗଣେଶ ଜନ୍ମ, ବାମନ ଜନ୍ମ, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, କାଳୀ ପୂଜା, ତୁଳସୀ ବିବାହ, ଗୋବର୍ଦ୍ଧନ ପୂଜା, ବଡ଼ ଓଷା ପାଳିତ ହେଲେ ବି ପ୍ରକୃତିକୁ ଶାନ୍ତ ପାଇଁ ଏ ସବୁ ପୂଜା ପାର୍ବଣ ଯୋଡ଼ାଯାଇଛି। ଆଦିବାସୀମାନେ ଜଙ୍ଗଲକୁ ମା, ପୃଥିବୀକୁ ଧରଣୀ ପେନୁ ପାର୍ବତକୁ ଦେବତା ରୂପେ ବିଶେଷ ମାନ୍ୟତା ଦେଉଥିଲାବେଳେ ଆଧୁନିକ ବିଜ୍ଞାନ ଶାସ୍ତ୍ର ପଢ଼ା ଲୋକେ ଜଙ୍ଗଲ ନଷ୍ଟ, ପାହାଡ଼କୁ ଡିନାମାଇଟରେ ଫଟାଇ ବୃକ୍ଷ ମାନଙ୍କୁ ବିଲୋପ କରି କଳ କାରଖାନା ରାସ୍ତା ଆଲିଶାନ ବଙ୍ଗଳା କରିବା ଦ୍ୱାରା ଯେଉଁ ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ବର୍ଷ ଭୋଗ ହେଉଛି ସେତିକି ବେଳକୁ ତ୍ରାହି ଚିତ୍କାର ଶୁଣାଯାଉଛି।

ଏହା ବହୁବର୍ଷ ପୂର୍ବରୁ ଅନୁମାନ କରାଯାଇ ଦିଅଁ ଶୟନ କ୍ଷୀର ସାଗରରେ କଳ୍ପନା ଏହି ସମୟରେ ଧାର୍ଯ୍ୟ କରାଯାଇଛି। ନିଜକୁ ପୁରୁଷୋତ୍ତମ ବୋଲାଇ ଧ୍ୱଂସ ଦିଗକୁ ପୃଥିବୀକୁ ଭିଡ଼ିନେବା ପଥ ବାରମ୍ବାର ଫର୍ଚ୍ଚା ଲମ୍ବା ହେବାକୁ ଲାଗିଲାଣି। ପ୍ରଳୟ ଦିଗ ସଂକୁଚିତ ପ୍ରଥାକୁ ଖୋଲି ଲୋକେ ପୁରୁଷୋତ୍ତମ ହେବା ଚିନ୍ତନ ବ୍ୟାପକ। ଏମିତି ଧକା ଖାଇ ବି କେହ ବି ବୁଝୁନାହାନ୍ତି। ପୁରୁଷୋତ୍ତମର ନୂଆ ବ୍ୟାଖ୍ୟାରେ ପାଠ ନଥାଇ ଡକ୍ଟର, ଡକ୍ଟରେଟ, ପଣ୍ଡିତ, ନେତା ଏପରି ଅନେକ। ଦାଶିଆ ବାଉରୀ, ବନ୍ଧୁ ମହାନ୍ତିଙ୍କ ପରି ଭକ୍ତ ମିଳିବା ଦୁଷ୍କର। ଯେଉଁମାନେ କି କେବେ ନିଜକୁ ଭକ୍ତ ଡିଣ୍ଡିମ ପିଟିନଥିଲେ ହେଲେ ଅନେକ ଏବେ ଠାକୁର, ଗୁରୁଙ୍କ ଭକ୍ତ କହି ଚାଲିଛନ୍ତି। ଭକ୍ତର ଲକ୍ଷଣ କଣ କାହାକୁ ବି ଜଣାନାହିଁ। ଗୁରୁ ଗିରିରେ ଅନେକ ଭେକ ଧାରୀ କିନ୍ତୁ ଶିଷ୍ୟ ଶିଷ୍ୟାଙ୍କର ଦୁଃଖ ସେମାନେ ହରଣ ଜାଣନ୍ତି ନାହିଁ। ଭକ୍ତମାନେ କଳ୍ପନା ଚକ୍ଷୁରେ ଦେବତାଙ୍କ ବା ଉପାସ୍ୟଙ୍କ ଲୀଳା ବୁଝନ୍ତି ଉପଯୁକ୍ତ ଗୁରୁ ଦୀକ୍ଷା ଦେଇ ସେ ଲୀଳାକୁ ଭଲ ଭାବରେ ବୁଝାଇ ପାରନ୍ତି, ବ୍ରତୀ କରାଇପାରନ୍ତି। ନାଭୀ ଶକ୍ତି, ବ୍ରହ୍ମ ସ୍ଥାନ ଗୁରୁତ୍ୱପୂର୍ଣ୍ଣ ତଥ୍ୟ।

ଭଗବାନ ବିଷ୍ଣୁ ଶୟନ କରିବା ବେଳେ ତାଙ୍କ ନାଭୀରୁ ଉର୍ଦ୍ଧଗାମୀ ପଦ୍ମରେ ବ୍ରହ୍ମା ରହି ସୃଷ୍ଟି କରନ୍ତି। ପ୍ରତ୍ୟେକ ପାଇଁ ଏକ ବିଶେଷ ଶାସ୍ତ୍ର ବାର୍ତ୍ତା ଶୟନେ ପଦ୍ମନାଭଂ ଶୟନ କାଳରେ ଭଗବାନଙ୍କ ଏହି ଲୀଳା ସ୍ମରଣ କରିବାକୁ ହେବ। ନାଭୀ ତଥ୍ୟ ଅଣୁ ପରମାଣୁ ବିଦ୍ୟା ସହ ଜଡ଼ିତ ବ୍ରହ୍ମା ପଦ୍ମଯୋନୀ। ଯୋନ ସୃଷ୍ଟିର ଆଧାର ପଦ୍ମକର ପାଖୁଡ଼ା ପରି ନାଭୀ କେନ୍ଦ୍ରକୁ ଇଲେକ୍ଟ୍ରନମାନେ ଅହରହ ଘୁରୁଛନ୍ତି। ସୃଷ୍ଟି ସମ୍ଭବ ଜଡ଼ ଚେତନ ସହମେଳରେ ଯାହା ପ୍ରଜାପତି ବ୍ରହ୍ମାଙ୍କ କାମ। ସବୁ ଚେତନ ଜଡ଼ରେ ଅଣୁ ବିଦ୍ୟମାନ। ଅଣୁରେ ନାଭୀ ଆଉ ଏପରି ଇଲେକ୍ଟ୍ରନର ପାଖୁଡ଼ା ଦୃଶ୍ୟ କିନ୍ତୁ ମନୁଷ୍ୟ ଖାଲିଚକ୍ଷୁରେ ଦେଖି ନପାରେ। ଜୀବାଣୁ ଦେଖିବା ପାଇଁ ବିଜ୍ଞାନୀ ଆଣୁବିକ୍ଷୀଣ ଯନ୍ତ୍ର ବାହାର କରିଛନ୍ତି। ସୂକ୍ଷ୍ମ ଦର୍ଶନ ପାଇଁ କେବଳ ପରୀକ୍ଷାଗାରରେ ଅତି ମୂଲ୍ୟବାନ ଯନ୍ତ୍ର ରହିଛି। ସୃଷ୍ଟି ରହସ୍ୟ ଭେଦ କରିବା ପାଇଁ ସମସ୍ତେ ଉତ୍ସୁକ। ହେଲେ ଏହା ଅତିମାନସ ଜ୍ଞାନର ପରିସର ବିଦ୍ୟା। ଏହା ଗଣିତରେ ସ୍ଥିର କରିବା ସହଜ ନୁହେଁ। ଦର୍ଶନଶାସ୍ତ୍ରବିତ ଏହାର ବିବରଣୀ ବୁଝାଇ ପାରନ୍ତି। ଦେବ ଶୟନରେ ଏହି ସବୁର ଲୀଳା ଲୁଚି ରହିଛି। କାଳ ଆଉ କାଳୀ, ଶବ ଆଉ ଶିବ ଏହି ଶୟନ କାଳରେ ଉପାସନା ଓ ରଓ କଳ୍ପନା ବିଷୟ। ତାମସିକ ଆସୁରୀ ଶକ୍ତିର ପ୍ରାବଲ୍ୟ ଧ୍ୱଂସକାରୀ ସାତ୍ତ୍ୱିକ ଦେବ କୁମାରୀଙ୍କ ରାଜସିକ ରୂପରେ ଉପାସନା ଏହି ସମୟରେ ରହୁଛି। ତାମସିକ ଶକ୍ତି ପ୍ରାବଲ୍ୟ ଅତିରିକ୍ତ ସଦା ଅସହ୍ୟ। ଏହା ନାରୀଶକ୍ତିର ଜାଗରଣରେ ହୋଇ ପରେ ପୁଣି ଯୁବତୀ ଅବିବାହିତ କନ୍ୟାଙ୍କ ଦ୍ୱାରା ପୁଣି କନ୍ୟା ସଂଗଠନ ଶକ୍ତି ଦ୍ୱାରା ହୋଇପାରେ। ଏହି ଦେବଶୟନ କାଳରେ ଆଦର୍ଶ ରୂପେ ରଖାଯାଇଛି।

ଦେବ ଶୟନରେ ବିଷ୍ଣୁ ଗରୁଡ଼ କାମଦେବ ଶିବଙ୍କ ପରି ଶକ୍ତିମାନେ ଶୟନ କାଳରେ ଦେବୀମା ଶୟନ ନକରି ବହୁ ବିଳମ୍ବରେ ଶୟନ କରି ଅକାଳବୋଧନରେ ଆଶ୍ୱିନ ଶୁକ୍ଳ ଷଷ୍ଠୀରେ ଜାଗରଣ କରାଯାଏ। ସବୁ ପରିବାରରେ ମାଆମାନେ ବିଳମ୍ବରେ ଶୟନ କରନ୍ତି ଅନ୍ୟମାନେ ଜଗିବା ପୂର୍ବରୁ ନିଜେ ଶଯ୍ୟା ତ୍ୟାଗ କରି ଦ୍ୱାରଫିଟା ଅଗଣା ମାର୍ଜନା ଆଦି କାମ କରିବା ଦେଖାଯାଉଛି। ଏ ମାତୃକଳା ହୁଏତ ସେହି ବିଶ୍ୱ ଜନନୀଙ୍କ ଗତାନୁଗତିକ ବା ପାରମ୍ପାରିକ କଳା। ପାର୍ଶ୍ୱ ପରିବର୍ତ୍ତନ, ସବୁ ଶୟନରତ ବ୍ୟକ୍ତିଙ୍କ ହୁଏ। (କ୍ରମଶଃ)

# ପିପ୍ରାହ୍ୱା ଅବଶେଷର ଇତିହାସ : ଏକ ଅବବୋଧ

**ଡ଼. କପିଳେନ୍ଦ୍ର ଦାସ**

ଇତିହାସ କେବଳ ଅତୀତ ଘଟଣାର ବିବରଣୀ ନୁହେଁ; ଏହା ମାନବ ସଭ୍ୟତାର ବିକାଶ, ସଂସ୍କୃତି, ଧର୍ମ ଏବଂ ସାମାଜିକ ଚେତନାର ଦଲିଲ । ଭାରତୀୟ ଇତିହାସରେ ବୌଦ୍ଧ ସଭ୍ୟତାର ଅବଦାନ ଅପରିମେୟ । ଏହି ସଭ୍ୟତାର ପ୍ରାଚୀନତା ଓ ବିଶ୍ୱସନୀୟତା ପ୍ରମାଣ କରୁଥିବା ପ୍ରତ୍ନତାତ୍ତ୍ୱିକ ସ୍ଥଳମାନଙ୍କ ମଧ୍ୟରେ ପିପ୍ରାହ୍ୱା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ଉତ୍ତର ପ୍ରଦେଶର ସିଦ୍ଧାର୍ଥନଗର ଜିଲ୍ଲାରେ ଅବସ୍ଥିତ ଏହି ସ୍ଥାନ ବୁଦ୍ଧଙ୍କ ଜନ୍ମବଂଶ ଶାକ୍ୟ ଏବଂ ପ୍ରାଚୀନ କପିଳବସ୍ତୁ ସହ ସମ୍ପୃକ୍ତ ବୋଲି ଅନେକ ଗବେଷକ ମତ ଦେଇଛନ୍ତି । ଏଠାରୁ ମିଳିଥିବା ସ୍ତୁପ, ଅସ୍ଥିଧାତୁ, ବିଭିନ୍ନ ପ୍ରତି ସାମଗ୍ରୀ ଓ ବ୍ରାହ୍ମୀଲିପିର ଲେଖ ଗୌତମବୁଦ୍ଧଙ୍କ ଜୀବନ ଓ ପ୍ରାରମ୍ଭିକ ବୌଦ୍ଧ ଧର୍ମର ଇତିହାସକୁ ନୂତନ ଦିଗ ପ୍ରଦାନ କରିଛି । ପିପ୍ରାହ୍ୱାର ଗୁରୁତ୍ୱ କେବଳ ଧାର୍ମିକ ନୁହେଁ; ଏହା ପ୍ରତ୍ନତତ୍ତ୍ୱ, ଇତିହାସ, ପାଲି ସାହିତ୍ୟ ଓ ଦକ୍ଷିଣ ଏସିଆର ସାଂସ୍କୃତିକ ଭୂଗୋଳ ଅଧ୍ୟୟନର ଏକ ପ୍ରମୁଖ କେନ୍ଦ୍ର ।

ପିପ୍ରାହ୍ୱା ଭାରତ-ନେପାଳ ସୀମା ସନ୍ନିକଟରେ ଅବସ୍ଥିତ । ଏହି ଅଞ୍ଚଳ ପ୍ରାଚୀନ ଶାକ୍ୟ ଗଣରାଜ୍ୟର ଅଂଶ ଥିବା ସମ୍ଭାବନାକୁ ଅନେକ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ସମର୍ଥନ କରେ । ପାଲି ଗ୍ରନ୍ଥ ମହାପରିନିବ୍ବାନ ସୁତ୍ତରେ ଉଲ୍ଲେଖ ଅଛି ଯେ ବୁଦ୍ଧଙ୍କ ପରିନିର୍ବାଣ ପରେ ଶାକ୍ୟମାନେ ତାଙ୍କର ଅସ୍ଥିଧାତୁର ଏକ ଅଂଶ ପାଇ ସ୍ତୁପ ନିର୍ମାଣ କରିଥିଲେ । ପିପ୍ରାହ୍ୱାର ସ୍ତୁପକୁ ଅନେକ ଗବେଷକ ସେହି ପରମ୍ପରା ସହ ଯୋଡି ଦେଖନ୍ତି ।

୧୮୯୮ ମସିହାରେ ବ୍ରିଟିଶ ଜମିଦାର ୱିଲିୟମ କ୍ଲାକ୍ସଟନ ପେପେ ପିପ୍ରାହ୍ୱାର ବିଶାଳ ସ୍ତୂପର ଖନନ କରାଇଥିଲେ । ଖନନ ସମୟରେ ଏକ ପଥରର ପେଟିକା ମଧ୍ୟରୁ ସ୍ଫଟିକ ମଞ୍ଜୁଷା, ସୁନାର ଅଳଙ୍କାର, ରତ୍ନ, ମୁକ୍ତା ଏବଂ ଅସ୍ଥିଧାତୁ ଉଦ୍ଧାର ହୋଇଥିଲା । ଏହା ସହ ମିଳିଥିବା ବ୍ରାହ୍ମୀ ଲିପିର ଶିଳାଲେଖ ପ୍ରତ୍ନତତ୍ତ୍ୱ ଜଗତରେ ଆଲୋଡ଼ନ ସୃଷ୍ଟି କରିଥିଲା ।

ଏହି ଶିଳାଲେଖକୁ ଅନେକ ବିଦ୍ୱାନ ଏପରି ପଢ଼ିଛନ୍ତି ଯେ ଏହା "ଶାକ୍ୟମାନଙ୍କ ଦ୍ୱାରା ଭଗବାନ ବୁଦ୍ଧଙ୍କ ଧାତୁ ସଂରକ୍ଷିତ ହୋଇଥିବା"ର ଉଲ୍ଲେଖ କରେ । ଯଦିଓ ଏହାର ପାଠୋଦ୍ଧାରକୁ ନେଇ କିଛି ମତଭେଦ ରହିଛି, ତଥାପି ଏହା ପ୍ରାଚୀନ ବୌଦ୍ଧ ଐତିହ୍ୟର ଏକ ଅମୂଲ୍ୟ ଦଲିଲ ।

ବୌଦ୍ଧ ଧର୍ମଗ୍ରନ୍ଥ ଅନୁସାରେ, କୁଶୀନଗରରେ ବୁଦ୍ଧଙ୍କ ମହାପରିନିର୍ବାଣ ପରେ ତାଙ୍କର ଅସ୍ଥିଧାତୁକୁ ଆଠଟି ରାଜ୍ୟ ମଧ୍ୟରେ ବଣ୍ଟନ କରାଯାଇଥିଲା । ଶାକ୍ୟମାନେ ମଧ୍ୟ ଏହାର ଏକ ଅଂଶ ପାଇଥିଲେ । ପିପ୍ରାହ୍ୱାରୁ ମିଳିଥିବା ଧାତୁ ସେହି ଅଂଶ ବୋଲି ଅନେକ ଗବେଷକ ମନେ କରନ୍ତି । ଏହି ଆବିଷ୍କାର ବୌଦ୍ଧ ଧର୍ମର ପ୍ରାରମ୍ଭିକ ଇତିହାସକୁ କେବଳ ସାହିତ୍ୟିକ ନୁହେଁ, ପ୍ରତ୍ନତାତ୍ତ୍ୱିକ ଭାବରେ ମଧ୍ୟ ସମର୍ଥନ କରିଛି । ୧୯୭୦ ଦଶକରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣର ପ୍ରତ୍ନତତ୍ତ୍ୱବିଦ୍ ଡ.କେ. ଏମ୍. ଶ୍ରୀବାସ୍ତବ ପିପ୍ରାହ୍ୱାରେ ବ୍ୟାପକ ଖନନ କରିଥିଲେ । ଏହି ଖନନରେ ଅନେକ ବୌଦ୍ଧ ବିହାର, ଇଟା ନିର୍ମିତ ସଂରଚନା, ମୁଦ୍ରା, ଟେରାକୋଟା ପ୍ରତିମା ଓ ଅନ୍ୟାନ୍ୟ ପ୍ରତ୍ନସାମଗ୍ରୀ ମିଳିଥିଲା । ଏହାରୁ ଜଣାପଡେ ଯେ ପିପ୍ରାହ୍ୱା ଶତାବ୍ଦୀ ଧରି ବୌଦ୍ଧ ଶିକ୍ଷା, ସାଧନା ଓ ତୀର୍ଥଯାତ୍ରାର ଏକ ପ୍ରମୁଖ କେନ୍ଦ୍ର ଥିଲା । ଭାରତୀୟ ପ୍ରତ୍ନତତ୍ତ୍ୱବିଦ୍ମାନେ ପିପ୍ରାହ୍ୱାକୁ ପ୍ରାଚୀନ କପିଳବସ୍ତୁ ସହ ଯୋଡ଼ିଥିବା ବେଳେ, ନେପାଳର ଅଧିକାଂଶ ଗବେଷକ ତିଲୌରାକୋଟକୁ ପ୍ରକୃତ କପିଳବସ୍ତୁ ବୋଲି ଦାବି କରନ୍ତି । ଚୀନା ପରିବ୍ରାଜକ ଫା-ହିଏନ୍ ଓ ହ୍ୟୁଏନ୍-ସାଙ୍ଗଙ୍କ ବିବରଣୀ, ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଓ ଭୌଗୋଳିକ ବିଶ୍ଳେଷଣ ଆଧାରରେ ଉଭୟ ପକ୍ଷ ନିଜ ମତକୁ ସମର୍ଥନ କରିଛନ୍ତି । ଏହି ବିବାଦ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ଭାବରେ ସମାଧାନ ହୋଇନଥିଲେ ମଧ୍ୟ, ପିପ୍ରାହ୍ୱାର ବୌଦ୍ଧ ଐତିହ୍ୟଗତ ଗୁରୁତ୍ୱ ନିର୍ବିବାଦ ଏବଂ ଏହାର ଐତିହାସିକ ମହତ୍ୱ କୌଣସି ପ୍ରକାରେ କମିଯାଏ ନାହିଁ ।

ବ୍ରାହ୍ମୀ ଶିଳାଲେଖର ଗୁରୁତ୍ୱ-

ପିପ୍ରାହ୍ୱାରୁ ପ୍ରାପ୍ତ ବ୍ରାହ୍ମୀ ଶିଳାଲେଖ ଭାରତର ପ୍ରାଚୀନ ଲିପି ଓ ଭାଷା ଅଧ୍ୟୟନ ପାଇଁ ଅମୂଲ୍ୟ । ଏହା ମୌର୍ଯ୍ୟ-ପୂର୍ବ କିମ୍ବା ପ୍ରାରମ୍ଭିକ ମୌର୍ଯ୍ୟ ଯୁଗର ହୋଇପାରେ ବୋଲି ଅନେକ ବିଦ୍ୱାନ ମତ ଦେଇଛନ୍ତି । ଏହି ଲେଖ ଦର୍ଶାଏ ଯେ ବୁଦ୍ଧଙ୍କ ସ୍ମୃତିକୁ ସଂରକ୍ଷଣ କରିବା ପାଇଁ ଶାକ୍ୟମାନଙ୍କର ଗଭୀର ଧାର୍ମିକ ଓ ସାଂସ୍କୃତିକ ସଚେତନତା ଥିଲା ।

ଅନେକ ଗବେଷକଙ୍କ ମତରେ ପିପ୍ରାହ୍ୱାର ସ୍ତୂପକୁ ସମ୍ରାଟ ଅଶୋକ ପୁନର୍ନିର୍ମାଣ କିମ୍ବା ବିସ୍ତାର କରିଥିଲେ । ଅଶୋକଙ୍କ ସମୟରେ ବୌଦ୍ଧ ଧର୍ମ ସମଗ୍ର ଏସିଆରେ ବ୍ୟାପିଥିଲା ଏବଂ ବୁଦ୍ଧଙ୍କ ଧାତୁକୁ ବିଭିନ୍ନ ସ୍ଥାନରେ ସ୍ଥାପନ କରି ଅସଂଖ୍ୟ ସ୍ତୂପ ନିର୍ମାଣ କରାଯାଇଥିଲା । ପିପ୍ରାହ୍ୱାର ସ୍ଥାପତ୍ୟରେ ମଧ୍ୟ ମୌର୍ଯ୍ୟ ଓ ପରବର୍ତ୍ତୀ କୁଷାଣ ଯୁଗର ପ୍ରଭାବ ସ୍ପଷ୍ଟ । ଆଧୁନିକ ପ୍ରତ୍ନତତ୍ତ୍ୱ, କାର୍ବନ ଡେଟିଂ, ମାଟିର ସ୍ତର ବିଶ୍ଳେଷଣ ଓ ଲିପିବିଜ୍ଞାନ ପିପ୍ରାହ୍ୱାର ଐତିହାସିକ ଗୁରୁତ୍ୱକୁ ଅଧିକ ସୁଦୃଢ଼ କରିଛି । ଅନେକ ଆନ୍ତର୍ଜାତିକ ଗବେଷକ ଏହାକୁ ବୌଦ୍ଧ ଧର୍ମର ପ୍ରାରମ୍ଭିକ ବିକାଶ ବୁଝିବା ପାଇଁ ଏକ ଅତ୍ୟନ୍ତ ଆବଶ୍ୟକ ପ୍ରତ୍ନସ୍ଥଳ ବୋଲି ବିବେଚନା କରିଛନ୍ତି ।

ପିପ୍ରାହ୍ୱାର ଐତିହାସିକ ମହତ୍ତ୍ୱ ଓ ଗୁରୁତ୍ୱ –

ବୁଦ୍ଧଙ୍କ ଅସ୍ଥିଧାତୁ ସହ ସମ୍ଭାବ୍ୟ ସମ୍ପର୍କ, ପ୍ରାଚୀନ ଶାକ୍ୟ ଗଣରାଜ୍ୟର ଇତିହାସକୁ ସମର୍ଥନ, ବ୍ରାହ୍ମୀ ଲିପିର ପ୍ରାଚୀନ ନମୁନା, ପ୍ରାରମ୍ଭିକ ବୌଦ୍ଧ ସ୍ଥାପତ୍ୟର ବିକାଶର ପ୍ରମାଣ, ଭାରତ-ନେପାଳର ସାଧାରଣ ସାଂସ୍କୃତିକ ଐତିହ୍ୟର ପ୍ରତୀକ ଓ ବୌଦ୍ଧ ତୀର୍ଥଯାତ୍ରାର ଆନ୍ତର୍ଜାତିକ କେନ୍ଦ୍ର ।

ପିପ୍ରାହ୍ୱା କେବଳ ଏକ ପ୍ରତ୍ନସ୍ଥଳ ନୁହେଁ, ଏହା ବିଶ୍ୱ ଐତିହ୍ୟର ଏକ ଅମୂଲ୍ୟ ସମ୍ପଦ । ଏହାର ସଂରକ୍ଷଣ ପାଇଁ ନିୟମିତ ଖନନ, ବୈଜ୍ଞାନିକ ଗବେଷଣା, ଡିଜିଟାଲ ଦଲିଲୀକରଣ, ସ୍ଥାନୀୟ ଲୋକଙ୍କ ସହଭାଗିତା ଓ ଆନ୍ତର୍ଜାତିକ ସହଯୋଗ ଅତ୍ୟନ୍ତ ଆବଶ୍ୟକ । ବିଶ୍ୱ ଐତିହ୍ୟର ଅଂଶ ଭାବେ ଏହାକୁ ଅଧିକ ବ୍ୟାପକ ଭାବରେ ସଂରକ୍ଷଣ ଓ ପ୍ରଚାର କରାଯିବା ଉଚିତ ।

ପିପ୍ରାହ୍ୱା ଅବଶେଷ କେବଳ ପ୍ରତ୍ନସ୍ଥଳ ନୁହେଁ ଏହା ଭାରତୀୟ ଇତିହାସ, ବୌଦ୍ଧ ସଭ୍ୟତା ଏବଂ ପ୍ରତ୍ନତତ୍ତ୍ୱର ଏକ ଅମୂଲ୍ୟ ଧନ । ଏହା ଆମକୁ ମନେ ପକାଏ ଯେ ଇତିହାସ କେବଳ ପୁସ୍ତକରେ ନୁହେଁ; ମାଟିର ତଳେ, ପ୍ରତ୍ନବସ୍ତୁରେ ଏବଂ ଶିଳାଲେଖରେ ମଧ୍ୟ ସେ ଜୀବନ୍ତ ରହିଥାଏ । ପିପ୍ରାହ୍ୱାକୁ ନେଇ କିଛି ଐତିହାସିକ ବିବାଦ ଥିଲେ ମଧ୍ୟ, ଏହାର ପ୍ରତ୍ନତାତ୍ତ୍ୱିକ ମୂଲ୍ୟ ଓ ବୌଦ୍ଧ ଜଗତରେ ଏହାର ସ୍ଥାନ ଅତୁଳନୀୟ ।

ପ୍ରମାଣ-ଆଧାରିତ ଇତିହାସ ଅଧ୍ୟୟନ ଆମକୁ ଅନ୍ଧବିଶ୍ୱାସରୁ ମୁକ୍ତ କରି ସତ୍ୟର ନିକଟତର କରେ । ପିପ୍ରାହ୍ୱା ସେହି ସତ୍ୟ ଅନ୍ୱେଷଣର ଏକ ଉଜ୍ଜ୍ୱଳ ଉଦାହରଣ । ଇତିହାସ ସଠିକ ଅବବୋଧ ପାଇଁ ଭାବନା ଅପେକ୍ଷା ପ୍ରମାଣକୁ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ । ପିପ୍ରାହ୍ୱା ଆମକୁ ସେହି ଶିକ୍ଷା ଦିଏ ଯେ ଅତୀତକୁ ବୁଝିବା ପାଇଁ ପ୍ରତ୍ନତତ୍ତ୍ୱ, ଇତିହାସ ଓ ବୈଜ୍ଞାନିକ ଗବେଷଣାର ସମନ୍ୱୟ ଅତ୍ୟନ୍ତ ଆବଶ୍ୟକ । ଏହି ଐତିହାସିକ ସ୍ଥଳ ଭବିଷ୍ୟତରେ ମଧ୍ୟ ଗବେଷକ, ଐତିହାସିକ ଏବଂ ବୌଦ୍ଧ ଧର୍ମାବଲମ୍ବି ମାନଙ୍କ ପାଇଁ ପ୍ରେରଣାର ଏକ ଅକ୍ଷୟ ଉତ୍ସ ହୋଇ ରହିବ ।


**ଭେଲା, ନୂଆପଡା**

୭୮୯୪୫୨୯୮୦୧


# ଉତ୍କଳମଣି ଗୋପବନ୍ଧୁ ଦାସ

**ଡ଼ଃ. ଅରୁନ୍ଧତୀ ଦେବୀ**

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓଡ଼ିଆ ଜାତିର ଗର୍ବ ଓ ଗୌରବ। ଏକଧାରରେ ସେ ସାହିତ୍ୟିକ, ସଂସ୍କାରକ, ଜନସେବକ, ଦେଶପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ, ସଂଗଠକ ଓ ବାଗ୍ମୀ ଥିଲେ। ପୁରୀ ଜିଲ୍ଲା ଅନ୍ତର୍ଗତ ଭାର୍ଗବୀ ନଦୀ କୂଳରେ ଥିବା ସୁଆଣ୍ଡୋ ଗ୍ରାମରେ ତାଙ୍କର ଜନ୍ମ। କଲକାତାରୁ ଆଇନ ଡିଗ୍ରୀ ହାସଲ ପରେ ସେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅଧୀନରେ ଓକିଲାତି ଆରମ୍ଭ କରିଥିଲେ। ପରେ ସେ ପୁରୀରେ କିଛି କାଳ ସ୍ୱାଧୀନ ଭାବେ ଆଇନ ବ୍ୟବସାୟ କରିଥିଲେ। ମାତ୍ର ଅର୍ଥ ଉପାର୍ଜନ ତାଙ୍କର ଅଭିଳାଷ ନଥିବାରୁ ଶିକ୍ଷକତା କରିଥିଲେ। ୧୯୦୯ରେ ପ୍ରତିଷ୍ଠା କରିଥିଲେ ସାକ୍ଷୀଗୋପାଳ ବନ ବିଦ୍ୟାଳୟ। ଏହା ଥିଲା ଆଦର୍ଶ ମାନବ ନିର୍ମାଣ କାରଖାନା। ବନ ବିଦ୍ୟାଳୟର ପାଞ୍ଚ ଆଦର୍ଶ ଶିକ୍ଷକ ଗୋପବନ୍ଧୁ, ହରିହର, ନୀଳକଣ୍ଠ, ଗୋଦାବରୀଶ ଓ କୃପାସିନ୍ଧୁ 'ପଞ୍ଚସଖା' ଭାବେ ଖ୍ୟାତ। ମହାତ୍ମା ଗାନ୍ଧୀ ୧୯୨୧ରେ ଓଡ଼ିଶାକୁ ପ୍ରଥମ ଥର ପାଇଁ ଆସିଥିବାବେଳେ ବନ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଫେରିବା ପରେ ତାଙ୍କ ଦ୍ୱାରା ପ୍ରକାଶିତ ୟଙ୍ଗ ଇଣ୍ଡିଆରେ ଲେଖିଥିଲେ ଏ ଭଳି ନିଷ୍ପାପର ଶିକ୍ଷକ ଓ ଛାତ୍ର ଯଦି ଦେଶରେ ସୃଷ୍ଟି ହୁଅନ୍ତେ, ତେବେ ବର୍ଷକ ମଧ୍ୟରେ ସ୍ୱରାଜ୍ୟ ଲାଭ କରିବା କିଛି ବିସ୍ମୟକର କଥା ନୁହେଁ ବୋଲି ମୋର ବିଶ୍ୱାସ।

ଦୁର୍ଗତ ଜନସାଧାରଣଙ୍କ ସେବା, ବିଭୁପ୍ରୀତି ଓ ଦେଶପ୍ରୀତି ଥିଲା ଗୋପବନ୍ଧୁଙ୍କ ଜୀବନର ମହାମନ୍ତ୍ର। ଓଡ଼ିଆ ଭାଷା, ଜାତି ଓ ସାହିତ୍ୟକୁ ଗୌରବମଣ୍ଡିତ କରିବାକୁ ସେ ଆଜୀବନ ସାଧନା କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ତାଙ୍କ କର୍ମମୟ ଜୀବନର ମହାବ୍ରତ ଥିଲା। ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଗୋପବନ୍ଧୁଙ୍କୁ ଉତ୍କଳମଣି ଉପାଧି ଦେଇଥିଲେ। ଅବକାଶ ଚିନ୍ତା, ଧର୍ମପଦ, କାରା କବିତା, ବନ୍ଦୀର ଆତ୍ମକଥା, ଗୋ-ମାହାତ୍ମ୍ୟ, ନଚିକେତା ଉପାଖ୍ୟାନ, ଗୋପବନ୍ଧୁଙ୍କ ପ୍ରସିଦ୍ଧ ସାହିତ୍ୟ କୃତି। ୧୯୨୮ ମସିହା ପବିତ୍ର ନେତ୍ରୋତ୍ସବ ଦିନ ଓଡ଼ିଶାର ମଉଡମଣି ଗୋପବନ୍ଧୁ ଦାସ ସବୁଦିନ ପାଇଁ ଆଖି ବୁଜିଥିଲେ।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ଗୁରୁବାର, ୨୪ ସେପ୍ଟେମ୍ବର, ୨୦୨୬ 

## ମୁନ୍ଦଲସରରେ ବେଆଇନ ବାଲି ଗଚ୍ଛିତ ଅଭିଯୋଗ

ପାଟଣାଗଡ, ( ମହାଭାରତ ) : ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡରେ ବେଆଇନ ବାଲି କାରବାରକୁ ନେଇ ପୁଣି ଅଭିଯୋଗ ଉଠିଛି। ବେଆଇନ ବାଲି କାରବାର ବନ୍ଦ ଦାବିରେ ପୂର୍ବରୁ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ମଧ୍ୟ କରାଯାଇଥିଲା। ଏହାପରେ ଖଣି ବିଭାଗ କିଛିଟା ସକ୍ରିୟ ହୋଇଥିଲେ ମଧ୍ୟ ଗ୍ରାମାଞ୍ଚଳରେ ବେଆଇନ ବାଲି କାରବାର ସମ୍ପୂର୍ଣ୍ଣ ବନ୍ଦ ହୋଇନଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଇନ୍ଦିରା ଆବାସ ହିତାଧିକାରୀମାନେ ବାଧ୍ୟ ହୋଇ ବେଆଇନ ଭାବେ ବାଲି କିଣୁଥିବା ବେଳେ ପୂର୍ବରୁ ପ୍ରାୟ ୮୦୦ ଟଙ୍କାରେ ମିଳୁଥିବା ଏକ ଟ୍ରିପ୍ ବାଲି ପାଇଁ ବର୍ତ୍ତମାନ ପ୍ରାୟ ୨୨୦୦ ଟଙ୍କା ଦେବାକୁ ପଡୁଥିବା ଅଭିଯୋଗ ହୋଇଛି। ଆଜି କଂଗ୍ରେସ ଉପସଭାପତି ଅଜିତ ପୁରୋହିତ ତମିଆଁ ପଞ୍ଚାୟତ ଅନ୍ତର୍ଗତ ମୁନ୍ଦଲସର ଗାଁ ନିକଟସ୍ଥ ଏକ ପତ୍ରା ଜଙ୍ଗଲରେ ବେଆଇନ ଭାବେ ବାଲି ଗଚ୍ଛିତ ଥିବା ଖବର ପାଇ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ କରିଥିଲେ। ସେଠାରୁ ସେ ପାଟଣାଗଡ଼ ଉପଜିଲ୍ଲାପାଳ ଓ ଖଣି ବିଭାଗ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଉକ୍ତ ବାଲି ରାଜୀବ ନାମକ ଜଣେ ବ୍ୟକ୍ତିଙ୍କର ବୋଲି କୁହାଯାଉଥିବା ବେଳେ ତମିଆ ରାଜସ୍ୱ ନିରୀକ୍ଷକ (ଆରଆଇ)ଙ୍କ ସମ୍ପୃକ୍ତି ନେଇ ମଧ୍ୟ ଅଭିଯୋଗ ଉଠିଛି। ତେବେ ଏହି ଅଭିଯୋଗର ସ୍ୱତନ୍ତ୍ର ସତ୍ୟତା ନିଶ୍ଚିତ ହୋଇନାହିଁ। ଘଟଣା ସମ୍ପର୍କରେ ପାଟଣାଗଡ଼ ଉପଜିଲ୍ଲାପାଳ ତତ୍ପରତା ଦେଖାଇ ବାଲି ଜବତ କରି ନିୟମାନୁସାରେ ନିଲାମ କରିବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

## ଗର୍ଭବତୀ ମହିଳା ଙ୍କୁ ସ୍ଥାନାନ୍ତର କରିବାକୁ ସରୋଜ ପଣ୍ଡାଙ୍କ ପ୍ରଶାସନ ପାଖରେ ଦାବି



ପାତ୍ରପୁର, (ମହାଭାରତ) : ଆଜି ବିଳମ୍ବିତ ରାତିରେ ଗୋପାଳପୁର ଏବଂ ବିଶାଖାପାଟଣା ମଧ୍ୟରେ ଲ୍ୟାଣ୍ଡଫଲ କରିବାକୁ ଯାଉଥିବା ବାତ୍ୟା ' ଅର୍ଣ୍ଣବ ' କୁ ନେଇ ଗଞ୍ଜାମ ଜିଲ୍ଲାକୁ ରେଡ୍ ? ୱାର୍ଣ୍ଣିଂ ଜାରି ହୋଇଥିବାରୁ ପ୍ରଶାସନ ସମସ୍ତ ପ୍ରସ୍ତୁତି ତ୍ୱରାନ୍ୱିତ କରିଛି। ଜିଲ୍ଲାର ପାହାଡ଼ିଆ ଓ ଉପକୂଳବର୍ତ୍ତୀ ଅଞ୍ଚଳରେ ଚାଳ ଓ କଚ୍ଛାଘରେ ରହୁଥିବା ଲୋକଙ୍କୁ ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲ୍ଲାବାସୀ ଭୟଭୀତ ନ ହୋଇ ସତର୍କ ରହିବାକୁ ଜିଲ୍ଲାପାଳ ଭି.କୀର୍ତ୍ତି ୱାସନ ଅନୁରୋଧ ମଧ୍ୟ କରିଛନ୍ତି। କିନ୍ତୁ ବ୍ଲକ୍ ପ୍ରଶାସନ ଆଜି ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ବୁଲି ଭିତ୍ତିଭୂମି ଓ ପ୍ରସ୍ତୁତି ଅନୁଧ୍ୟାନ କରିଛନ୍ତି। ଚିକିଟି ବ୍ଲକର ଅଲାଡିପୁର, ରାମେୟାପାଟଣା ଏବଂ ପାତ୍ରପୁର ବ୍ଲକର ଆଙ୍କୁଲି, ତାଡ଼କାସାହିସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀକୁ ଯାଇ ଲୋକଙ୍କୁ ଭେଟିବା ସହ ରାମେୟାପାଟଣାରେ ମତ୍ସ୍ୟଜୀବୀଙ୍କ ସହ ଆଲୋଚନା କରିଥିଲେ। ଉଭୟ ବ୍ଲକର ତଳିଆ ଅଞ୍ଚଳ ଓ ପାହାଡ଼ିଆ ଅଞ୍ଚଳରୁ ବହୁ ଲୋକଙ୍କୁ ଆଣି ବନ୍ୟା ଆଶ୍ରୟ ସ୍ଥଳ କୁ ସ୍ଥାନାନ୍ତର କରିଥିବା ଜଣାପଡିଛି।କିନ୍ତୁ ପାତ୍ରପୁର ବ୍ଲକ ବୁରାତାଲ ପଞ୍ଚାୟତ ଲାଇଡା ଗ୍ରାମରେ ପ୍ରଶାସନ ବର୍ତ୍ତମାନ ପର୍ଯ୍ୟନ୍ତ ପହଞ୍ଚି ନଥିବା ଅଭିଯୋଗ ଆସିଛି । ଉକ୍ତ ଗ୍ରାମରେ ଗର୍ଭବତୀ ମହିଳା ସମ୍ବାରି ଶବର ଏବଂ ପ୍ରସୂତି ମହିଳା ମଧ୍ୟ ଅଛନ୍ତି ସେ କହିଛନ୍ତି ଆମ ପାଖରେ ବର୍ତ୍ତମାନ ପର୍ଯ୍ୟନ୍ତ ବ୍ଲକ୍ ପ୍ରଶାସନ ପହଁଛିନାହାନ୍ତି , ଆମ ଘର ପଛରେ ପାହାଡ଼ ଅଛି ଆମକୁ ଡର ମଧ୍ୟ ଲାଗୁଥିବା ,ରାତ୍ର ସମୟରେ ମାଟିର କାନ୍ଥ ଉପରେ କେତେବେଳେ ପଡ଼ିଯିବା ମଧ୍ୟ କହିଛନ୍ତି । କାହିଁକି ପ୍ରଶାସନ ପକ୍ଷରୁ ଲାଇଡ଼ା ଗ୍ରାମରେ ସଚେତନ ହୋଇନାହିଁ । ସେପଟେ ପାତ୍ରପୁର ବିଡିଓ ଲକ୍ଷ୍ମଣ ସୋରେନ ଙ୍କୁ ପଚାରିବାରୁ ତାଙ୍କୁ ସ୍ଥାନାନ୍ତର କରିବା କିଛି ଆବଶ୍ୟକ ନାହିଁ ବୋଲି କହିଛନ୍ତି ।

## ପଣ୍ଡିତ ଜବାହାରଲାଲ ନେହେରୁ ଟ୍ରଷ୍ଟ ଓ ଇନ୍ଦିରା ଗାନ୍ଧୀ ଟ୍ରଷ୍ଟ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଉଦଯାପିତ



ପାରାଦୀପ, (ମହାଭାରତ) : ପାରାଦୀପ ଅନ୍ୟତମ ଅଗ୍ରଣୀ ପ୍ରମୁଖ ସ୍ୱେଚ୍ଛାସେବୀ ସଙ୍ଗଠନ ପଣ୍ଡିତ ଜବାହାରଲାଲ ନେହେରୁ ଏବଂ ଇନ୍ଦିରା ଗାନ୍ଧୀ ଟ୍ରଷ୍ଟ ପକ୍ଷରୁ ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ବିଶ୍ୱକର୍ମା ପୂଜା ଅବସରରେ ସମୂହ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୁଧବାର ଦିନ ସପ୍ତାହବ୍ୟାପି ସଫେଇ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ପାରାଦୀପରେ ବିଗତ ତିନି ବର୍ଷ ଧରି ଟ୍ରଷ୍ଟ ଦ୍ୱୟ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ କରି ସାଧାରଣରେ ପ୍ରଶଂସିତ ହୋଇଆସିଛି। ଟ୍ରଷ୍ଟର ଉପଦେଷ୍ଟା ନିରଂଜନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସେବା କାର୍ଯ୍ୟକ୍ରମରେ ପଣ୍ଡିତ ଜବାହାରଲାଲ ନେହେରୁ ଏବଂ ଇନ୍ଦିରା ଗାନ୍ଧୀ ଟ୍ରଷ୍ଟ ମିଳିତ ଭାବେ ଏହି ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ।

# ଚିଲିକାରେ ମାଛ ବଂଶ ନେଇ ଦ୍ୱନ୍ଦ୍ୱ : ସରକାରୀ ରିପୋର୍ଟରେ ବୃଦ୍ଧି, ମତ୍ସ୍ୟଜୀବୀଙ୍କ ଅନୁଭବରେ ହ୍ରାସ



କୃଷ୍ଣପ୍ରସାଦ, (ମହାଭାରତ) : ଏସିଆର ସର୍ବବୃହତ୍ ମଧୁରଜଳ ହ୍ରଦ ଚିଲିକାରେ ମାଛ ସଂଖ୍ୟାକୁ ନେଇ ଏକ ବଡ଼ ଦ୍ୱନ୍ଦ୍ୱ ସାମ୍ନାକୁ ଆସିଛି। ଚିଲିକାରେ ମୋଟ ୩୭୮ ପ୍ରଜାତିର ମାଛ ଦେଖାଯାଉଥିବା ବେଳେ ସେଥିରୁ ୯ଟି ପ୍ରଜାତି ସଙ୍କଟାପନ୍ନ ଅବସ୍ଥାରେ ରହିଛି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଉଭଇ ଏହି ବିପଦ ସମ୍ପର୍କରେ ଚେତାବନୀ ଦେଉଥିବା ବେଳେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ଅବସ୍ଥା ଓ ଅନୁଭବ ସମ୍ପୂର୍ଣ୍ଣ ଭିନ୍ନ ରହିଛି ସଙ୍କଟରେ ୯ଟି ପ୍ରମୁଖ ପ୍ରଜାତି । ଚିଲିକାରୁ ଯେଉଁ ୯ଟି ପ୍ରଜାତିର ମାଛ ପ୍ରାୟତଃ ଦୃଶ୍ୟମାନ ହେଉନାହାନ୍ତି, ସେଗୁଡ଼ିକ ହେଲା ହାଡୁଡ଼ି ମୁଣ୍ଡିଆ ମଗର (ସ୍କିର୍?ନା ଲେଓ୍ୱିନି, ପ୍ରିଷ୍ଟିସ୍ କ୍ଲାଭାଟା, ଏଟୋବାଟସ୍ ଫ୍ଲାଜେଲମ୍, ଚିତଳ ଚିତାଲା ଚିତାଲା, ପାଣି ଆଖିଆ ଇଲିଶା ମେଗାଲୋପେଟେରା, ପାବଦା ଓମ୍ପୋକ୍ ବାଇମାକ୍ୟୁଲାଟସ୍, ବଚୁଆ ୟୁଟ୍ରୋପିଇକ୍ଥିସ୍ ଭାଚା ବାଘାରି ବାଗାରିଅସ୍ ୟାରେଲି ଏବଂ ମାଗୁରା କ୍ଲାରିଆସ୍ ମାଗୁର ମତ୍ସ୍ୟଜୀବୀଙ୍କ ଚିନ୍ତା ଓ ଦାଦନ ଶ୍ରମିକ ସମସ୍ୟା ସ୍ଥାନୀୟ ମତ୍ସ୍ୟଜୀବୀ ଏବଂ ଅଧିବାସୀଙ୍କ କହିବାନୁଯାୟୀ, ଚିଲିକାରେ କିଛି ପ୍ରଜାତିର ମାଛ ବଂଶ ସମ୍ପୂର୍ଣ୍ଣ ବୁଡ଼ିବାକୁ ବସିଲାଣି। ଏଠାରେ ଏକଦା ବାଇଶିଆଳି, କୁଣ୍ଡଳ ଓ ସୁକୁଡ଼ା ଭଳି ମାଛ ପ୍ରଚୁର ପରିମାଣରେ ମିଳୁଥିଲା, ଯାହାକି ଆଜି ସଂପୂର୍ଣ୍ଣ ବିରଳ। ହ୍ରଦରେ ମାଛର ଅଭାବ ଏତେ ପରିମାଣରେ ଦେଖାଦେଇଛି ଯେ, ଜୀବିକା ହରାଇ ମତ୍ସ୍ୟଜୀବୀମାନେ ବାଧ୍ୟ ହୋଇ ଦାଦନ ଖଟିବାକୁ ବାହାରିଲେଣି ବିଭାଗୀୟ ତଥ୍ୟ କହୁଛି ଭିନ୍ନ କଥା ଅନ୍ୟପକ୍ଷରେ, ମତ୍ସ୍ୟ ସମ୍ପଦ ବିଭାଗର ରିପୋର୍ଟ ଅନୁଯାୟୀ ଚିଲିକାରେ ମାଛ ଉତ୍ପାଦନ କ୍ରମାଗତ ଭାବେ ବୃଦ୍ଧି ପାଉଛି। ମାଛ, ଚିଙ୍ଗୁଡ଼ି ଏବଂ କଙ୍କଡ଼ା ମଧ୍ୟରୁ ଚିଲିକାରେ ମାଛ ଉତ୍ପାଦନ ସର୍ବାଗ୍ରେ ରହିଛି। ବିଭାଗୀୟ ତଥ୍ୟ ଅନୁଯାୟୀ ୨୦୨୧-୨୨ ଆର୍ଥିକ ବର୍ଷ ୧୨,୦୦୦ ମେଟ୍ରିକ୍ ଟନ୍ ୨୦୨୨-୨୩ ଆର୍ଥିକ ବର୍ଷ ୧୩,୦୩୪ ମେଟ୍ରିକ୍ ଟନ୍ ୨୦୨୩-୨୪ ଆର୍ଥିକ ବର୍ଷ ଆହୁରି ଏକ ହଜାର ମେଟ୍ରିକ୍ ଟନ୍ ବୃଦ୍ଧି ଅର୍ଥାତ୍ ଗତ ତିନି ବର୍ଷ ମଧ୍ୟରେ ପ୍ରତିବର୍ଷ ହାରାହାରି ଏକ ହଜାର ମେଟ୍ରିକ୍ ଟନ୍ ଅଧିକ ମାଛ ଉତ୍ପାଦନ ହେଉଛି ବୋଲି ବିଭାଗ ଦର୍ଶାଇଛି ଚିଲିକାର ଅତି ସ୍ୱାଦିଷ୍ଟ ଖଇଙ୍ଗା ମାଛର ଚାହିଦା ଓ ଦର ସବୁବେଳେ ଅଧିକ ରହିଛି। ତେବେ ସରକାରୀ ତଥ୍ୟରେ ଉତ୍ପାଦନ ବଢ଼ୁଥିବା ଦର୍ଶାଯାଉଥିବା ବେଳେ, ପ୍ରକୃତ ମାଛ ଧରାଳିଙ୍କ ବାସ୍ତବ ସ୍ଥିତି ଏହାର ବିପରୀତ ହୋଇଥିବାରୁ ଏହା ଚିନ୍ତାର ବିଷୟ ପାଲଟିଛି।

## ବିଦାୟ ନେଲେ ଦେବଶିଳ୍ପୀ ବିଶ୍ୱକର୍ମା- ଲଗାଣ ବର୍ଷା ମଧ୍ୟରେ ସମସ୍ତ ମେଢର ହେଲା ଭଷାଣୀ



ପାରାଦୀପ, (ମହାଭାରତ) : ପାରାଦୀପଠାରେ ଗତ ଗୁରୁବାର ଦିନଠାରୁ ଆରମ୍ଭ ହୋଇଥିଲା ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା। ସାତ ଦିନ ଧରି ଚାଲିଥିବା ଏହି ପୂଜା ଉତ୍ସବରେ ଲଘୁଚାପଜନିତ ବର୍ଷାର ପ୍ରଭାବିତ ହୋଇଥିଲା । ବର୍ଷା ଓ ପବନରେ ଏକ ମେଢର ଗେଟ୍ ମଧ୍ୟ ଭୁଷୁଡି ପଡିଥିବା ଦେଖିବାକୁ ମିଳିଥିଲା । ମଙ୍ଗଳବାର ଦିନ ରାତିରେ ବିଶ୍ୱକର୍ମା ପୂଜାରେ ମଣ୍ଡପ ପ୍ରସ୍ତୁତି କରିଥିବା ଆୟୋଜକମାନଙ୍କୁ ପୌରପାଳିକା ପକ୍ଷରୁ ପୁରସ୍କୃତ କରାଯାଇଥିଲା। ରାଜ୍ୟ ସରକାରଙ୍କ ମନ୍ତ୍ରୀ ତଥା ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ଡ. ବିଭୂ ପ୍ରସାଦ ତରାଇ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ । ନଗରପାଳ ବସନ୍ତ ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ଏହି ପୁରସ୍କାର ବିତରଣୀ ସମାରୋହରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଂଜନ ବେହେରା, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ସମେତ ପୌର ପାରିଷଦମାନେ ଉପସ୍ଥିତ ଥିଲେ । ବୁଧବାର ଦିନ ପ୍ରତିକୂଳ ପାଗ ମଧ୍ୟରେ ସମସ୍ତ ପୂଜାମଣ୍ଡପରୁ ଦେବଶିଳ୍ପୀଙ୍କ ଶୋଭାଯାତ୍ରା ବାହାରିଥିଲେ। ସଂନ୍ଧ୍ୟା ସୁଦ୍ଧା ସମସ୍ତ ମେଢ ଗୁଡିକ ପୌରପାଳିକା ଦ୍ୱାରା ପ୍ରସ୍ତୁତ ହୋଇଥିବା ଅସ୍ଥାୟୀ ପୁଷ୍କରିଣୀରେ ବିସର୍ଜନ ହୋଇଥିବା ଜଣାପଡିଛି ।

## ଗୁଣାତ୍ମକ ଶିକ୍ଷା ପାଇଁ ସରକାରଙ୍କ ଆନ୍ତରିକତା ଅଭାବ କାହିଁକି ?

ନୂଆଗାଁ , (ମହାଭାରତ ) : ରାଜ୍ୟର ଜନ ସାଧାରଣ, ଅଭିଭାବକ ମାନେ ଭାବିଥିଲେ ଡବଲ ଇଞ୍ଜିନ ସରକାର ଶିକ୍ଷାରେ ବ୍ୟାପକ ପରିବର୍ତ୍ତନ କରିବେ ହେଲେ ଫଳ ଓଲଟା ।ଶିକ୍ଷା ବିକାଶ ଦିଗରେ ଯିବ କଣ ବିନାଶ ଦିଗରେ ଯାଉଛି ।ଯେଉଁ ରାଜ୍ୟର ଶିକ୍ଷା ଯେତେ ସମୃଦ୍ଧ ସେହି ରାଜ୍ୟ ସେତେ ଉନ୍ନତ ।ଶିକ୍ଷାର ବିକାଶ,ଗୁଣାତ୍ମକ ଶିକ୍ଷା ଯେଉଁ ରାଜ୍ୟରେ ହେବା ପାଇଁ ସରକାର ଆନ୍ତରିକତା ଅଭାବ ରହିଛି ସେହି ରାଜ୍ୟ ବିକାଶର ତାଲିକାରେ ଦେଶରେ ତଳ ସ୍ତରରୁ ଏକ ନଂ ହେଉଛି। ଏଠି ପ୍ରଶ୍ନ ଉଠୁଛି ଗୁଣାତ୍ମକ ଶିକ୍ଷା ଚାଲିଛି କହିଲେ ହେବ ନାହିଁ ସେଥିପାଇଁ ଶତପ୍ରତିଶତ କାର୍ଯ୍ୟ ହେବା ମଧ୍ୟ ନିହାତି ଆବଶ୍ୟକ ।ରାଜ୍ୟରେ ଚାଲିଛି ଡବଲ ଇଞ୍ଜିନ ସରକାର। ସରକାର ଗୁଣାତ୍ମକ ଶିକ୍ଷା ଦେଉଛନ୍ତି ବୋଲି ଡିଣ୍ଡିମ ପିଟୁଥିବା ବେଳେ କିନ୍ତୁ କାର୍ଯ୍ୟ ପୁରା ଓଲଟା ।ଯାହାକି ନୟାଗଡ ଜିଲ୍ଲା ରେ ଦେଖିବାକୁ ମିଳିଛି ।ନୟାଗଡ ଜିଲ୍ଲା ରେ ଲେବଲ-୪ର୍ଥ ରେ ପୋଷ୍ଟ ଖାଲିପଡ଼ିଛି ୯୨,କିନ୍ତୁ ବିଚିତ୍ର କଥା ଶିକ୍ଷକ ପଦୋନ୍ନତି ୪୫ ଜଣ ପାଇଥିବା ଜଣା ପଡ଼ିଛି ।ତେବେ କାହିଁକି ଏଭଳି ବିଚିତ୍ର ବ୍ୟବସ୍ଥା ।ଏହା ଶିକ୍ଷକ ମାନଙ୍କୁ ନିରୁତ୍ସାହିତ କରିବନି କି ? ପ୍ରଶ୍ନ ଉଠୁଛି ୯୨ ଜଣ ପଦୋନ୍ନତି ପାଇବାକୁ ଥିବା ବେଳେ ୪୫ ଜଣଙ୍କୁ କାହିଁକି ? ଏହା କଣ ଡବଲ ଇଞ୍ଜିନ ସରକାର ର ସଫଳତା ।ପାଠ୍ୟ ପୁସ୍ତକ,ଶିକ୍ଷକ, ଶ୍ରେଣୀଗୃହ ,ପଦୋନ୍ନତି ସ୍ପଷ୍ଟ ଜଣାପଡୁଛି ସରକାରଙ୍କ ଗୁଣାତ୍ମକ ଶିକ୍ଷା ପ୍ରତି କେତେ ଆନ୍ତରିକତା ରହିଛି ।ଏଭଳି ଅବ୍ୟବସ୍ଥା ଚାଲୁ ରହିଲେ ଛାତ୍ରଛାତ୍ରୀ ଙ୍କ ବିକାଶ ତ ଦୂରର କଥା ଭବିଷ୍ୟତ ଅନ୍ଧକାର ମୟ ହେବା ସୁନିଶ୍ଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।ଶିକ୍ଷକ ପଦୋନ୍ନତିରେ ଏହି ଟାଳଟୁଳ ନୀତି କାହିଁକି ।୯୨ ପୋଷ୍ଟ ଖାଲି ଥିବାବେଳେ ୪୫ ଜଣଙ୍କୁ କାହିଁକି ,ଏଭଳି ପ୍ରଶ୍ନ କରିଛନ୍ତି ବୁଦ୍ଧିଜୀବୀ।

## ଦଶହରା ଯେତିକି ପାଖେଇ ଆସୁଛି,ରାଇଘରରେ ସେତିକି ବଢୁଛି ଗଣମାଧ୍ୟମ ପ୍ରତିନିଧିଙ୍କ ସଂଖ୍ୟା !

ରାଇଘର, (ମହାଭାରତ): ରାଇଘର ବ୍ଲକରେ ଦଶହରା ପର୍ବ ଯେମିତି ପାଖେଇ ଆସୁଛି,ସେମିତି ଦେଖିବାକୁ ମିଳୁଛି ନିଜକୁ ଗଣମାଧ୍ୟମ ପ୍ରତିନିଧି ବୋଲି ପରିଚୟ ଦେଉଥିବା ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ।ବର୍ଷସାରା ଅଞ୍ଚଳର ଲୋକଙ୍କ ସମସ୍ୟା, ଉନ୍ନୟନମୂଳକ କାର୍ଯ୍ୟ,ପ୍ରଶାସନିକ ଅବ୍ୟବସ୍ଥା ଓ ଜନସାଧାରଣଙ୍କ ପ୍ରଶ୍ନକୁ ନେଇ ଖବର ପ୍ରସାରଣ କରୁନଥିବା କିଛି ବ୍ୟକ୍ତି ମଧ୍ୟ ଏହି ସମୟରେ ନିଜକୁ ସାମ୍ବାଦିକ କିମ୍ବା ଗଣମାଧ୍ୟମ ପ୍ରତିନିଧି ବୋଲି ପରିଚୟ ଦେଉଥିବା ଚର୍ଚ୍ଚା ହେଉଛି ।ତେବେ ପ୍ରଶ୍ନ ଉଠୁଛି ସାମ୍ବାଦିକତା କେବଳ ପର୍ବପର୍ବାଣୀ କିମ୍ବା ବିଶେଷ ସମୟରେ ଦେଖାଦେବାର ନାଁ କି ?ସାମ୍ବାଦିକତା ହେଉଛି ଲୋକଙ୍କ ସମସ୍ୟାକୁ ଉଠାଇବା, ପ୍ରଶାସନକୁ ପ୍ରଶ୍ନ କରିବା ଏବଂ ସତ୍ୟ ତଥ୍ୟକୁ ଲୋକଙ୍କ ସମ୍ମୁଖରେ ରଖିବାର ଏକ ଦାୟିତ୍ୱ। ତେଣୁ ବର୍ଷସାରା ଲୋକଙ୍କ ସମସ୍ୟା ସହିତ ଯୋଡ଼ି ହୋଇ ଖବର କରିବା ହିଁ ଗଣମାଧ୍ୟମର ପ୍ରକୃତ ଭୂମିକା ।ଦଶହରା ଆସିଲେ ହଠାତ୍ ? ଗଣମାଧ୍ୟମ ପ୍ରତିନିଧିଙ୍କ ସଂଖ୍ୟା ବଢ଼ିଯିବା ଏବଂ ବର୍ଷସାରା ଲୋକଙ୍କ ସମସ୍ୟା ସମୟରେ ଦେଖା ନଦେବା ଏହା କେବଳ ସଂଯୋଗ ନା ଏହା ପଛରେ ଆଉ କିଛି କାରଣ ରହିଛି ରାଇଘରବାସୀ ଏହାର ଉତ୍ତର ଜାଣିବାକୁ ଚାହୁଁଛନ୍ତି ।ସାମ୍ବାଦିକତା ପରିଚୟରେ ନୁହେଁ,ନିରନ୍ତର କାର୍ଯ୍ୟ ଓ ଦାୟିତ୍ୱବୋଧରେ ପ୍ରମାଣିତ ହେବା ଦରକାର।

# ହୋଟେଲ ଓ ଶିକ୍ଷାନୁଷ୍ଠାନରେ ଅଗ୍ନିନିରାପତ୍ତା ଯାଞ୍ଚ ଅଗ୍ନିନିର୍ବାପକ ଯନ୍ତ୍ରର କାର୍ଯ୍ୟକ୍ଷମତା ପରଖିଲା ଅଗ୍ନିଶମ ବିଭାଗ



ଉମରକୋଟ, (ମହାଭାରତ): ଉମରକୋଟ ସହରର ବିଭିନ୍ନ ହୋଟେଲ, ରେଷ୍ଟୋରାଁ ଓ ଶିକ୍ଷାନୁଷ୍ଠାନରେ ବୁଧବାର ଅଗ୍ନିନିରାପତ୍ତା ବ୍ୟବସ୍ଥାର ଯାଞ୍ଚ କରାଯାଇଛି। ନବରଙ୍ଗପୁର ଜିଲ୍ଲା ଅଗ୍ନିଶମ ବିଭାଗ ଓ ଉମରକୋଟ ଅଗ୍ନିଶମ ବାହିନୀର ମିଳିତ ଉଦ୍ୟମରେ ଏହି ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ବିଭିନ୍ନ ସଂସ୍ଥାରେ ଉପଲବ୍ଧ ଅଗ୍ନିନିର୍ବାପକ ଯନ୍ତ୍ରର କାର୍ଯ୍ୟକ୍ଷମତା, ଠିକ୍ ? ଭାବେ ପରିଚାଳନା ଓ ଆପତ୍ତିକାଳୀନ ସମୟରେ ତାହା ବ୍ୟବହାର ଯୋଗ୍ୟ ଅଛି କି ନାହିଁ, ସେନେଇ ଯାଞ୍ଚ କରାଯାଇଥିଲା। ଏଥିସହ ସଂସ୍ଥାଗୁଡ଼ିକରେ ଅଗ୍ନିନିରାପତ୍ତା ନିୟମ ଓ ଆପତ୍ତିକାଳୀନ ସୁରକ୍ଷା ବ୍ୟବସ୍ଥାର ସ୍ଥିତି ମଧ୍ୟ ପରଖାଯାଇଥିଲା।

ଯେଉଁ ସଂସ୍ଥାଗୁଡ଼ିକରେ ଅଗ୍ନିନିରାପତ୍ତା ବ୍ୟବସ୍ଥାରେ ତ୍ରୁଟି ଥିବା ଦେଖାଯାଇଥିଲା, ସେଠାରେ ଆବଶ୍ୟକ ସୁଧାରମୂଳକ ପଦକ୍ଷେପ ନେବାକୁ ଅଗ୍ନିଶମ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଏଥିସହ ଅଗ୍ନିନିର୍ବାପକ ଯନ୍ତ୍ରଗୁଡ଼ିକୁ ସର୍ବଦା କାର୍ଯ୍ୟକ୍ଷମ ଓ ଆପତ୍ତିକାଳୀନ ବ୍ୟବହାର ପାଇଁ ପ୍ରସ୍ତୁତ ରଖିବାକୁ ସଂସ୍ଥା କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲା। 'ସୁରକ୍ଷିତ ଓଡ଼ିଶା, ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମ ଅବସରରେ ଏହି ଯାଞ୍ଚ ସହ ବିଭିନ୍ନ ଅନୁଷ୍ଠାନର କର୍ମଚାରୀଙ୍କୁ ଅଗ୍ନିନିରାପତ୍ତା ନିୟମ ପାଳନ ଓ ଆପତ୍ତିକାଳୀନ ସମୟରେ ନିରାପଦ ପଦକ୍ଷେପ ଗ୍ରହଣ ସମ୍ପର୍କରେ ସଚେତନ କରାଯାଇଥିଲା। ମିଳିତ ଯାଞ୍ଚରେ ନବରଙ୍ଗପୁର ଜିଲ୍ଲା ଅଗ୍ନିଶମ ଅଧିକାରୀ ଦେବୀପ୍ରସାଦ ଦାସଙ୍କ ସମେତ ଉମରକୋଟ ଅଗ୍ନିଶମ ବାହିନୀର ହରିଶଙ୍କର ସୁନାନୀ, ଧର୍ମେନ୍ଦ୍ର ସା ଓ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ। ଏହି ଅବସରରେ ସେମାନେ ବିଭିନ୍ନ ସଂସ୍ଥାର କର୍ମଚାରୀଙ୍କୁ ଅଗ୍ନିନିର୍ବାପକ ଯନ୍ତ୍ରର ସଠିକ୍ ? ବ୍ୟବହାର ଓ ପରିଚାଳନା ସମ୍ପର୍କରେ ବୁଝାଇଥିଲେ। ଅଗ୍ନିକାଣ୍ଡ ଭଳି ଆପତ୍ତିକାଳୀନ ଘଟଣା ସମୟରେ ଜୀବନ ଓ ସମ୍ପତ୍ତିହାନିକୁ ରୋକିବା ପାଇଁ ପ୍ରତ୍ୟେକ ଅନୁଷ୍ଠାନରେ ଅଗ୍ନିନିରାପତ୍ତା ବ୍ୟବସ୍ଥା ସଠିକ୍ ? ରଖିବା ସହ ନିୟମିତ ଭାବେ ଯାଞ୍ଚ କରାଇବା ଉପରେ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି।

## ମୁଦୁରାଙ୍ଗ ଠାରୁ କୋଶଲାଙ୍ଗ ରାସ୍ତା ପାଲଟିଛି ମରଣଯନ୍ତା, ବିଭାଗୀୟ ଯନ୍ତ୍ରୀ ନୀରବ ଦ୍ରଷ୍ଟା

ନୂଆଗାଁ, (ମହାଭାରତ) : କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳ ବିକାଶ ଓ ଲୋକମାନଙ୍କ ଗମନାଗମନ ସୁବିଧା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅଞ୍ଚଳରେ ତାହା ବିଫଳ ଘଟିଛି। ଉଦୟପୁର ଗ୍ରାମପଞ୍ଚାୟତ ଜାତୀୟ ରାଜପଥ ୫୭ ନଂ ମୁଦୁରାଙ୍ଗ ଠାରୁ କୋଶଲାଙ୍ଗ ପର୍ଯ୍ୟନ୍ତ ରାସ୍ତାର ଦୂରତା ୫.୯୦୦ କି.ମି ହୋଇଥିବା ବେଳେ ଦୀର୍ଘ ୪ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି କାମ ଶେଷ ହେବାରେ ନାଁ ଧରୁନାହିଁ। ଏହି ବିପଦ ପୂର୍ଣ୍ଣ ରାସ୍ତାରେ ପ୍ରତିଦିନ ଉଦୟପୁର, ଜିଗିନୀପଡ଼ା, ବଡକାଠବାରୀ, ଚଢେଇମରା ଓ କୋଶଲାଙ୍ଗ ଆଦି ଗ୍ରାମର ଲୋକେ ଯିବାଆସିବା କରନ୍ତି।ବ୍ଲକ,



ତହସିଲ, ରାଜସ୍ୱ ନିରୀକ୍ଷକ ଓ ଥାନାକୁ ଗମନାଗମନ ପାଇଁ ଲୋକେ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି।ଏଥିସହିତ ଛାତ୍ରଛାତ୍ରୀ ମାନେ ସ୍କୁଲ, କଲେଜ ଯାତାୟତ ପାଇଁ ମଧ୍ୟ ଅସୁବିଧା ହେଉଛନ୍ତି। ତତ ସହିତ ଆମ୍ବୁଲାନ୍ସ ଗାଡ଼ି ସେବା ଠାରୁ ଭାରିଯାନ ଚଳାଚଳ କରିବା ପାଇଁ ଚାଳକ ଅସୁବିଧା ଭୋଗୁଛନ୍ତି।ଏହି ରାସ୍ତା ନିର୍ମାଣ ନିମନ୍ତେ ଅଟକଳ ପରିମାଣ ୩୬୦.୨୩ ଲକ୍ଷ ମଞ୍ଜୁର ହୋଇଥିବା ବେଳେ ୦୮ ଏପ୍ରିଲ ୨୦୨୨ ରେ କାର୍ଯ୍ୟାରମ୍ଭ ହୋଇଥିଲା ୦୭ ମାର୍ଚ୍ଚ ୨୦୨୩ ରେ ଏହାର କାର୍ଯ୍ୟଶେଷ ଅବଧି ଥିଲା।କିନ୍ତୁ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଶୋଚନୀୟ ଅବସ୍ଥା ହୋଇପଡ଼ିଛି।ଦୀର୍ଘ ୪ବର୍ଷରୁ ଅଧିକ ହେବ ଉକ୍ତ ରାସ୍ତା କାମ ସମ୍ପୂର୍ଣ୍ଣ ଠପ ହୋଇଛି।ନିମ୍ନମାନର କାମ ଯୋଗୁଁ ବର୍ତ୍ତମାନ ରାସ୍ତା ମରଣଯନ୍ତା ପାଲଟିଛି। ଯିବାଆସିବାରେ ସ୍ଥାନୀୟବାସିନ୍ଦା ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି।ଅନେକ ସମୟରେ ରାସ୍ତାରେ ବାଇକ ଦୃଘଟଣା ଜନିତ ମୃତ୍ୟୁ ବରଣ ହୋଇଥିବା ସ୍ଥାନୀୟବାସିନ୍ଦାଙ୍କ ଠାରୁ ଶୁଣିବାକୁ ମିଳିଛି।ଗ୍ରାମାଞ୍ଚଳର ବିକାଶ ଓ ରାସ୍ତାଘାଟର ଉନ୍ନତି କରଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ସତ କିନ୍ତୁ ନିମ୍ନମାନର ରାସ୍ତା କାମ କରି ଠିକାଦାର ଓ ବିଭାଗୀୟ ଯନ୍ତ୍ରୀ ମିଳିମିଶି ଅର୍ଥ କୁ ହରିଲୋଟ କରୁଥିବା ଅଭିଯୋଗ ହେଉଛି। ଅନ୍ୟପଟେ ବିଭାଗୀୟ ଯନ୍ତ୍ରୀ ପକେଟ ଗରମ କରୁଥିବା ଚର୍ଚ୍ଚା ହେଉଛି।ଯାହାଫଳରେ ଠିକାଦାର କାମ କରିବାକୁ ନା ଧରୁନଥିବା ସ୍ଥାନୀୟବାସୀଙ୍କ ଠାରୁ ଶୁଣିବାକୁ ମିଳିଛି।ସ୍ଥାନୀୟ ଅଞ୍ଚଳବାସୀ ନୟାଗଡ଼ ଜିଲ୍ଲାପାଳଙ୍କ ଅଭିଯୋଗ ଜନଶୁଣାଣୀରେ ବ୍ଲକ ପ୍ରଶାସନ ଠାରୁ ଜିଲ୍ଲା ପ୍ରଶାସନ,ବିଭାଗୀୟ ଯନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଜଣାପଡ଼ିଛି। ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବୀ ହେଉଛି।

## ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘର ନୂତନ କାର୍ଯ୍ୟକାରିଣୀ କମିଟି ଗଠନ

ବଲାଙ୍ଗିର, (ମହାଭାରତ): ଟିଟିଲାଗଡ଼ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ ର ଏକ ସାଧାରଣ ସଭା ଆଜି ପଞ୍ଚାୟତ ହାଇସ୍କୁଲ, ନରେନରେ ଅନୁଷ୍ଠିତ ହୋଇଥିଲା। ସଭାରେ ଶିକ୍ଷା ବ୍ୟବସ୍ଥାର ଉନ୍ନତି, ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା, ସରକାରୀ ନୀତି ଏବଂ ଆଗାମୀ ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଗଭୀର ଆଲୋଚନା ହୋଇଥିଲା। ଗତ ୧୨ ସେପ୍ଟେମ୍ବର ୨୦୨୬ ତାରିଖରେ ପଞ୍ଚାୟତ ହାଇସ୍କୁଲ, ନରେନରେ ଅନୁଷ୍ଠିତ ଏକ ଗୌରବମୟ ସମାରୋହରେ ଟିଟିଲାଗଡ଼ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ ର ନୂତନ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଥିଲା। ଏଥିରେ ଶ୍ରୀ ପ୍ରୀତିବାସ ପୁଟେଲ ସଭାପତି, ଶ୍ରୀ ଗୋବର୍ଦ୍ଧନ ସାହୁ ସମ୍ପାଦକ, ଶ୍ରୀମତୀ ଜୁଲୟନ୍ତୀ ସାହୁ ଉପ-ସଭାପତି ଏବଂ ଶ୍ରୀମତୀ ସୁମିତା ରଥ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ଏହା ସହ ଶ୍ରୀ ପୁଣ୍ୟବନ୍ତ ସାହୁ ଓ ଶ୍ରୀ ବଳବନ୍ତ ରାୟ ରାଜ୍ୟ ପରିଷଦ ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ଆଜିର ସଭାରେ ବକ୍ତାମାନେ କହିଥିଲେ ଯେ ଙଝଝଞଇ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ କେବଳ ଏକ ଶିକ୍ଷକ ସଂଗଠନ ନୁହେଁ, ବରଂ ଶିକ୍ଷକମାନଙ୍କ ଅଧିକାର, ମର୍ଯ୍ୟାଦା ଏବଂ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ କାର୍ଯ୍ୟରତ ଏକ ଶକ୍ତିଶାଳୀ ମଞ୍ଚ। ଏହା ଶିକ୍ଷକମାନଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ଉପସ୍ଥାପନ କରିବା, ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା, ପ୍ରଶିକ୍ଷଣ ଓ ପେଶାଗତ ଉନ୍ନତିକୁ ପ୍ରୋତ୍ସାହନ ଦେବା ସହିତ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶ ପାଇଁ ନିରନ୍ତର ପ୍ରୟାସ କରିଆସୁଛି।ନୂତନ କର୍ମକର୍ତ୍ତାମାନେ ସଂଘର ଐତିହ୍ୟକୁ ଅକ୍ଷୁଣ୍ଣ ରଖି ଶିକ୍ଷକ ସମାଜର କଲ୍ୟାଣ, ବିଦ୍ୟାଳୟଗୁଡ଼ିକର ଉନ୍ନତି ଏବଂ ଶିକ୍ଷାର ମାନବୃଦ୍ଧି ପାଇଁ ସମର୍ପିତ ଭାବେ କାର୍ଯ୍ୟ କରିବାର ସଂକଳ୍ପ ବ୍ୟକ୍ତ କରିଥିଲେ। ସଭାରେ ଉପସ୍ଥିତ ସମସ୍ତ ସଦସ୍ୟ ନୂତନ ନେତୃତ୍ୱ ପ୍ରତି ଆସ୍ଥା ପ୍ରକାଶ କରି ସଂଘକୁ ଆହୁରି ସଶକ୍ତ ଓ ସକ୍ରିୟ କରିବା ପାଇଁ ସହଯୋଗର ଆହ୍ୱାନ ଜଣାଇଥିଲେ। ସଭା ଶେଷରେ ନୂତନ କର୍ମକର୍ତ୍ତାମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ସଂଘର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସମସ୍ତେ ଶୁଭେଚ୍ଛା ଜଣାଇଥିଲେ।

## ଓଡ଼ଗାଁରୁ ୩୬ଜଣ ଶିକ୍ଷକଙ୍କୁ ପଦୋନ୍ନତି

ଓଡ଼ଗାଁ,(ମହାଭାରତ): ଓଡ଼ଗାଁ ଶିକ୍ଷା ବିଭାଗ ପକ୍ଷରୁ ୩୬ଜଣ ଶିକ୍ଷକ ପ୍ରଧାନଶିକ୍ଷକ ପଦୋନ୍ନତି ପାଇଥିବା ନେଇ ମଙ୍ଗଳବାର ତାଲିକା ପ୍ରକାଶ ପାଇଛି।ଏଥିରେ ୭ଜଣ ପ୍ରାଇମେରୀ ଶିକ୍ଷକଙ୍କୁ ପ୍ରଧାନଶିକ୍ଷକ ପଦୋନ୍ନତି ମିଳିଥିବା ବେଳେ ୧୦ଜଣ ଗ୍ରାଜୁଏଟ ବିଜ୍ଞାନ ଶିକ୍ଷକ, ୧୭ଜଣ ଆର୍ଟସ ଶିକ୍ଷକ ଓ ୨ଜଣ ଅପର ପ୍ରାଇମେରୀ ଶିକ୍ଷକଙ୍କୁ ପ୍ରଧାନଶିକ୍ଷକ ପଦୋନ୍ନତି ଦିଆଯାଇଛି। ପଦୋନ୍ନତି ମିଳିବା ପରେ ସମସ୍ତ ୩୬ଜଣ ପ୍ରଧାନଶିକ୍ଷକଙ୍କୁ ବିଭିନ୍ନ ବିଦ୍ୟାଳୟରେ ଅବସ୍ଥାପିତ ହେବାକୁ ନିର୍ଦ୍ଦେଶ ମିଳିଛି।ଏନେଇ ବିଇଓ ପିଣ୍ଟୁ ପ୍ରଧାନ ଓ ଏବିଇଓ,ସିଆରସିସି ପ୍ରଧାନଶିକ୍ଷକ ସମସ୍ତ ପ୍ରଧାନଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଖାଦ୍ୟର ମାନ ଯାଞ୍ଚ ବେଳେ ବାସି ଖାଦ୍ୟ ନଷ୍ଟ, ୮ ହଜାର ଜରିମାନା

ଉମରକୋଟ, (ମହାଭାରତ) : ଉମରକୋଟ ସହରର ବିଭିନ୍ନ ହୋଟେଲରେ ଖାଦ୍ୟର ମାନ ଓ ସୁରକ୍ଷାକୁ ନେଇ ଅଭିଯୋଗ ଆସୁଥିବା ବେଳେ ଆଜି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି। ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ବିଭାସ ମଜୁମଦାରଙ୍କ ନେତୃତ୍ୱରେ ଦୁଇଟି ହୋଟେଲରେ ଚଢ଼ାଉ କରାଯାଇଥିଲା। ଯାଞ୍ଚ ସମୟରେ ହୋଟେଲରୁ ବାସି ଚିକେନ, ବାସି ତରକାରୀ, ମିଠା ଓ କେକ ଆଦି ମିଳିଥିବା ଜଣାପଡ଼ିଛି। ଏହି ଖାଦ୍ୟ ସାମଗ୍ରୀଗୁଡ଼ିକୁ ଅଧିକାରୀମାନେ ନଷ୍ଟ କରିଦେଇଥିବା ବେଳେ ଦୁଇଟି ହୋଟେଲରୁ ମୋଟ ୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଉମରକୋଟରେ ଦୀର୍ଘଦିନ ଧରି ଖାଦ୍ୟ ପଦାର୍ଥର ମାନ, ବାସି ଆମିଷ ତରକାରୀ, ବାସି ମିଠା ଓ କେକ ସମ୍ପର୍କରେ ସାଧାରଣରେ ଅଭିଯୋଗ ହୋଇଆସୁଥିଲା। ଆଜିର ଯାଞ୍ଚ ପରେ ଖାଦ୍ୟ ବ୍ୟବସାୟୀଙ୍କ ମଧ୍ୟରେ ଏହାକୁ ନେଇ ସଚେତନତା ବଢ଼ିବ ବୋଲି ଆଶା କରାଯାଉଛି। ତେବେ ଉମରକୋଟ ବଜାରରେ ଅପମିଶ୍ରିତ ପନିର ବିକ୍ରି ନେଇ ପୂର୍ବରୁ ଉଠିଥିବା ଅଭିଯୋଗ ଉପରେ କେବେ ଯାଞ୍ଚ କରାଯିବ, ତାହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି।

## ବାରପୁରିକିଆ ଛକରେ କୃତ୍ରିମ ପୋଖରୀ: ବିପଦପୂର୍ଣ୍ଣ ଯାତାୟାତ, ପ୍ରଶାସନ ନିରବ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ଏନ୍?ଏସି ଅନ୍ତର୍ଗତ ବାରପୁରିକିଆ ଛକ ନିକଟରେ ସାମାନ୍ୟ ବର୍ଷାରେ ସୃଷ୍ଟି ହେଉଛି କୃତ୍ରିମ ପୋଖରୀ। ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ବର୍ଷାଜଳ ଜମି ରହୁଥିବାରୁ ଏହା ଏବେ ଯାତ୍ରୀ ଓ ଯାନବାହନ ଚାଳକଙ୍କ ପାଇଁ ମରଣଯନ୍ତା ପାଲଟିଛି। କୋଟି କୋଟି ଟଙ୍କା ବ୍ୟୟରେ ରାସ୍ତା ପ୍ରଶସ୍ତିକରଣ ଓ ଉନ୍ନତିକରଣ କାର୍ଯ୍ୟ କରାଯାଇଥିଲେ ମଧ୍ୟ ସଠିକ୍ ଯୋଜନାର ଅଭାବ ଏଠାରେ ସ୍ପଷ୍ଟ ବାରି ହୋଇପଡୁଛି। ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା ନିର୍ମାଣ ହୋଇଛି ସତ, କିନ୍ତୁ ତାହା ସମ୍ପୂର୍ଣ୍ଣ ଅକର୍ମଣ୍ୟ ଓ ଅକାର୍ଯ୍ୟକ୍ଷମ ହୋଇ ପଡ଼ିରହିଛି। ଫଳରେ ଜଳ ନିଷ୍କାସିତ ନହୋଇ ରାସ୍ତା ଉପରେ ଜମି ରହୁଛି। ପାଣି ତଳେ ରାସ୍ତାର ବଡ଼ ବଡ଼ ଖାଲଖମା ଲୁଚି ରହୁଥିବାରୁ ପ୍ରତି ମୁହୂର୍ତ୍ତରେ ଦୁର୍ଘଟଣାର ଆଶଙ୍କା ଲାଗି ରହୁଛି। ବିଶେଷକରି ଦୁଇଚକିଆ ଯାନ ଚାଳକମାନେ ଖାଲର ଗଭୀରତା ଜାଣି ନପାରି ଭାରସାମ୍ୟ ହରାଇ ତଳେ ପଡ଼ି ଆହତ ହେଉଛନ୍ତି। ଏହି ବ୍ୟସ୍ତବହୁଳ ଛକ ଦେଇ ପ୍ରତିଦିନ ଶହ ଶହ ଗାଡ଼ିମଟର ଚଳାଚଳ କରୁଥିବା ବେଳେ ଏଭଳି ସ୍ଥିତି ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। କୋଟି କୋଟି ଟଙ୍କାର ଉନ୍ନୟନ କାର୍ଯ୍ୟ ସତ୍ତ୍ୱେ ଜଳ ନିଷ୍କାସନର ଏକ ସ୍ଥାୟୀ ସମାଧାନ କାହିଁକି ହୋଇପାରିନାହିଁ ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି। ଯାତ୍ରୀ ଓ ସ୍ଥାନୀୟ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏନ୍?ଏଚ୍ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଡ୍ରେନ୍?ର ପୁନରୁଦ୍ଧାର ସହ ଜଳ ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

## ସିଦ୍ଧିବିନାୟକ ୟୁଥ କ୍ଲବ ପକ୍ଷରୁ ଗଣେଶଙ୍କ ଲୋଡୁ ନିଲାମୀ ଶେଷ

ଉଦଳା, (ମହାଭାରତ) : ମୟୁରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ବୈରାଟପୁର: ସିଦ୍ଧିବିନାୟକ ୟୁଥ୍ କ୍ଲବ ବୈରାଟପୁର ପୂଜା କମିଟି ପକ୍ଷରୁ ଆୟୋଜିତ ଗଣେଶ ପୂଜାର ଲଡୁ ନିଲାମୀ ପ୍ରକ୍ରିୟା ସମାପ୍ତ ହୋଇଛି। ଏହି ଲୋଡୁ ନିଲାମୀ ପ୍ରକିୟା ରେ ଗ୍ରାମବାସୀ ଙ୍କ ସମେତ ପୂଜା କମିଟି ର ସମସ୍ତ ମେମ୍ବର ଉପସ୍ଥିତ ଥିଲେ କ୍ଷ ୧ ଟଙ୍କା ରୁ ନିଲାମ ଆରମ୍ଭ କରି ୧୪ ହଜାର ୭୦୦ ଟଙ୍କା ରେ ପଙ୍କଜିନି ନାୟକ ଗଣେଶ ଙ୍କ ଲୋଡୁ କୁ ନେଇଥିଲେ କ୍ଷ ଚଳିତ ବର୍ଷ ପୂଜାର ୧୨ ତମ ବାର୍ଷିକୀ ଅବସରରେ ପୂଜା ମଣ୍ଡପକୁ ନେଇ ଅଞ୍ଚଳରେ ବେଶ୍ ଚର୍ଚ୍ଚା ଦେଖିବାକୁ ମିଳିଛି।ଚଳିତ ବର୍ଷର ପୂଜାର ବିଶେଷତ୍ୱ ହେଉଛି ସବୁକିଛି ୧୨ ସଂଖ୍ୟାକୁ ଆଧାର କରି ଆୟୋଜନ କରାଯାଇଥିଲା। ୧୨ ଫୁଟ୍ ଉଚ୍ଚତାର ଗଣେଶ ମୂର୍ତ୍ତି ସହ ୧୨ କିଲୋ ଓଜନର ଲଡୁ ଭୋଗ ଲାଗିଥିଲା। ଏଥିସହ ୧୨ ଦିନ ଧରି ୧୨ ପ୍ରକାରର ଭୋଗ ଅର୍ପଣ କରାଯାଇଥିବା ବେଳେ ବିଭିନ୍ନ ଧାର୍ମିକ, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।ଏହି ପୂଜା ଅବସରରେ ପ୍ରସ୍ତୁତ ହୋଇଥିବା ୧୨ କିଲୋ ଓଜନର ଲଡୁକୁ ନେଇ ଭକ୍ତ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖାଦେଇଥିଲା। ଏହାର ନିଲାମୀ ପ୍ରକ୍ରିୟା ମଧ୍ୟ ଉତ୍ସାହର ସହ ଶେଷ ହୋଇଛି।ପୂଜା କମିଟିର ସଦସ୍ୟମାନଙ୍କ କହିବା ଅନୁଯାୟୀ, ପ୍ରତିବର୍ଷ ନୂଆ ଢଙ୍ଗରେ ପୂଜା ଆୟୋଜନ କରି ଅଞ୍ଚଳବାସୀଙ୍କୁ ଏକତ୍ରିତ କରିବା ସହ ସାମାଜିକ ଓ ସାଂସ୍କୃତିକ ପରମ୍ପରାକୁ ଆଗେଇ ନେବା ହେଉଛି କ୍ଲବର ମୁଖ୍ୟ ଉଦ୍ଦେଶ୍ୟ। ଆଜିର ଏହି ଲୋଡୁ ନିଲାମୀ କାର୍ଯ୍ୟକ୍ରମ ରେ ପୂଜା କମିଟି ର ସଭାପତି ହେମନ୍ତ ବେହେରା, ସମ୍ପାଦକ ଦୀପକ ବେହେରା ଙ୍କ ସମେତ ରୁଦ୍ର ନାରାୟଣ ରଣା, ଲିଙ୍କା ବେହେରା, ଶସାଙ୍କ ଶେଖର ବେହେରା, ଭବେଶ ବେହେରା,ସାନୁ ମହାପାତ୍ର, ଚିନ୍ମୟ ଶତପଥି, ରବିନାରାୟଣ ମହାପାତ୍ର ଙ୍କ ସମେତ ସମସ୍ତ ମେମ୍ବର ଉପସ୍ଥିତ ଥିଲେ ।

## ଶ୍ରୀରଘୁନାଥଙ୍କ ପୀଠରେ ସୁନିଆଁପର୍ବ ଓ ବାମନଜନ୍ମ ଶ୍ରୀଜିଉଙ୍କୁ ସୁନାଥାଳିରେ ଲାଗିହେଲା ଭୋଗ

ଓଡ଼ଗାଁ, (ମହାଭାରତ): ସ୍ୱର୍ଣ୍ଣ କଳସୀକ୍ଷେତ୍ର ଓଡ଼ଗାଁ ବିଜେ ଶ୍ରୀଶ୍ରୀରଘୁନାଥ ଜିଉଙ୍କ ପୀଠରେ ବୁଧବାର ସୁନିଆପର୍ବ ନିରାଡ଼ମ୍ବର ଭାବେ ପାଳିତ ହୋଇଛି।ଶ୍ରୀଜିଉଙ୍କୁ ୩ ସୁନାଥାଳିଆରେ ୧୫କେଜି ବିଶିଷ୍ଟ ୩ବାଡ ସ୍ୱତନ୍ତ୍ର କାକରାପିଠା ଲାଗି କରାଯାଇଛି।ଭାଦ୍ରବମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ସୁନିଆ ଓ ବାମନଜନ୍ମ ମହୋତ୍ସବ ପାଳନ କରାଯିବା ପରମ୍ପରା ପୂର୍ବ କାଳରୁ ରହିଆସିଛି।ବାମନଜନ୍ମ ଅବସରରେ ପରମ୍ପରା ଅନୁସାରରେ ଶ୍ରୀଜିଉମାନେ ନୂତନ ପାଟବସ୍ତ୍ର,ବନାରସୀ ପୋଷାକ, ସୁବର୍ଣ୍ଣ ମୁକୁଟ ସହିତ ନାନାଦି ଅଳଙ୍କାରରେ ଭୂଷିତହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ।ସୁନିଆ ପାଳନ ଉପଲକ୍ଷେ ଶ୍ରୀଜିଉଙ୍କ ବିଜେପ୍ରତିମା ସୁନିଆ ନୀତିଲାଗି ଜୟବିଜୟ ଦ୍ୱାରକୁ ବିଜେହୋଇ ସୁବର୍ଣ୍ଣ ସିଂହାସନ ଉପରେ ଉପବେଶନ କରିଥିଲେ।ବିଜେ ପ୍ରତିମାଙ୍କୁ ଷୋଡଶ ଉପଚାର ବିଧିରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ୩ବାଡ କାକରା ରାଜଭୋଗ (ପିଠା) ୩ଟି ସୁବର୍ଣ୍ଣ ଥାଳିରେ ନୈବେଦ୍ୟ ଅର୍ପଣ କରାଯାଇଥିଲା।ଏହି ସମୟରେ ଘଣ୍ଟଘଣ୍ଟା,ବିଜେ କାହାଳି,ଛତି,ତ୍ରାସ୍ ଓ ପତାକା ସେବାସହିତ ହରିବୋଲ ଧ୍ୱନି, ବନ୍ଦାପନାରେ ଶ୍ରୀଜିଉଙ୍କୁ ମହାଆଳତି ଲାଗି କରାଯାଇଥିଲା।ପରମ୍ପରା ଅନୁଯାୟୀ ଉପସ୍ଥିତ ମନ୍ଦିରର ସମସ୍ତ ପୂଜାପଣ୍ଡା,ସୁଆର,ସେବାସୀ ଓ ଶ୍ରଦ୍ଧାଳୁ ଠାକୁରଙ୍କୁ ୧୬ ହଜାର ୧୦୫ ଟଙ୍କା ସୁନିଆଁ ଭେଟି ପ୍ରଦାନ କରିଥିଲେ। ବର୍ଷକରେ ଥରେ ବାମନ ଦ୍ୱାଦଶୀ ତିଥିରେ ଶ୍ରୀଜୀଉଙ୍କୁ ସୁବର୍ଣ୍ଣ ଥାଳିରେ ଏହି ବିଶେଷ ଭୋଗଲାଗି କରାଯିବା ପରମ୍ପରା ମନ୍ଦିର ପ୍ରତିଷ୍ଠା ଦିନରୁ ପ୍ରଚଳିତ ହୋଇଆସୁଛି।ଏହାସହିତ ଶ୍ରୀଜିଉଙ୍କ ସେବାରେଥିବା ଛତିଶା ନିଯୋଗ ତଥା ପୂଜକସେବକ,କର୍ମଚାରୀ,ଶ୍ରଦ୍ଧାଳୁ ଓ ଅଧିକାରୀମାନେ ପ୍ରଭୁଙ୍କୁ ଅଙ୍କଭେଟି ପ୍ରଦାନକରି ପ୍ରଭୁକୃପା ଲାଭକରିବାକୁ ବହୁସଂଖ୍ୟାରେ ଉପସ୍ଥିତ ଥିଲେ। ଆଜିର ପୂଜାପଣ୍ଡା ବେଣୁଧର ନନ୍ଦ,ପୂଜକପରିଷଦ ସଭାପତି ପ୍ରଫୁଲ୍ଲ ମହାପାତ୍ର,ମନ୍ଦିର ପରିଛା ହରିବନ୍ଧୁ ଷଡ଼ଙ୍ଗୀ,ସୁଆର ସଭାପତି ସୁବ୍ରତ କୁମାର ପଣ୍ଡା,ତହସିଲଦାର ଡ.ମାନସ ରଞ୍ଜନ ଭୋଇ,ମନ୍ଦିର ପରିଚାଳକ ଜିତେନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଦେବନୀତି ସମ୍ପନ୍ନ ହୋଇଥିବାବେଳେ ବରିଷ୍ଠ ସେବକ କେଦାର ମହାପାତ୍ର ସୁନିଆଁ ପୂଜା ସମ୍ପାଦନ କରିଥିଲେ।



## ମାଆ ମାଣିକେଶ୍ୱରୀଙ୍କ ପୀଠରେ ରାଜପରିବାର ପକ୍ଷରୁ ସପ୍ତମ ଅଙ୍କକଷା

ଗଜପତି, (ମହାଭାରତ) : ପ୍ରତିବର୍ଷ ସୁନିଆ ଅବସରରେ ଅଙ୍କ କଷିବା ରାଜ ପରିବାରର ଏକ ପ୍ରମୁଖ ପରମ୍ପରା । ପାରଳା ରାଜ ପରିବାରର ଚଳିତ ଶାସନକୁ ୬ ବର୍ଷ ପୂର୍ତ୍ତି ହୋଇ ୭ ବର୍ଷ ଆରମ୍ଭ ହୋଇଛି। ।ତେଣୁ ରାଜପରିବାରଙ୍କ ଇଷ୍ଟଦେବୀ ମାଣିକେଶ୍ୱରୀଙ୍କ ପୀଠରେ ଅଙ୍କ କଷା କାର୍ଯ୍ୟକ୍ରମ ଅନୁଷ୍ଠିତ ।ପାରଳା ରାଜପରିବାର ଇତିହାସରେ ଜଣେ ରାଜ କନ୍ୟା ଅଙ୍କ କଷିଥିବାରୁ ଏହି ଦୃଶ୍ୟକୁ ଦେଖିବା ପାଇଁ ମାଣିକେଶ୍ୱରୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ତେବେ ଏହି ପୂଜା ବିଧିକୁ ନେଇ ମନ୍ଦିର ପୂଜକ କହିଛନ୍ତି ଯେ, 'ବିଭିନ୍ନ ଦେବୀ ପୀଠରେ ପଶୁ ବଳି ପରମ୍ପରା ରହିଥିବା ବେଳେ, ପାରଳାଖେମୁଣ୍ଡିରେ ମାଆ ମାଣିକେଶ୍ୱରୀଙ୍କ ପୀଠରେ ମାଗୁର ମାଛକୁ ବଳି ଦିଆଯାଇଥାଏ ।' ଶାସନ ଭାର ଗ୍ରହଣ କରିଥିବା ରାଜାମାନେ ଗତ ବର୍ଷର ଲାଭ କ୍ଷତି, ଭଲ ମନ୍ଦର ହିସାବ ଇଷ୍ଟ ଦେବୀଙ୍କ ନିକଟରେ ଜଣାଇବା ପରମ୍ପରାକୁ ଅଙ୍କ କଷା କୁହାଯାଏ ।ଶାସନ ଭାର ଗ୍ରହଣ କରିଥିବା ରାଜା ଏହି ପରମ୍ପରା ଅନୁସାରେ ଅଙ୍କ କଷିବା ନିୟମ ରହିଛି। ଗଜପତି ଚଳିତ ବର୍ଷ ଏହି ଦିନ ଠାରୁ କନକଦୁର୍ଗାଙ୍କ ଖଣ୍ଡା ମାଣିକେଶ୍ୱରୀଙ୍କ ନିକଟରେ ରଖାଯାଇ ମହାଷ୍ଟମୀ ଯାଏଁ ପୂଜା ପାଇବେ ।ତେଣୁ ସ୍ୱତନ୍ତ୍ର ରିତିନୀତିରେ ପୂଜାର୍ଚ୍ଚନା କରାଯାଇ ଏହି କାର୍ଯ୍ୟ ସମ୍ପାଦାନ କରାଯାଇଛି।

## ଲଘୁଚାପ ଯୋଗୁଁ ଅଶାନ୍ତ ସମୁଦ୍ର- ପାରାଦୀପ ବନ୍ଦରରେ ଆଶ୍ରୟ ନେଲେ ଆନ୍ଧ୍ର ପ୍ରଦେଶର ୨୮ ମତ୍ସ୍ୟଜୀବୀ ବୋଟ୍

ପାରାଦୀପ, (ମହାଭାରତ) : ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିଛି । ସମୁଦ୍ରରେ ବହୁ ଉଚ୍ଚ ଜୁଆର ସୃଷ୍ଟି ହେବାରୁ ଏହାକୁ ସାମ୍ନା କରି ପାରି ନାହାଁନ୍ତି ସମୁଦ୍ରକୁ ମାଛ ଧରିବାକୁ ଆସିଥିବା ଆନ୍ଧ୍ର ପ୍ରଦେଶର ୨୮ ଗୋଟି ମାଛଧରା ବୋଟ୍ । ସମୁଦ୍ର ଅଶାନ୍ତ ହେବାରୁ ମାଛଧରିବା ବିପଦପୂର୍ଣ୍ଣ ହୋଇଥିଲା । ଅନ୍ୟ ଉପାୟ ନପାଇ ଏହି ବୋଟ୍ ଚାଳକମାନେ ପାରାଦୀପ ବନ୍ଦରକୁ ଆଶ୍ରୟ ନେବାକୁ ଅନୁରୋଧ କରିଥିଲେ । ମାନବିକତାକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ସେମାନଙ୍କୁ ବନ୍ଦର ପୋତାଶ୍ରୟକୁ ଆସିବାକୁ ଅନୁମିତ ଦେଇଥିଲେ । ପାରାଦୀପ ବନ୍ଦରର ଇକ୍ୟୁ-୧ ବେର୍ଥରେ ସେମାନଙ୍କୁ ବର୍ଥିଙ୍ଗ କରିବାକୁ ଅନୁମତି ଦେଇଥିଲେ । ଏହା ପରେ ୨୮ଗୋଟି ଆନ୍ଧ୍ର ପ୍ରଦେଶର ମାଛଧରା ବୋଟ୍ ଇକ୍ୟୁ-୧ରେ ବର୍ଥିଙ୍ଗ କରିଛନ୍ତି । ଏହି ବୋଟ୍ ଗୁଡିକରେ ୨୪୮ଜଣ ମତ୍ସ୍ୟଜୀବୀ ଥିବା ନେଇ ପାରାଦୀପ ବନ୍ଦର ସୂତ୍ରରୁ ଜଣାପଡ଼ିଛି ।



## ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସାତସମାରେ ସ୍ୱଚ୍ଛତା ପକ୍ଷ ପାଳିତ

ରେଢ଼ାଖୋଲ, (ମହାଭାରତ) : ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ସାତସମା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ର ପ୍ରଧାଶିକ୍ଷୟତ୍ରୀ ରିତାଞ୍ଜଳୀ ଶତପଥୀ ଙ୍କ ସଭାପତିତ୍ୱରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି । ଏହି ସ୍ୱଚ୍ଛତା ପକ୍ଷ ଅବସରରେ ସମାଜସେବୀ ଦୀପକ ବିଶ୍ୱାଳ ମୁଖ୍ୟତିଥି, ସିଦ୍‌ଧେଶ୍ୱର ବାବା ଉଚ୍ଚ ବିଦ୍ୟାଳୟ, ବ୍ରାହ୍ମଣୀପାଳି ର ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ସ୍ୱଚ୍ଛତା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପୁରସ୍କୃତ ଛାତ୍ର ଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସୁନୀଲ ଦେହୁରୀ ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ତାଣ୍ଡିଆ ଧନ୍ୟବାଦ ଦେଇଥିଲେ । ସ୍ୱଚ୍ଛ ଭାରତ ଉପରେ ନୃତ୍ୟ ପରିବେଷଣ କରିଥିଲେ ବିଦ୍ୟାଳୟ ରଛାତ୍ର ଛାତ୍ରୀ ମାନେ ସ୍ୱଚ୍ଛ ଭାରତ ଉପରେ ନୃତ୍ୟ ପରିବେଷଣ କରିଥିଲେ । ପରିଚାଳନା ସମିତିର ସଭ୍ୟ, ସଭ୍ୟ ଓ ବିଦ୍ୟାଳୟ ର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ ।



## ଲଘୁଚାପ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ଲଗାଣ ବର୍ଷା ଜାରି

ଗଜପତି, (ମହାଭାରତ) : ଲଘୁଚାପ ପ୍ରଭାବରେ ସାରା ଦକ୍ଷିଣ ଓଡ଼ିଶାରେ ଲଗାଣ ବର୍ଷା ଜାରି ରହିଛି ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତିର ମୁକାବିଲା ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ମୁଖ୍ୟମନ୍ତ୍ରୀ ଙ୍କ ନିର୍ଦ୍ଦେଶକ୍ରମେ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ପାରଳାଖେମୁଣ୍ଡି ରେ ପହଞ୍ଚି ଜିଲ୍ଲାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସ୍ଥିତିର ସମୀକ୍ଷା କରି ଲୋକଙ୍କ ସରକାର ଲୋକଙ୍କ ସହିତ ସବୁବେଳେ ରହିଛନ୍ତି, ସମସ୍ତ ପ୍ରକାର ବିପର୍ଯ୍ୟୟର ମୁକାବିଲା ପାଇଁ ସରକାର ଓ ପ୍ରଶାସନ ପ୍ରସ୍ତୁତ ରହିଛନ୍ତି । ଆନ୍ଧ୍ରପ୍ରଦେଶର କଳିଙ୍ଗ ପାଟଣାମ ନିକଟରେ ସ୍ଥଳଭାଗ ଛୁଇଁବା ନେଇ ପାଣିପାଗ ବିଭାଗ ଆକଳନ କରିଛି। ବର୍ତ୍ତମାନ ସ୍ଥିତି ସ୍ୱାଭାବିକ ଅଛି ଯଦି ସେଭଳି କିଛି ଅଘଟଣ ଘଟେ ତାହାହେଲେ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ପାଟଣା ବ୍ଲକ ରେ ସଂଯୋଗ ପ୍ରକଳ୍ପ ଉଦ୍ଘାଟିତ

ପାଟଣା:-(ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ପରିସର ରେ ସି.ୱାଇ.ଏସ.ଡି ପକ୍ଷରୁ ସଂଯୋଗ ପ୍ରକଳ୍ପ ଉଦ୍ଘାଟିତ ହୋଇ ଛି । କାର୍ଯ୍ୟକ୍ରମ କୁ ଜିଲ୍ଲା ସଂଯୋଜକ ସବିତା ସୁବୁଦ୍ଧି ଙ୍କ ସଂଯୋଜନା ଅନୁଷ୍ଠିତ ହୋଇ ଛି। ମୁଖ୍ୟ ଅତିଥି ଭାବେ ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ କୁମାର ଦଣ୍ଡପାଟ ଯୋଗଦାନ କରି ଉଦ୍ଘାଟନ କରିଛନ୍ତି। ଏହି ଉଦ୍ଘାଟନ କାର୍ଯ୍ୟକ୍ରମ ରେ ପାଟଣା ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପାର୍ବତୀ ସର୍ଦ୍ଦାର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଜଗଦୀଶ୍ ଚନ୍ଦ୍ର ନାଏକ, ମିରିଗିଖୋଜି ସରପଞ୍ଚ ମନମୋହନ ବେହେରା, ସଂଯୋଗ ପ୍ରକଳ୍ପ କ୍ଷେତ୍ରୀୟ ସଂଯୋଜକ ଶୁଭମ୍ କୁମାର ଜେନା, ପ୍ରକଳ୍ପ ସଂଯୋଜକ ପ୍ରୀତିନନ୍ଦ ବେହେରା ଉଦ୍ଘାଟନୀ ଉତ୍ସବ ରେ ଉପସ୍ଥିତ ଥିଲେ। ଏହି ସଂଯୋଗ ପ୍ରକଳ୍ପ ର ପାଟଣା ବ୍ଲକ




ଅନ୍ତର୍ଗତ ପାଞ୍ଚ ଟି ପଞ୍ଚାୟତ ଟାଙ୍ଗରପଡ଼ା, ସରାସକୋଳା, ଡୁମୁରିଆ, ପଲାଣଘାଟି, ମିରିଗିଖୋଜି ଅଧିନସ୍ଥ ୨୫ଟି ଗ୍ରାମ ରେ ମୁଖ୍ୟ ତ ଚାରୋଟି ଉଦ୍ଦେଶ୍ୟ ମୂଳକ ଲକ୍ଷ୍ୟ ଶିକ୍ଷା, ସ୍ୱାସ୍ଥ୍ୟ ଓ ପୃଷ୍ଟିହିନତା, ପରିବେଶ, ସଶକ୍ତି କରଣ ରେ ଅଗ୍ରଗତି, ଉନ୍ନତି ଓ ବିକାଶ ଦିଗ ଆଗେଇ ନେବା କୁ ଲକ୍ଷ୍ୟ ରହି ଛି। ଏହି ଅବସରରେ ପାଟଣା ବ୍ଲକ ଯୋଗାଣ ନିରୀକ୍ଷକ ଅଧିକାରୀ ଦିବ୍ୟରାଜ ଭୋଇ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡକ୍ଟର ପାର୍ଥ ସାରଥୀ ଦାଶ,ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଭୟ କୁମାର ଦେହୁରୀ,ମହିଳା ମିଶନ ଶକ୍ତି ବ୍ଲକ ସଂଯୋଜକ ସୁଚିସ୍ମିତା ସାହୁ, ସମ୍ବନିତ ଶିଶୁ ବିକାଶ ସୁପରଭାଇଜର ରତନମଣି ମହାନ୍ତ,ବ୍ଲକ ଜଳ ଯୋଗାଣ ଅଧିକାରୀ ମିଥୁନ ମାଝୀ, ପରିମଳ ଯୋଜନା ବ୍ଲକ ସଂଯୋଜକ ଜାମାଲ ଦ୍ଧୁନ୍ ଖାଁ,କୃଷି ଅଧିଦର୍ଶକ ଦୁର୍ଗା ଚରଣ ତ୍ରିପାଠୀ,ମୃତ୍ତିକା ସମ୍ପ୍ରସାରଣ କର୍ମଚାରି ରୋହିତ୍ କୁମାର ନାଏକ,ଆବାସ ଯୋଜନା ବ୍ଲକ ସଂଯୋଜକ ସୁରେନ୍ଦ୍ର ଖଣ୍ଡା ଙ୍କ ସହିତ ନୂତନ ଭାବେ ପାଞ୍ଚ ଜଣ ସିରାପି ଉପସ୍ଥିତ ଥିଲେ। ଏହି ଉଦ୍ଘାଟନ କାର୍ଯ୍ୟକ୍ରମ ରେ ଉପସ୍ଥିତ ବରଣ୍ୟ ଅତିଥି ମାନ ଙ୍କୁ ସି.ୱାଇ.ଏସ.ଡି ସଂଯୋଜକ ଗୀତାଶ୍ରୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ କୁ ସି.ୱାଇ.ଏସ.ଡି କର୍ମକର୍ତ୍ତା ମାନେ ସଂପୂର୍ଣ୍ଣ ସହଯୋଗ କରିଛନ୍ତି।

## ଇସ୍ତଫା ଦେଲେ କର୍ଣ୍ଣାଟକ କଂଗ୍ରେସ ବିଧାୟକ

ବେଙ୍ଗାଲୁରୁ: ନିଜ ନିର୍ବାଚନମଣ୍ଡଳୀ ମରୁଡ଼ି ତାଲିକାରେ ସ୍ଥାନ ନ ପାଇବାରୁ କଂଗ୍ରେସ ବିଧାୟକ ଯଶୱନ୍ତରାୟଗୌଡ଼ା ପାଟିଲ କର୍ଣ୍ଣାଟକ ବାଚସ୍ପତି ଜିଏସ୍ ପାଟିଲଙ୍କ ନିକଟକୁ ନିଜ ଇସ୍ତଫା ପତ୍ର ପଠାଇଛନ୍ତି। ରାଜ୍ୟ ସରକାରଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ ବିଜୟପୁରା ଜିଲ୍ଲାର ଇନ୍ଦି ନିର୍ବାଚନମଣ୍ଡଳୀକୁ ମରୁଡ଼ି ପ୍ରଭାବିତ ଘୋଷଣା କରାଯାଇ ନାହିଁ ବୋଲି ବିଧାୟକ ପାଟିଲ ଅଭିଯୋଗ କରିଛନ୍ତି। ସେପ୍ଟେମ୍ବର ୨୨ ତାରିଖରେ ପାଟିଲ ଲେଖିଥିବା ଚିଠିରେ କୁହାଯାଇଛି ଯେ, ସେ ତାଙ୍କ ନିର୍ବାଚନ ମଣ୍ଡଳୀର ଲୋକଙ୍କ ଆଶା ଓ ଭରସା ରଖିବାରେ ବିଫଳ ହୋଇଛନ୍ତି। ବର୍ତ୍ତମାନର ରାଜନୈତିକ ସ୍ଥିତିରେ କେବଳ ପ୍ରଭାବଶାଳୀ ଲୋକ ଓ ଯେଉଁମାନେ ଚାପ ପକାଇ ପାରିବେ ସେମାନଙ୍କୁ କେବଳ ଗୁରୁତ୍ୱ ଦିଆଯାଉଛି। ପାଟିଲ କହିଛନ୍ତି, ୨୦୨୬-୨୭ ଖରିଫ୍ ଋତୁରେ ଇନ୍ଦି ତାଲୁକ ମରୁଡ଼ି ଦ୍ୱାରା ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ଅଗଷ୍ଟ ୨୮ତାରିଖରେ ସେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଇନ୍ଦି ତାଲୁକକୁ ମରୁଡ଼ି ପ୍ରଭାବିତ ଘୋଷଣା କରିବାକୁ ଅନୁରୋଧ କରିଥିଲେ। ତେବେ ବିଜୟପୁରା ଜିଲ୍ଲାର ୧୩ଟି ତାଲୁକ ମଧ୍ୟରୁ ଏପର୍ଯ୍ୟନ୍ତ ୧୧ଟି ତାଲୁକକୁ ମରୁଡ଼ି ଘୋଷିତ କରାଯାଇଛି, କେବଳ ଇନ୍ଦି ଓ ଚଡାଚନ ତାଲୁକକୁ ଛାଡି ଦିଆଯାଇଛି। ସାରା ରାଜ୍ୟରେ ଏପର୍ଯ୍ୟନ୍ତ ୧୮୮ଟି ତାଲୁକକୁ ମରୁଡ଼ି ଘୋଷିତ କରାଯାଇଛି ପାଟିଲ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ଜି ପରମେଶ୍ୱର ମଙ୍ଗଳବାର କହିଛନ୍ତି ଯେ, ମରୁଡ଼ି ପ୍ରଭାବିତ ତାଲୁକର ସଂଖ୍ୟା ଆଗାମୀ ଦିନରେ ୨୦୦ରେ ପହଞ୍ଚିପାରେ। ଡି କେ ଶିବକୁମାରଙ୍କ ନେତୃତ୍ୱାଧୀନ କ୍ୟାବିନେଟ୍ ବିସ୍ତାରରେ ବାଦ୍ ପଡ଼ିବା ପରେ ପାଟିଲ ଅଗଷ୍ଟ ୩ ତାରିଖରେ ବିଧାୟକ ପଦରୁ ଇସ୍ତଫା ଦେଇଥିଲେ, କିନ୍ତୁ ପରେ ଦଳୀୟ ନେତୃତ୍ୱ ତାଙ୍କୁ ବୁଝାଇବା ପରେ ଏହାକୁ ପ୍ରତ୍ୟାହାର କରିନେଇଥିଲେ। ବାରମ୍ବାର ଆବେଦନ ସତ୍ତ୍ୱେ ଇନ୍ଦିକୁ ଏପର୍ଯ୍ୟନ୍ତ ମରୁଡ଼ିଗ୍ରସ୍ତ ଘୋଷଣା କରାଯାଇ ନଥିବା ତାଙ୍କ ଅଭିଯୋଗ ପରେ ଏହା ତାଙ୍କର ସଦ୍ୟତମ ଇସ୍ତଫା।

## କରମ୍ ବିସର୍ଜନବେଳେ ଝାଡ଼ଖଣ୍ଡରେ ପାଣିରେ ବୁଡ଼ି ୬ ଶିଶୁ ମୃତ

ଝାଡ଼ଖଣ୍ଡ : ଝାଡ଼ଖଣ୍ଡର ପାଲାମୁ ଜିଲ୍ଲାରେ କରମ୍ ପୂଜା ଉତ୍ସବ ଦୁଃଖଦ ଘଟଣାରେ ପହଞ୍ଚିଛି। କରମ ଡାଳ ବିସର୍ଜନ ବେଳେ ବୁଧବାର ପୃଥକ୍ ଘଟଣାରେ ୬ ଜଣ ଶିଶୁଙ୍କର ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ବୋକ୍ୟା ଅଞ୍ଚଳରେ କୋଏଲ ନଦୀରେ କରମ ଡାଳ ବିସର୍ଜନବେଳେ ୫ ଶିଶୁଙ୍କର ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। କୋଏଲ ନଦୀ ନିକଟରେ ଥିବା ଏକ ପୋଖରୀରେ ଶିଶୁମାନେ କରମ ଡାଳ ବିସର୍ଜନ କରୁଥିବାବେଳେ ବୁଡ଼ି ଯାଇଛନ୍ତି। କରମ ପର୍ବରେ କରମ ଡାଳ ବିସର୍ଜନ ଅନ୍ତିମ ପର୍ଯ୍ୟାୟ ହୋଇଥାଏ। କରମ ପର୍ବ ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ, ଛତିଶଗଡ଼, ଆସାମ ଓ ବିହାରରେ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଫସଲ ଓ ପ୍ରକୃତିକୁ ପୂଜା କରିବା ଉଦ୍ଦେଶ୍ୟରେ ପାଳନ କରିଥାନ୍ତି। ଶିଶୁମାନେ ପାଣିରେ ବୁଡ଼ିଯିବା ପରେ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟରେ ପ୍ରଶାସନ ସହିତ ସହଯୋଗ କରିଥିଲେ। ଚାରିଜଣ ଶିଶୁଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଅନ୍ୟ ଜଣେ ଶିଶୁର ସନ୍ଧାନ ଏବେବି ଚାଲିଛି। ଅନ୍ୟ ଏକ ପୃଥକ୍ ଘଟଣାରେ ନାନି ଝରିଆରେ କରମ ଡାଳ ବିସର୍ଜନ ବେଳେ ଜଣେ ୧୫ ବର୍ଷୀୟା ଜଣେ କିଶୋରୀଙ୍କର ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ପୁଲିସ ପ୍ରଭାବିତ ଅଞ୍ଚଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଚଳାଇଛି।

## ରବିବାର ବ୍ୟାଙ୍କ ଖୋଲା ରହିବ

ନୂଆଦିଲ୍ଲୀ : ସେପ୍ଟେମ୍ବର ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ପ୍ରସ୍ତାବିତ ତିନି ଦିନିଆ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ପୂର୍ବରୁ, ସେପ୍ଟେମ୍ବର ୨୭ ରବିବାର ଦିନ ସମସ୍ତ ସରକାରୀ କ୍ଷେତ୍ରୀୟ ବ୍ୟାଙ୍କ (ପିଏସବି) ଏବଂ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆରଆରବି) ସ୍ୱାଭାବିକ ଭାବରେ କାର୍ଯ୍ୟ କରିବେ ବୋଲି ବୁଧବାର ଦିନ ସରକାର କହିଛନ୍ତି । ସେପ୍ଟେମ୍ବର ୨୬ ଏବଂ ୨୭ ତାରିଖ ପୂର୍ବ ସପ୍ତାହାନ୍ତ ଛୁଟି ପରେ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ (ୟୁଏଫବିୟୁ) ଦ୍ୱାରା ଡାକରାଯାଇଥିବା ପ୍ରସ୍ତାବିତ ଧର୍ମଘଟକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି।ଏକ ବିଜ୍ଞପ୍ତିରେ ସରକାର କହିଛନ୍ତି, ଜନସାଧାରଣଙ୍କ ବ୍ୟାଙ୍କିଙ୍ଗ ଆବଶ୍ୟକତା ଯେପରି ଦୀର୍ଘ ସମୟ ପାଇଁ ପ୍ରଭାବିତ ନ ହେବ ତାହା ସୁନିଶ୍ଚିତ କରିବା ପାଇଁ ସମସ୍ତ



ସରକାରୀ ବ୍ୟାଙ୍କ ଏବଂ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକ ୨୭ ସେପ୍ଟେମ୍ବର ରବିବାର ଦିନ ସ୍ୱାଭାବିକ ଭାବରେ କାର୍ଯ୍ୟ କରିବେ। ସରକାର କହିଛନ୍ତି ଯେ, ଭାରତୀୟ ରିଜର୍ଭ ବ୍ୟାଙ୍କ ସେପ୍ଟେମ୍ବର ୨୭ ତାରିଖରେ ସମସ୍ତ ବ୍ୟାଙ୍କ ଶାଖା, କାର୍ଯ୍ୟାଳୟ, ଏଟିଏମ୍ ସହିତ ଜଡିତ ଶାଖା ଏବଂ କରେନ୍ସି ଚେଷ୍ଟଗୁଡ଼ିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରଖିବା ପାଇଁ ଅନୁମୋଦନ ପ୍ରଦାନ କରିଛନ୍ତି। ପ୍ରସ୍ତାବିତ ଧର୍ମଘଟ ପୂର୍ବ ସପ୍ତାହାନ୍ତ ଛୁଟି ସହିତ ପାଞ୍ଚ ଦିନ ପାଇଁ ବ୍ୟାଙ୍କ ସେବାକୁ ପ୍ରଭାବିତ କରିପାରେ। ଏହା ସେପ୍ଟେମ୍ବର ୩୦ ରେ ବ୍ୟାଙ୍କ କ୍ଷେତ୍ରର ଅର୍ଦ୍ଧବାର୍ଷିକ ବନ୍ଦ ତାରିଖରେ ପଡୁଛି। ଏହା ସମନ୍ୱୟ, ବ୍ୟବସ୍ଥା, ଟ୍ରେଜେରୀ ଏବଂ ବଜାର କାର୍ଯ୍ୟ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ ତାରିଖ।ଯଦି ଧର୍ମଘଟ ହୁଏ ତେବେ ଅନେକ ସରକାରୀ ବ୍ୟାଙ୍କ ପୂର୍ବରୁ ଗ୍ରାହକମାନଙ୍କୁ ସେମାନଙ୍କର ବ୍ୟାଙ୍କିଙ୍ଗ ଆବଶ୍ୟକତା ପାଇଁ ମୋବାଇଲ୍ ବ୍ୟାଙ୍କିଙ୍ଗ, ଏଟିଏମ, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ, ବିସି ପଏଣ୍ଟ୍ ଏବଂ ୟୁପିଆଇ ସମେତ ଡିଜିଟାଲ୍ ବ୍ୟାଙ୍କିଙ୍ଗ ଚ୍ୟାନେଲ ବ୍ୟବହାର କରିବାକୁ ପରାମର୍ଶ ଜାରି କରିବା ଆରମ୍ଭ କରିସାରିଛନ୍ତି। ସରକାର କହିଛନ୍ତି ଯେ ଅତ୍ୟାବଶ୍ୟକ ବ୍ୟାଙ୍କିଙ୍ଗ ସେବାଗୁଡ଼ିକ ଯେପରି ନିରବଚ୍ଛିନ୍ନ ଭାବରେ ଜାରି ରହିବ ତାହା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯାଇଛି ଏବଂ ପୁନରାବୃତ୍ତି କରିଛନ୍ତି ଯେ, ବ୍ୟାଙ୍କ ଗ୍ରାହକଙ୍କ କଲ୍ୟାଣ ଏବଂ ସୁବିଧା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ରହିଛି।ବ୍ୟାଙ୍କିଂ କର୍ମଚାରୀଙ୍କ ପ୍ରତିନିଧିତ୍ୱ କରୁଥିବା ୟୁଏଫବିୟୁ ଅନ୍ୟାନ୍ୟ ଦାବି ସହିତ ମୁଖ୍ୟତଃ ପାଞ୍ଚ ଦିନିଆ ବ୍ୟାଙ୍କିଂ ସପ୍ତାହ ପ୍ରଚଳନ କରିବାକୁ ଚାହୁଁଛି। ପାଞ୍ଚ ଦିନିଆ ବ୍ୟାଙ୍କିଙ୍ଗ ଦାବି ସମ୍ପର୍କରେ ସରକାରଙ୍କ ପକ୍ଷରୁ କୁହାଯାଇଛି ଏହି ପ୍ରସଙ୍ଗ ବିଚାରାଧୀନ ଅଛି ଏବଂ ନିଷ୍ପତ୍ତି ନେବା ପୂର୍ବରୁ ଅନ୍ୟ ଅନେକ ଅଂଶୀଦାରଙ୍କ ମତାମତକୁ ବିଚାରକୁ ନିଆଯିବା ଆବଶ୍ୟକ। ୟୁଏଫବିୟୁର ଅନ୍ୟାନ୍ୟ ଦାବିଗୁଡ଼ିକ ମଧ୍ୟରେ ପେନସନର ଅପଡେଟ୍ ଏବଂ ଉନ୍ନତି, ସମସ୍ତ ପେନସନଭୋଗୀଙ୍କ ପାଇଁ ଏକ ସମାନ ମହଙ୍ଗା ଭତ୍ତା ଫର୍ମୁଲା ଏବଂ ଜାତୀୟ ପେନସନ ପ୍ରଣାଳୀ (ଏନପିଏସ) ଅଧୀନରେ ଥିବା କର୍ମଚାରୀମାନଙ୍କ ପାଇଁ ପୁରୁଣା ପେନସନ ଯୋଜନା (ଓପିଏସ)କୁ ପରିବର୍ତ୍ତନ କରିବାର ବିକଳ୍ପ ଅନ୍ତର୍ଭୁକ୍ତ ରହିଛି।

# ନିର୍ବାଚନ ଆୟୁକ୍ତ ନିଯୁକ୍ତି ଆଇନ ନେଇ ସୁପ୍ରିମକୋର୍ଟରେ ମତଭେଦ

ନୂଆଦିଲ୍ଲୀ: ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଓ ନିର୍ବାଚନ ଆୟୁକ୍ତଙ୍କ (ଇସି) ନିଯୁକ୍ତି ସମ୍ପର୍କିତ ୨୦୨୩ ଆଇନକୁ ଚ୍ୟାଲେଞ୍ଜ କରି ଦାଏର ଆବେଦନଗୁଡ଼ିକୁ ୫ ଜଣିଆ ସମ୍ବିଧାନ ପୀଠକୁ ପଠାଯିବ କି ନାହିଁ, ଏନେଇ ସୁପ୍ରିମକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ମଧ୍ୟରେ ମତଭେଦ ଦେଖାଦେଇଛି। ମାମଲାଟି ଏବେ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ନିକଟକୁ ଯିବ। ବୃହତ୍ତର ପୀଠ ଗଠନ ନେଇ ସିଜେଆଇ ନିଷ୍ପତ୍ତି ନେବେ। ବିଚାରପତି ଦୀପଙ୍କର ଦତ୍ତା ଓ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଆବେଦନରେ ୨୦୨୩ ଆଇନକୁ ଚାଲେଞ୍ଜ କରାଯାଇଥିଲା, ଯେଉଁଥିରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କ ପରିବର୍ତ୍ତେ ଚୟନ



ପ୍ୟାନେଲରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ଜଣେ କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀଙ୍କୁ ରଖାଯାଇଥିଲା। ଜଷ୍ଟିସ୍ ଦତ୍ତା ତାଙ୍କ ରାୟରେ ନିର୍ବାଚନ ଆୟୁକ୍ତଙ୍କ ସ୍ୱାଧୀନତା ଓ ନିରପେକ୍ଷତା ଉପରେ ବ୍ୟାପକ ଚିନ୍ତା ପ୍ରକାଶ କରିଥିଲେ ଏବଂ ପ୍ରଶ୍ନ କରିଥିଲେ ଯେ,୨୦୨୩ ଆଇନ ଅନୁଯାୟୀ ନିଯୁକ୍ତି ବ୍ୟବସ୍ଥା ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପାଇଁ ଆବଶ୍ୟକ ସାମ୍ବିଧାନିକ ମାନଦଣ୍ଡ ପୂରଣ କରୁଛି କି ନାହିଁ। ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀଙ୍କୁ ନେଇ ଗଠନ ହୋଇଥିବା ପାନେଲ କାର୍ଯ୍ୟନିର୍ବାହୀ କ୍ଷମତା ଉପରେ ପ୍ରଭାବଶାଳୀ ଯାଞ୍ଚ କରିପାରିବ କି ବୋଲି ଜଷ୍ଟିସ୍ ଦତ୍ତା ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ ବିଚାରପତି ସତୀଶ ଚନ୍ଦ୍ର ଶର୍ମା କହିଛନ୍ତି, ଆଇନର ସାମ୍ବିଧାନିକ ବୈଧତା ନେଇ ଉଠିଥିବା ପ୍ରଶ୍ନର ବିଚାର ୫ ଜଣିଆ ସମ୍ବିଧାନ ପୀଠରେ ହେବା ଆବଶ୍ୟକ। ୨୦୨୩ ଆଇନରେ ନିର୍ବାଚନ କମିଶନର ଚୟନ କମିଟିରୁ ପ୍ରଧାନ ବିଚାରପତିଙ୍କୁ ବାଦ ଦିଆଯାଇ ତାଙ୍କ ସ୍ଥାନରେ ପ୍ରଧାନମନ୍ତ୍ରୀଙ୍କ ମନୋନୀତ କେନ୍ଦ୍ରମନ୍ତ୍ରୀଙ୍କୁ ସାମିଲ କରାଯାଇଛି। ଏହି ବ୍ୟବସ୍ଥାକୁ ନେଇ ହିଁ ମୁଖ୍ୟ ଆଇନଗତ ପ୍ରଶ୍ନ ଉଠିଛି। ଦୁଇ ବିଚାରପତିଙ୍କ ମତଭେଦ ପରେ ମାମଲାର ପରବର୍ତ୍ତୀ ଦିଗ ଏବେ ପ୍ରଧାନ ବିଚାରପତିଙ୍କ ନିଷ୍ପତ୍ତି ଉପରେ ନିର୍ଭର କରିବ।

## ସାବୁନ-ସାମ୍ପୁ ପ୍ୟାକେଟ୍‌ରେ ଲାଗିବ ଆମିଷ-ନିରାମିଷ ଚିହ୍ନ

ନୂଆଦିଲ୍ଲୀ : ଖାଦ୍ୟ ସାମଗ୍ରୀ ଭଳି ବ୍ୟକ୍ତିଗତ ଯତ୍ନ ସାମଗ୍ରୀର ପ୍ୟାକେଟ୍‌ରେ ମଧ୍ୟ ଆମିଷ ଓ ନିରାମିଷ ସାମଗ୍ରୀ ବ୍ୟବହାର ପାଇଁ ରହୁଥିବା ଚିହ୍ନ ରହିବା କେନ୍ଦ୍ର ଖାଉଟି ମନ୍ତ୍ରାଳୟ ପକ୍ଷରୁ ଏ ରୁ ଏ ନେଇ ନୂଆ ନିୟମ ପ୍ରସ୍ତୁତ କରାଯାଇଛି । ଏହାଦ୍ୱାରା ଓ ଅନ୍ୟାନ୍ୟ ବ୍ୟକ୍ତିଗତ ଯତ୍ନ ସାବୁନ, ସାମ୍ପୁ ଓ ଅନ୍ୟାନ୍ୟ ବ୍ୟକ୍ତିଗତ ଯତ୍ନ ସାମଗ୍ରୀଗୁଡ଼ିକ କେଉଁ ପ୍ରକାର ଉପାଦାନଗୁଡିକରେ ପ୍ରସ୍ତୁତ ହୋଇଛି ଗ୍ରାହକ ପ୍ରସ୍ତୁତ ଜାଣିପାରିବେ ବିଶେଷକରି ପ୍ରାଣୀଙ୍କଠାରୁ ସଂଗୃହୀତ ଉପାଦାନ ଜାଣିହେବ ବ୍ୟବହୃତ ହୋଇଛି କି ନାହିଁ ତାହା ଜାଣି ଗତ ୨୧ ତାରିଖରେ ମନ୍ତ୍ରାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ ପ୍ୟାକେଜିଂ ନିୟମରେ ଏକ ନୂଆ ବିଷୟ ଯୋଡ଼ାଯାଇଛି ।

## ଇଞ୍ଜିନ୍ ଖରାପ ଯୋଗୁଁ ଚେନ୍ନାଇରେ ବିମାନର ଜରୁରୀକାଳୀନ ଅବତରଣ




ଭିଏତନାମ : ଭିଏତନାମର ହୋ ଚି ମିନ୍ ସିଟିରୁ ଶ୍ରୀଲଙ୍କାର କଲମ୍ବୋ ଯାଉଥିବା ଏକ ବିମାନ ମଝି ଆକାଶରେ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇଛି। ବିମାନର ଗୋଟିଏ ଇଞ୍ଜିନ୍ କାମ କରିବା ବନ୍ଦ କରିଦେବାରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚେନ୍ନାଇ ବିମାନବନ୍ଦରରେ ଏହାର ଜରୁରୀକାଳୀନ ଅବତରଣ କରାଯାଇଛି। ବିମାନରେ ୧୪୩ ଜଣ ଯାତ୍ରୀ ଓ କ୍ରିୟୁ ସଦସ୍ୟ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ଅଧିକାରୀଙ୍କ ସୂଚନା ଅନୁଯାୟୀ, ଇଞ୍ଜିନରେ ତ୍ରୁଟି ପରିଲକ୍ଷିତ ହେବା ପରେ ବିମାନବନ୍ଦର କର୍ତ୍ତୃପକ୍ଷ ତୁରନ୍ତ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ ଏବଂ ''ଏୟାରପୋର୍ଟ ଏମର୍ଜେନ୍ସି ପ୍ଲାନ୍'' ଅନୁଯାୟୀ ସମସ୍ତ ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଇଥିଲା। ରାତି ପ୍ରାୟ ୧୧ଟା ସମୟରେ ଏୟାରବସ୍ ଏ୩୨୦ ବିମାନଟି ସୁରକ୍ଷିତ ଭାବେ ଅବତରଣ କରିଥିଲା। ସମସ୍ତ ଯାତ୍ରୀ ଓ କ୍ରିୟୁ ସଦସ୍ୟ ସୁରକ୍ଷିତ ଭାବେ ଓହ୍ଲାଇବା ପରେ ରାତି ୧୧ଟା ୩୫ ମିନିଟରେ ଜରୁରୀକାଳୀନ ପରିସ୍ଥିତି ପ୍ରତ୍ୟାହାର କରାଯାଇଥିଲା ଏବଂ ବିମାନବନ୍ଦରର ସ୍ୱାଭାବିକ କାର୍ଯ୍ୟଚାଲୁ ରହିଥିଲା। ପରବର୍ତ୍ତୀ ସମୟରେ ବିମାନ ସଂସ୍ଥା ପକ୍ଷରୁ ବିକଳ୍ପ ବ୍ୟବସ୍ଥା କରାଯାଇ ଯାତ୍ରୀମାନଙ୍କୁ କଲମ୍ବୋ ପଠାଯାଇଛି।

## ରାସ୍ତାରେ ବାଣ ଫୁଟାଇବା ମନା

ମୁମ୍ବାଇ, : ପର୍ବପର୍ବାଣୀ ସମୟରେ ହେଉଥିବା ପ୍ରବଳ ଶବ୍ଦ ଏବଂ ବାୟୁ ପ୍ରଦୂଷଣ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ବମ୍ବେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି କରିଛନ୍ତି। କୋର୍ଟ ସାର୍ବଜନୀନ ରାସ୍ତାରେ ବାଣ ଫୁଟାଇବାକୁ ସମ୍ପୂର୍ଣ୍ଣ ନିଷେଧ କରିଛନ୍ତି। ଗଣେଶ ଉତ୍ସବ ସମୟରେ ଜାରି କରାଯାଇଥିବା ଏହି ନିଷ୍ପତ୍ତିରେ, କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଧାର୍ମିକ ଶୋଭାଯାତ୍ରା ଏବଂ କାର୍ଯ୍ୟକ୍ରମରେ ଲାଉଡ୍‌ସ୍ପିକର, ଡିଜେ ଏବଂ ଲେଜର ବିମ୍ ବ୍ୟବହାର ସମ୍ପୂର୍ଣ୍ଣ ଅନୁପଯୁକ୍ତ। କୋର୍ଟ କହିଛନ୍ତି, ମୁମ୍ବାଇ ଭଳି ସହରରେ, ଦିନ କିମ୍ବା ରାତିରେ ସାର୍ବଜନୀନ ରାସ୍ତାରେ କୌଣସି ପରିସ୍ଥିତିରେ ବାଣ ଫୁଟାଇବାକୁ ଅନୁମତି ଦିଆଯାଇପାରିବ ନାହିଁ। ଏହା କେବଳ ବିପଦପୂର୍ଣ୍ଣ ନୁହେଁ ବରଂ ସହରରେ ବ୍ୟାପିବା ଆରମ୍ଭ ହୋଇଥିବା ବିଷାକ୍ତ ପ୍ରଦୂଷଣ ଏବଂ ଧୂଆଁକୁ ମଧ୍ୟ ବୃଦ୍ଧି କରିଥାଏ।

## ମହାକାଶରେ ଚୀନ୍ ଉପଗ୍ରହ 'ଦିତିଙ୍ଗ': କାନପାତି ପୃଥିବୀରୁ ଶବ୍ଦ ଶୁଣି ଚିହ୍ନଟ କରିବ ବସ୍ତୁ

ଚୀନ୍ : ଚୀନ୍‌ରେ ଏକ ପୌରାଣିକ ପ୍ରାଣୀ ସମ୍ପର୍କରେ କୁହାଯାଇଥାଏ। ଏହି ପ୍ରାଣୀ ଶବ୍ଦ ଶୁଣି ସବୁକିଛି ଚିହ୍ନଟ କରିପାରେ। ଚୀନ୍ ଏବେ ମହାକାଶରେ ନିଜର 'କାନ' ନିୟୋଜିତ କରିଛି। ଏହି ଉପଗ୍ରହଗୁଡ଼ିକ, ବାସ୍ତବରେ, ପୃଥିବୀରୁ ବାହାରୁଥିବା ରେଡିଓ ସିଗନାଲଗୁଡ଼ିକୁ ଶୁଣିବେ ଏବଂ ଶବ୍ଦ କେଉଁଠାରୁ ଆସୁଛି ତାହା ନିର୍ଣ୍ଣୟ କରିବେ। ଏହାର ଅର୍ଥ ହେଉଛି ଏହା ଶତ୍ରୁ ଦେଶର ରାଡାର, ସାମରିକ ଯୋଗାଯୋଗ କିମ୍ବା ଇଲେକ୍‌ଟ୍ରୋନିକ୍ ଜାମର ଆଦିର ସିଗନାଲଗୁଡ଼ିକୁ ନିରୀକ୍ଷଣ କରିପାରିବ। ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ ଅନୁଯାୟୀ, ରବିବାର ଅପରାହ୍ନରେ ଉତ୍ତର ଚୀନ୍‌ର ଜିଉକ୍ୱାନ୍ ସାଟେଲାଇଟ୍ ଲଞ୍ଚ୍ ସେଣ୍ଟରରୁ ଲିଜିଆନ୍-୧ ୱାଇ-୧୮ ରକେଟ୍ ଉତ୍କ୍ଷେପଣ କରିଛି। ଏହି ରକେଟ୍ ମୋଟ ନଅଟି ଉପଗ୍ରହ ବହନ କରିଥିଲା, ଯେଉଁଥିରେ ତିନୋଟି ଦିତିଙ୍ଗ-୦୧ ଉପଗ୍ରହ ମଧ୍ୟ ସାମିଲ ଥିଲା। ଉପଗ୍ରହଗୁଡ଼ିକ ସଫଳତାର ସହ ସେମାନଙ୍କର ଉଦ୍ଦିଷ୍ଟ କକ୍ଷପଥରେ ପ୍ରବେଶ କରିଥିଲେ। ଏହାର ଅର୍ଥ ହେଉଛି ସେମାନେ ଯେଉଁଠାରେ ରହିବା କଥା ସେଠାରେ ପହଞ୍ଚି ଯାଇଛନ୍ତି। ଏବେ ସେମାନେ କାନପାତି ପୃଥିବୀ ପୃଷ୍ଠର ଶବ୍ଦ ଶୁଣି ବସ୍ତୁ ଚିହ୍ନଟ କରିବେ। ଏହି ତିନୋଟିର ନାମକରଣ ଚୀନ୍ ପୌରାଣିକ କାହାଣୀରୁ ଏକ



ରହସ୍ୟମୟ ପ୍ରାଣୀ 'ଦିତିଙ୍ଗ' ନାମରେ ରଖାଯାଇଛି। କୁହାଯାଏ ଯେ, ଏହି ପ୍ରାଣୀ ପାତାଳଲୋକର ବୋଧିସତ୍ୱ କ୍ଷିତିଗର୍ଭର ସିଂହାସନ ତଳେ ବାସ କରେ ଏବଂ କେବଳ ଶବ୍ଦ ଶୁଣି ବସ୍ତୁଗୁଡ଼ିକୁ ଚିହ୍ନଟ କରିପାରେ। ଉପଗ୍ରହଗୁଡ଼ିକ ମଧ୍ୟ ସେଭଳି କାର୍ଯ୍ୟ କରିବେ।ଏହି ସାଟେଲାଇଟ୍ ମହାକାଶରେ ଅତ୍ୟନ୍ତ ସମ୍ବେଦନଶୀଳ କାନ ଭାବରେ କାର୍ଯ୍ୟ କରିବେ। ମହାକାଶରୁ ପୃଥିବୀର ସ୍ୱର ଶୁଣିବେ। ସେମାନେ ପୃଥିବୀରୁ ବାହାରୁଥିବା ରେଡିଓ ସିଗନାଲଗୁଡ଼ିକୁ ନିରନ୍ତର ଶୁଣିବେ। ସେଥିମଧ୍ୟରେ ଯୁଦ୍ଧଜାହାଜ ରାଡାର, ସାମରିକ ଯୋଗାଯୋଗ ନେଟୱାର୍କ ଏବଂ ଇଲେକ୍‌ଟ୍ରୋନିକ୍ ଜାମରରୁ ସିଗନାଲ ଅନ୍ତର୍ଭୁକ୍ତ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସେମାନେ ସିଗନାଲଗୁଡ଼ିକୁ ଶୁଣି ଏହା କେଉଁ ସ୍ଥାନରୁ ଆସୁଛି ତାହା ଚିହ୍ନଟ କରିବାକୁ ମଧ୍ୟ ସକ୍ଷମ ହେବେ। ଯୁଦ୍ଧରେ ଏଗୁଡ଼ିକୁ ଶତ୍ରୁ ଯୁଦ୍ଧଜାହାଜଗୁଡ଼ିକୁ ଠାବ କରିବା ପାଇଁ ବ୍ୟବହାର କରାଯାଇପାରିବ। ସ୍ୱୟଂଚାଳିତ ଚିହ୍ନଟ ବ୍ୟବସ୍ଥାକୁ ଅକ୍ଷମ କରାଯାଇଥିବା ଶତ୍ରୁ ଅଞ୍ଚଳରେ ଲୁଚି ରହିଥିବା ବାୟୁ-ପ୍ରତିରକ୍ଷା ରାଡାରଗୁଡ଼ିକୁ ଚିହ୍ନଟ କରିବା ଏବଂ ପ୍ରତିପକ୍ଷର ଇଲେକ୍‌ଟ୍ରୋନିକ୍ ସିଷ୍ଟମର ସମ୍ପୂର୍ଣ୍ଣ ଚିତ୍ର ନିର୍ମାଣ କରିବାରେ ମଧ୍ୟ ସାଟେଲାଇଟ୍ ଗୁଡ଼ିକ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବେ।ଏହି ତିନୋଟି ଉପଗ୍ରହ ଚାଙ୍ଗ ଗୁଆଙ୍ଗ ସାଟେଲାଇଟ୍ ଟେକ୍ନୋଲୋଜି ଦ୍ୱାରା ନିର୍ମିତ ଏବଂ ଷ୍ଟାରଆରଏଫ ଦ୍ୱାରା ପରିଚାଳିତ। ଏଗୁଡ଼ିକ ଚୀନ୍‌ର ପ୍ରଥମ ବାଣିଜ୍ୟିକ ସିଗନାଲ ଇଣ୍ଟେଲିଜେନ୍ସ ସାଟେଲାଇଟ୍ ନେଟୱାର୍କର ପ୍ରାରମ୍ଭିକ ବ୍ୟାଚ୍। ମହାକାଶ-ଭିତ୍ତିକ ରେଡିଓ ଫ୍ରିକ୍ୱେନ୍ସି ସେନ୍ସିଂ (ଏସଆରଏଫ) ଜ୍ଞାନକେଶଳ ଆଧାରରେ ସାଟେଲାଇଟ୍‌ଗୁଡ଼ିକରେ ରେଡିଓ ରିସିଭର୍ ସଂସ୍ଥାପନ କରାଯାଇଛି। ଏହା ସ୍ଥଳ ଏବଂ ସମୁଦ୍ରର ବିଶାଳ ଅଞ୍ଚଳ ଉପରେ ମହାକାଶରୁ ରେଡିଓ ସିଗନାଲଗୁଡ଼ିକୁ ନିରୀକ୍ଷଣ କରିବାକୁ ସକ୍ଷମ। ଉପଗ୍ରହଗୁଡ଼ିକ ଭୂମି-ଭିତ୍ତିକ ନିରୀକ୍ଷଣ କେନ୍ଦ୍ର ତୁଳନାରେ ବ୍ୟାପକ କଭରେଜ୍ ପରିସର ପ୍ରଦାନ କରିବେ।

## କାରରୁ ମିଳିଲା ୨ ପୋଲିସକର୍ମୀଙ୍କ ମୃତଦେହ

ଜମ୍ମୁ କଶ୍ମୀର : ଜମ୍ମୁ-କଶ୍ମୀରର ରାମବନ ଜିଲ୍ଲା ବଟୋଟରେ ଏକ କାର୍ ଭିତରୁ ଦୁଇଜଣ ପୋଲିସ କର୍ମଚାରୀଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଛି । ସ୍ଥାନୀୟ ଲୋକେ ଉଭୟଙ୍କୁ ଜିଲ୍ଲା ହସ୍ପିଟାଲ ରାମବନକୁ ନେଇଥିଲେ । ତେବେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ । ଜିଆରତ ମୋଡ଼ ନିକଟ ସାନା ଅଞ୍ଚଳରେ ଏକ କାରରୁ ଏମାନଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ପୋଲିସର ସୂଚନା ଅନୁସାରେ, ଦୁଇଜଣଙ୍କୁ କାର୍ ଭିତରୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । କାରଟି ଜମ୍ମୁ-କଶ୍ମୀର ନମ୍ବର ପ୍ଲେଟରେ ପଞ୍ଜୀକୃତ ଥିଲା । ଉଭୟଙ୍କ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ପୋଲିସ ତଦନ୍ତ ଆରମ୍ଭ କରିଛି । ମୃତକଙ୍କ ପରିଚୟ ହେଡ୍ କନଷ୍ଟେବଲ ଫରିଦ ଅହମଦ ଏବଂ ସିଲେକ୍ସନ ଗ୍ରେଡ୍ କନଷ୍ଟେବଲ ମହମ୍ମଦ ୟାକୁବ ବୋଲି ଜଣାପଡ଼ିଛି । ଦୁହେଁ ଡିପିଏଲ୍ ରାମବନରେ ନିୟୋଜିତ ଥିଲେ । ପୋଷ୍ଟମର୍ଟମ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯିବ। ଏହାପୂର୍ବରୁ କଶ୍ମୀରର ଅନନ୍ତନାଗ-କୋକରନାଗ ରୋଡରେ ମଧ୍ୟ ଜଣେ ପୋଲିସ କର୍ମଚାରୀଙ୍କ ଉପରେ ଗୁଳିମାଡ଼ ଘଟଣା ଘଟିଥିଲା । ଆତଙ୍କବାଦୀଙ୍କ ଗୁଳିରେ ଗୁରୁତର ଆହତ ହୋଇ ମୃତ୍ୟୁବରଣ କରିଥିଲେ ।

# ଗାଜା ସ୍ଥିତିକୁ ନେଇ ମାକ୍ରନଙ୍କ ତୀବ୍ର ପ୍ରଶ୍ନ! 'ବିଶ୍ୱ ପାଇଁ ଲଜ୍ଜା', ଟ୍ରମ୍ପଙ୍କ ଦାବିକୁ ହ୍ୱାଇଟ୍ ହାଉସ୍‌ର ସଫେଇ

ନୂଆଦିଲ୍ଲୀ : ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଗାଜାରେ ଶାନ୍ତି ଦାବି ଉପରେ ପ୍ରଶ୍ନ ଉଠାଇ ଜାତିସଂଘ ସାଧାରଣ ସଭା (ୟୁଏନଜିଏ)ରେ ତାଙ୍କ ଭାଷଣରେ କହିଛନ୍ତି ଯେ ଗାଜାର ବର୍ତ୍ତମାନର ପରିସ୍ଥିତି ସମଗ୍ର ବିଶ୍ୱ ପାଇଁ ଲଜ୍ଜାର ବିଷୟ। ସେଠାକାର ଲୋକମାନେ ପାଣି, ଔଷଧ ଏବଂ ରିଲିଫ୍ ସାମଗ୍ରୀ ପାଇଁ ସଂଘର୍ଷ କରୁଛନ୍ତି, ତେଣୁ କେବଳ ଶାନ୍ତି ଦାବି କଲେ ପରିସ୍ଥିତିରେ ପରିବର୍ତ୍ତନ ହେବ ନାହିଁ। ଗାଜା ଯୁଦ୍ଧ ଶେଷ ହୋଇଛି ଏବଂ ତାଙ୍କର ୨୦-ସୂତ୍ରୀ ଶାନ୍ତି ଯୋଜନା ସଫଳ ହୋଇଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିବାର କିଛି ଘଣ୍ଟା ପରେ ମାକ୍ରନ ଏଭଳି ମନ୍ତବ୍ୟ ଦେଇ ଦାବି ଉପରେ ପ୍ରଶ୍ନ ଉଠାଇଛନ୍ତି ।ମାକ୍ରନ୍ କହିଛନ୍ତି, କେବଳ ପାଲେଷ୍ଟାଇନକୁ ମାନ୍ୟତା ଦେଲେ ସମସ୍ୟାର ସମାଧାନ ହେବ ନାହିଁ। ଜାତିସଂଘ ସାଧାରଣ ପରିଷଦରେ ଅନେକ ଦେଶ ପାଲେଷ୍ଟାଇନକୁ ସ୍ୱୀକୃତି



ଦେଇଥିଲେ। ସେତେବେଳେ ମଧ୍ୟ କିଛି ଲୋକ କହିଥିଲେ ଯେ, କେବଳ ସ୍ୱୀକୃତି ପ୍ରଦାନ କଲେ ପରିସ୍ଥିତିରେ ପରିବର୍ତ୍ତନ ହେବ ନାହିଁ। ଯଦି ଆଜି ମଧ୍ୟ ଗାଜା ଲୋକଙ୍କ ସମସ୍ୟା କମିନାହିଁ ଏବଂ ବିଶ୍ୱ କିଛି କରୁନାହିଁ, ତେବେ ପାଲେଷ୍ଟାଇନକୁ ମାନ୍ୟତା ଦେବାର ଅର୍ଥ କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ୱେଷ୍ଟ ବ୍ୟାଙ୍କରେ ପାଲେଷ୍ଟାଇନୀଙ୍କ ଉପରେ ବୃଦ୍ଧି ପାଉଥିବା ହିଂସା ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି, ସେଠାରେ ପ୍ରାୟ ପ୍ରତିଦିନ ନୂତନ ଘଟଣା ଘଟୁଛି। ୱେଷ୍ଟ ବ୍ୟାଙ୍କରେ ପ୍ରତ୍ୟେକ ଘଟଣା ପାଇଁ ହମାସକୁ ଦାୟୀ କରାଯାଇପାରିବ ନାହିଁ। ଇସ୍ରାଏଲ ପଡ଼ୋଶୀଙ୍କ ସାର୍ବଭୌମତ୍ୱ ଏବଂ ସୀମାକୁ ସମ୍ମାନ ନ ଦେବା ଯାଏଁ ଇସ୍ରାଏଲର ସୁରକ୍ଷା ସୁଦୃଢ଼ ହେବ ନାହିଁ। ଏପରି କାର୍ଯ୍ୟ ଦୀର୍ଘକାଳୀନ ଭାବରେ ଇସ୍ରାଏଲର ସୁରକ୍ଷାକୁ ଦୁର୍ବଳ କରିପାରେ। ମାକ୍ରନଙ୍କ ମନ୍ତବ୍ୟ ପରେ, ହ୍ୱାଇଟ୍ ହାଉସ୍ ଟ୍ରମ୍ପଙ୍କ ସପକ୍ଷରେ ବାହାରିଛି। ମୁଖପାତ୍ର ଆନ୍ନା କେଲି କହିଛନ୍ତି, ଇସ୍ରାଏଲ ଏବଂ ହମାସ ମଧ୍ୟରେ ଯୁଦ୍ଧ ବନ୍ଦ କରିବାରେ ଟ୍ରମ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସମସ୍ତ ଜୀବିତ ବନ୍ଧକଙ୍କୁ ମୁକ୍ତ କରାଯାଇଛି ଏବଂ ନିହତ ଲୋକଙ୍କ ମୃତଦେହ ସେମାନଙ୍କ ପରିବାରକୁ ଫେରାଇ ଦିଆଯାଇଛି। ଟ୍ରମ୍ପ ଏବେ ଗାଜାରେ ତାଙ୍କର ୨୦-ସୂତ୍ରୀ ଶାନ୍ତି ଯୋଜନାକୁ ଆଗକୁ ବଢ଼ାଇବା ପାଇଁ କାମ କରୁଛନ୍ତି। ଟ୍ରମ୍ପ ଏହି ପ୍ରସଙ୍ଗରେ କାମ କରୁଥିବା ସମୟରେ ଅନେକ ଲୋକ କେବଳ ବୟାନ ବାଜି ଜାରି ରଖିଛନ୍ତି। ବିଗତ ବର୍ଷ ?ରେ ୱେଷ୍ଟ ବ୍ୟାଙ୍କରେ ଇସ୍ରାଏଲୀ ବସତି ଉପରେ ଫ୍ରାନ୍ସ ନିଜର ଆଭିମୁଖ୍ୟ କଠୋର କରି କଟକଣା ଲାଗୁ କରିଛି। ୧୯୬୭ ଯୁଦ୍ଧରେ ଇସ୍ରାଏଲ ୱେଷ୍ଟ ବ୍ୟାଙ୍କ, ପୂର୍ବ ଜେରୁସାଲେମ ଏବଂ ଗାଜା ଷ୍ଟ୍ରିପ୍ କବଜା କରିଥିଲା। ପାଲେଷ୍ଟାଇନୀମାନେ ଦାବି କରୁଛନ୍ତି, ଏହି ତିନୋଟି ଅଞ୍ଚଳ ସେମାନଙ୍କର ଭବିଷ୍ୟତ ରାଜ୍ୟର ଅଂଶ। ବର୍ତ୍ତମାନର ଇସ୍ରାଏଲୀ ସରକାର ଏକ ପାଲେଷ୍ଟାଇନୀ ରାଷ୍ଟ୍ର ଗଠନକୁ ବିରୋଧ କରିବା ସହ ୱେଷ୍ଟ ବ୍ୟାଙ୍କକୁ ମିଶ୍ରଣ କରିବାକୁ ଚାହୁଁଛନ୍ତି।

# ଆଇପିଏଲ ଟିମ୍ ଚେନ୍ନାଇ ସୁପର କିଙ୍ଗସରେ ଫିକ୍ସିଂ ଝଡ

## ୩ କୋଟିରେ ବିକ୍ରି ହୋଇଛି ତଥ୍ୟ !

ନୂଆଦିଲ୍ଲୀ, ୨୩।୯: ପୁଣି ଆଇପିଏଲରେ ଫିକ୍ସିଂ ଝଡ। ୫ଥର ଆଇପିଏଲ ଟ୍ରଫି ଜିତିଥିବା ଚେନ୍ନାଇ ସୁପର କିଙ୍ଗସକୁ ଦୋହଲାଇ ଦେଇଛି ଟିମର ତଥ୍ୟ ଲିକ ଓ ସମ୍ଭାବ୍ୟ ମ୍ୟାଚ୍ ଫିକ୍ସିଂ। ଏଥିପାଇଁ ସିଏସକେ ଅଧିକାରୀମାନେ ଜରୁରୀ ବୈଠକ ଡାକିଛନ୍ତି। ଏହି ବୈଠକରେ ଦଳ ନିଜର ଆଗାମୀ ରଣନୀତି ପ୍ରସ୍ତୁତ କରିବ ବୋଲି ଜଣାପଡିଛି।

ତେହେଲକା ପକ୍ଷରୁ ନିକଟରେ ହୋଇଥିବା ଷ୍ଟିଙ୍ଗ ଅପରେସନ ବେଳେ ସିଏସକେକୁ ନେଇ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ଏଥିରେ ଦାବି କରାଯାଇଛି ଯେ ଚେନ୍ନାଇ ସୁପର କିଙ୍ଗସର ଜଣେ ଖେଳାଳି ଟିମ ସହ ଜଡିତ ଭିତିରି କଥା ସମସ୍ତଙ୍କ ଅଜଣାତରେ ଲିକ କରିଥିଲେ।

ଜଣେ ପୂର୍ବତନ ଘରୋଇ କ୍ରିକେଟରଙ୍କୁ ସେ ଏହି ତଥ୍ୟ ଦେଇଥିଲେ। ଏହାକୁ ପୂର୍ବତନ କ୍ରିକେଟର ଜଣଙ୍କ ଲଣ୍ଡନ ଭିତ୍ତିକ ବୁକିମାନଙ୍କୁ ମ୍ୟାଚ୍ ପିଛା ୬୦ ଲକ୍ଷ ଟଙ୍କାରେ ବିକ୍ରି କରିଥିଲେ। ଏପରି ତଥ୍ୟ ସାମ୍ନାକୁ ଆସିବା ପରେ ହଇଚଇ ସୃଷ୍ଟି ହୋଇଛି। ଏଥିପାଇଁ ଆସନ୍ତା ୨୫ରେ ସିଏସକେ ବୋର୍ଡ ଅଧିକାରୀମାନେ ବୈଠକ କରିବେ।

ଟିମରେ ଚାଲିଥିବା ଏପରି ଦୁର୍ନୀତି କାର୍ଯ୍ୟକଳାପ ସମ୍ପର୍କରେ ବୈଠକରେ ଆଲୋଚନା ହେବ। ସିଏସ୍‌କେର ଜଣେ ଅଧିକାରୀ କହିଛନ୍ତି, "ଆଗାମୀ ଦିନରେ ଆମର ବାର୍ଷିକ ସାଧାରଣ ପରିଷଦ ବୈଠକ ହେବ। ଆମ ବୋର୍ଡ ଏହା ପୂର୍ବରୁ ଆଲୋଚନା କରିବ। ଆମେ ଏହି ପ୍ରସଙ୍ଗ ସେଠାରେ ଆଲୋଚନା କରିବୁ।"

ମାତ୍ର ୬ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିବା ପୂର୍ବତନ କ୍ରିକେଟର ଜଣଙ୍କ ହେଲେ ରଚିତ ଭାଟିଆ। ତେହେଲକା




କରିଥିବା ଷ୍ଟିଙ୍ଗରେ ରଚିତ ଦାବି କରିଛନ୍ତି ଯେ ୨୦୨୫ରେ ସେ ଆଇପିଏଲର ୫ଟି ମ୍ୟାଚ୍‌କୁ ଫିକ୍ସ କରିଥିଲେ। ଚେନ୍ନାଇ ସୁପର କିଙ୍ଗସର ଟିମ ତଥ୍ୟକୁ ଲଣ୍ଡନ ଭିତ୍ତିକ ବୁକିମାନଙ୍କୁ ସେ ପଠାଇଥିଲେ।

ତେହେଲକାର ଜଣେ ଅଣ୍ଡରକଭର ରିପୋର୍ଟରଙ୍କୁ ରଚିତ କହିଛନ୍ତି ଯେ ବିଧିବଦ୍ଧ ଭାବେ ଚେନ୍ନାଇ ସୁପର କିଙ୍ଗସ ଚୂଡାନ୍ତ ଏକାଦଶର ଖେଳାଳିଙ୍କ ନାଁ ଘୋଷଣା ହେବା ପୂର୍ବରୁ ସେ ଜଣେ ସଦସ୍ୟଙ୍କ ଜରିଆରେ ଏହାକୁ ହାସଲ କରୁଥିଲେ। ଏହାପରେ ସ୍ନାପଚାଟ ଜରିଆରେ ବୁକିମମାନଙ୍କୁ ପଠାଉଥିଲେ।

ସେ କହିଛନ୍ତି, "ମୁଁ ୨୦୨୫ ଆଇପିଏଲର ୫ଟି ମ୍ୟାଚ୍ ଫିକ୍ସ କରିଛି। ମ୍ୟାଚ ପିଛା ମୋତେ ୬୦ ଲକ୍ଷ ଟଙ୍କା ଏପରି ୫ ମ୍ୟାଚ୍‌ରୁ ୩ କୋଟି ମିଳିଛି।" ରଚିତ ଭାଟିଆ ଆହୁରି ଦାବି କରିଛନ୍ତି ଯେ ୨୦୧୮-୧୯ ସୟିଦ ମୁସ୍ତାକ ଅଲୀ ଟ୍ରଫି ସମୟରେ ସେ ନିଜେ ସ୍ପଟ ଫିକ୍ସିଂ କରିଥିଲେ।

ସେ ଜାଣିଶୁଣି ୨ଟି ୱାଇଡ ବଲ ପକାଇଥିଲେ। ଏଥିପାଇଁ ବଲ ପିଛା ତାଙ୍କୁ ୮ ଲକ୍ଷ ଟଙ୍କା ଲେଖାଏ ମିଳିଥିଲା। ତେବେ ତାଙ୍କର ଏହି ଦାବି ଉପରେ ବିସିସିଆଇ, ଆଇସିସି, ପୁଲିସ କିମ୍ବା କୋର୍ଟ ଦ୍ୱାରା ନିଶ୍ଚିତ ହୋଇନି।

ରଚିତ କହିଛନ୍ତି ଯେ ସେ ଚେନ୍ନାଇର ମ୍ୟାଚ୍ ପୂର୍ବରୁ ଚୂଡାନ୍ତ ଏକାଦଶର ତଥ୍ୟ ଜଣେ ଦିଲ୍ଲୀ ଭିତ୍ତିକ ଖେଳାଳିଙ୍କ ଠାରୁ ହାସଲ କରିବାର ଥିଲା। ସେହିପରି ସେ ୨୦୨୬ରେ ଆଇପିଏଲରେ ମଧ୍ୟ ମ୍ୟାଚ୍ ଫିକ୍ସ କରିବାରେ ସହଯୋଗ କରିଥାଆନ୍ତେ। କିନ୍ତୁ ସେହି ଖେଳାଳି ଜଣଙ୍କ ଅକ୍ସନ ବେଳେ କିଣା ହୋଇ ପାରି ନଥିଲେ। ନିଜ ଖୁଲାସାରେ ପୂର୍ବତନ କ୍ରିକେଟର ଜଣଙ୍କ ଆହୁରି ଦାବି କରିଛନ୍ତି ଯେ ସେମାନଙ୍କ ସୂତ୍ର ଦିଲ୍ଲୀ ପ୍ରିମିୟର ଲିଗ୍‌ରେ ଭାଗ ନେଇଥିବା ଗୋଟିଏ ଟିମ ସହ ଜଡିତ ଗୁପ୍ତ ତଥ୍ୟ ଦେଇଥିଲେ। ଚଳିତ ବର୍ଷ ଅଗଷ୍ଟ ୩ରେ ଖେଳା ଯାଇଥିବା ମ୍ୟାଚ୍ ସହ ଏହି ତଥ୍ୟ ଜଡିତ ଥିଲା। ଡିଡିସିଏ କାହା ନାଁ ନେଇ ନଥିଲେ ହେଁ ଅଭିଯୋଗକୁ ବିଚାରକୁ ନେଇଥିବା କହିଥିଲା। ଏହାପରେ ଡିଡିସିଏ ଅଭିଯୋଗକୁ ଭିତ୍ତିହୀନ ଓ ନିରାଧାର ବୋଲି କହିଛି। ସେହିପରି ଷ୍ଟିଙ୍ଗ ଅପରେସନରେ ତଥ୍ୟ ଲିକ କରିଥିବା ଚେନ୍ନାଇ ସୁପର କିଙ୍ଗସର ଖେଳାଳିଙ୍କ ନାଁ ସାର୍ବଜନୀନ କରାଯାଇ ନାହିଁ। ଆଉ ଏକ ରିପୋର୍ଟରେ ଦାବି କରାଯାଇଛି ଯେ ୱିକେଟ କିପର ବ୍ୟାଟର ବାଂଶ ବେଦୀଙ୍କୁ ହେରଫେର କରିବା ଉଦ୍ଦେଶ୍ୟରେ ଯୋଗାଯୋଗ କରାଯାଇଥିଲା। କିନ୍ତୁ ସେ ବେଶ ଚତୁରତାର ସହ ଦୁର୍ନୀତି ନିରୋଧ ପ୍ରୋଟକଲକୁ ଅନୁସରଣ କରିଥିଲେ। ତେବେ ବେଦୀ ନିଜ ଇନଷ୍ଟାଗ୍ରାମରେ ଏହା ଉପରେ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ ତାଙ୍କୁ କେହି ବି ଫିକ୍ସିଂ ପାଇଁ ତଥ୍ୟ ଲିକ ପାଇଁ ଯୋଗାଯୋଗ କରି ନଥିଲେ।

ସେ କହିଛନ୍ତି, "ତେହେଲକା ଷ୍ଟିଙ୍ଗ ଅପରେସନରେ ପୂର୍ବତନ ରଣଜୀ ଖେଳାଳି ରଚିତ ଭାଟିଆ ଇଙ୍ଗିତ କରୁଥିବା ଖେଳାଳି ମୁଁ ନୁହେଁ। ସେହିପରି ସେଭଳି କୌଣସି କାମରେ ମୁଁ ଆଦୌ ଲିପ୍ତ ନାହିଁ।"

# ଇତିହାସ ରଚିଲେ ଜୟ ମୀନା




ନୂଆଦିଲ୍ଲୀ, ୨୩।୯: ଏସିଆନ ଗେମ୍ସରେ ବୁଧବାର ଇତିହାସ ରଚିଛନ୍ତି ୨୬ ବର୍ଷୀୟ ସଫ୍ଟ ଟେନିସ ଖେଳାଳି ଜୟ ମୀନା। ସିଆନ ଗେମ୍ସ ଇତିହାସରେ ସଫ୍ଟ ଟେନିସରେ ଭାରତ ପାଇଁ ସେ ପ୍ରଥମ ପଦକ ଜିତିଛନ୍ତି। ସଫ୍ଟ ଟେନିସର ପୁରୁଷ ଏକକ ବର୍ଗର ସେମି ଫାଇନାଲରେ ପରାସ୍ତ ହୋଇ ସେ ପାଇଛନ୍ତି ବ୍ରୋଞ୍ଜ ପଦକ।

ସେମି ଫାଇନାଲରେ ଜୟ ମୀନା ଜାପାନର ତାକୁୟା କୁରୋସାକାଙ୍କଠାରୁ ୨-୪ ଗେମ୍‌ରେ ପରାସ୍ତ ହୋଇଥିଲେ। ୪୫ ମିନିଟ୍ ଧରି ଚାଲିଥିବା ଏହି ସେମି ଫାଇନାଲ ପ୍ରତିଯୋଗିତାର ପ୍ରଥମ ତିନିଟି ଗେମ୍‌ରେ ବିଜୟୀ ହୋଇଥିଲେ ଜାପାନର ତାକୁୟା। ଚତୁର୍ଥ ଓ ପଞ୍ଚମ ଗେମ୍‌ରେ ଜୟ ମୀନା ଜବରଦସ୍ତ କମ୍ ବ୍ୟାକ୍ କରିଥିଲେ। ଏହି ଦୁଇଟି ଗେମ୍‌ରେ ସେ ଯଥାକ୍ରମେ ୪-୧ ଓ ୬-୪ରେ ଆଗୁଆ ରହିଥିଲେ। କିନ୍ତୁ ଷଷ୍ଠ ଗେମ୍‌ରେ ତାଙ୍କୁ କଡା ଟକ୍କର ଦେଇଥିଲେ ତାକୁୟା। ଷଷ୍ଠ ଗେମ୍‌ରେ ଜୟ ମୀନା ୧-୪ରେ ପଛୁଆ ହୋଇଯାଇଥିଲେ। ଏହି ସେମି ଫାଇନାଲର ଫାଇନାଲ ସ୍କର ଥିଲା- ୩-୫, ୧-୪, ୧-୪, ୪-୧, ୬-୪ ଓ ୧-୪। ୬ଟି ଗେମ୍‌ରୁ ମାତ୍ର ୨ଟିରେ ଜୟ ମୀନା ପ୍ରଭାବ ବିସ୍ତାର କରିଥିଲେ ହେଁ ବାକି ୪ଟି ତାଙ୍କ ପ୍ରଦର୍ଶନ ଭଲ ନଥିଲା। ତେବେ ନିୟମ ଅନୁଯାୟୀ, ସେମି ଫାଇନାଲରେ ହାରିବା ପରେ ଜୟଙ୍କୁ ମିଳିଛି ବ୍ରୋଞ୍ଜ ପଦକ।

**ସଫ୍ଟ ଟେନିସ ବ୍ରୋଞ୍ଜ ପଦକ ହାସଲ କଲେ, ଏସିଆନ ଗେମ୍ସରେ ପ୍ରଥମ**

ଏକ ରୋମାଞ୍ଚକର କ୍ୱାର୍ଟର ଫାଇନାଲରେ ଜୟ ମୀନା ଫିଲିପାଇନ୍ସର ଶେରୱିନ୍ ନୁଗୁଇଟଙ୍କୁ ୪-୩ ଗେମ୍‌ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ଜୟ ମୀନା ହେଉଛନ୍ତି ପ୍ରଥମ ଭାରତୀୟ ଯିଏ ଏସିଆନ ସଫ୍ଟ ଟେନିସ ଚାମ୍ପିୟନସିପରେ ପଦକ ଜିତିଛନ୍ତି। ୨୦୨୫ ଏସିଆନ ସଫ୍ଟ ଟେନିସ ଚାମ୍ପିୟନସିପରେ ସେ ବ୍‌ରୋଞ୍ଜ ପଦକ ଜିତିଥିଲେ। ତାଙ୍କର ସେହି ଫର୍ମ ଏସିଆନ ଗେମ୍ସରେ ଜାରି ରହିଛି।

# ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କଲେ ମାର୍କ ଉଡ୍

ଲଣ୍ଡନ, ୨୩।୯: ହଠାତ୍ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଛନ୍ତି ଇଂଲଣ୍ଡର ଅନ୍ୟତମ ଷ୍ଟାର ଦ୍ରୁତ ବୋଲର ମାର୍କ ଉଡ୍। ବେଶ କିଛି ବର୍ଷ ହେବ ସେ ଆହତ ସମସ୍ୟା ଦେଇ ଗତି କରୁଥିଲେ। ସମ୍ଭବତଃ ଏଥିପାଇଁ ୩୬ ବର୍ଷୀୟ ଉଡ୍ ଅବସର ଘୋଷଣା କରିଛନ୍ତି। ୧୧ ବର୍ଷର କ୍ରିକେଟ କ୍ୟାରିୟରରେ ସେ ଇଂଲଣ୍ଡ ପାଇଁ ୨ ଥର ବିଶ୍ୱକପ ଓ ୪ର୍ଥ ଆଶେସ ସିରିଜ ଜିତିବାର ରେକର୍ଡ କରିଛନ୍ତି।

୨୦୧୫ରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଲର୍ଡସ ମ୍ୟାଚ୍‌ରେ ଡେବ୍ୟୁ କରିଥିଲେ ମାର୍କ ଉଡ୍। ସେ ଇଂଲଣ୍ଡ ପାଇଁ ୩୮ ଟେଷ୍ଟରେ ୧୧୯ ୱିକେଟ, ୭୦ ଦିନିକିଆରେ ୮୦ ୱିକେଟ ଓ ୩୮ ଟି-୨୦ରେ ୫୪ଟି ସଫଳତା ପାଇଛନ୍ତି। ଇଂଲଣ୍ଡ ପାଇଁ ଟି-୨୦ରେ ୬ଷ୍ଠ ସର୍ବାଧିକ ୱିକେଟ ଦଖଲକାରୀ ଭାବେ ମଧ୍ୟ ମାର୍କ ଉଡ୍ ରେକର୍ଡ କରିଛନ୍ତି।



ମାର୍କ ଉଡ ନିଜ କ୍ୟାରିୟର ମଧ୍ୟରେ ଥରେ ଦିନିକିଆ ବିଶ୍ୱକପ ଓ ଗୋଟିଏ ଥର ଟି-୨୦ ବିଶ୍ୱକପ ଟ୍ରୋଫି ଧରିବାକୁ ସକ୍ଷମ ହୋଇଛି। ୨୦୧୯ ଦିନିକିଆ ବିଶ୍ୱକପ ଫାଇନାଲରେ ଇଂଲଣ୍ଡ ଐତିହାସିକ ଲର୍ଡସରେ ନ୍ୟୁଜିଲ୍ୟାଣ୍ଡକୁ ସୁପର ଓଭରରେ ହରାଇଥିଲା। ଏହି ମ୍ୟାଚ୍‌ରେ ଉଡ ଆହତ ହେବା ସତ୍ତ୍ୱେ ବୋଲିଂ କରିଥିଲେ। ସେ ଇଂଲଣ୍ଡ ମାଟିରେ ଖେଳା ଯାଇଥିବା ବିଶ୍ୱକପରେ ୧୮ଟି ୱିକେଟ ପାଇଥିଲେ। ଏହାର ୩ ବର୍ଷ ପରେ ୨୦୨୨ ଟି-୨୦ ବିଶ୍ୱକପ ଇଂଲଣ୍ଡ ଜିତିଥିଲା। ଏହି ଟିମରେ ମଧ୍ୟ ଉଡ ରହିଥିଲେ। ସେ ବିଶ୍ୱକପର ୪ ମ୍ୟାଚ୍‌ରେ ୯ଟି ୱିକେଟ ନେଇଥିଲେ। ଅଷ୍ଟ୍ରେଲିଆରେ ଇଂଲଣ୍ଡକୁ ବିଶ୍ୱକପ ସଫଳତା ମିଳିଥିଲା।

ଟେଷ୍ଟ କ୍ରିକେଟରେ ମଧ୍ୟ ସେ ଅନେକ ସଫଳତା ପାଇଥିଲେ। ୨୦୧୫ରେ ସେ ପ୍ରଥମ ଟେଷ୍ଟ ଲର୍ଡସରେ ଖେଳିଥିଲେ। ତାଙ୍କ ସମୟରେ ଇଂଲଣ୍ଡ ୪ଥର ଆଶେଷ ସିରିଜ ଜିତିଛି। ହେଲେ ଆହତ ସମସ୍ୟା ଯୋଗୁ ସେ ସବୁବେଳେ ଟିମରୁ ଆଉଟ ଓ ଇନ ହେଇ ଚାଲିଥିଲେ।

ଏବେ ତାଙ୍କ ଆହତ ସମସ୍ୟା ଗୁରୁତର ଥିବାରୁ ଡାକ୍ତରୀ ଟିମ ତାଙ୍କୁ ଟେଷ୍ଟ ଓ ଦିନିକିଆ ମ୍ୟାଚ୍ ନ ଖେଳିବାକୁ ପରାମର୍ଶ ଦେଇଛି। ଏଥିପାଇଁ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିବା କହିଛନ୍ତି। ଇଂଲଣ୍ଡ ପାଇଁ ଖେଳିବା ସମ୍ମାନର କଥା ଓ ସେ ନିଜ ଦେଶ ପାଇଁ ଖେଳିବା କୌଣସି ସ୍ୱପ୍ନ ଠାରୁ କମ ନୁହେଁ ବୋଲି ଉଡ ନିଜ ଅବସର ବାର୍ତ୍ତାରେ ସମସ୍ତଙ୍କୁ ଜଣାଇଛନ୍ତି।

# ଡିସେମ୍ବରରେ ଆଇପିଏଲ୍ ଅକ୍ସନ

ନୂଆଦିଲ୍ଲୀ, ୨୩।୯: ଓଟଖର ଆଗାମୀ ସିଜନ୍‌କୁ ନେଇ ପ୍ରସ୍ତୁତି ଜୋରଦାର ହେଉଥିବା ବେଳେ ଅକ୍ସନକୁ ନେଇ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି । ବିସିସିଆଇ ସଚିବ ଦେବଜିତ ସାଇକିଆଙ୍କ ସୂଚନା ଅନୁସାରେ, ଏଥର ଓଟଖ ଅକ୍ସନ ଭାରତରେ ହିଁ ଆୟୋଜିତ ହେବ । ଡିସେମ୍ବର ମାସରେ ଗୋଆକୁ ଅକ୍ସନର ଆୟୋଜନ ଦାୟିତ୍ୱ ଦିଆଯାଇଛି ।ଗତ ୩ ବର୍ଷ ଧରି ଓଟଖ ଅକ୍ସନ ଭାରତ ବାହାରେ ଆୟୋଜିତ ହେଉଥିଲା। ସାଉଦି ଆରବ, ଦୁବାଇ ଓ ଆବୁଧାବିରେ ପୂର୍ବରୁ ଅକ୍ସନ ହୋଇଥିବା ବେଳେ ଏଥର ଈଉଉଓ ଭାରତରେ ହିଁ ଏହାକୁ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି । ସାଇକିଆ କହିଛନ୍ତି ଯେ ଡିସେମ୍ବରରେ ଗୋଆରେ ଆଇପିଏଲ୍ ଅକ୍ସନ ଆୟୋଜନ କରିବାକୁ ଯାଉଛି ବିସିସିଆଇ। ଆଇପିଏଲ୍ ଅକ୍ସନ ବ୍ୟତୀତ ଭାରତ ଏ' ମହିଳା ଓ ଅଷ୍ଟ୍ରେଲିଆ ଏ' ମହିଳା ଦଳ ମଧ୍ୟରେ ହେବାକୁ ଥିବା ଟି୨୦ ମ୍ୟାଚ୍‌କୁ ନେଇ ମଧ୍ୟ ସୈକିଆ ସୂଚନା ଦେଇଛନ୍ତି । ଧର୍ମଶାଳାରେ ଖରାପ ପାଗ ଓ ଲଗାତାର ବର୍ଷା ଯୋଗୁ ଆଗାମୀ ଟି୨୦ ମ୍ୟାଚ୍‌ଗୁଡ଼ିକୁ ମୋହାଲିକୁ ସ୍ଥାନାନ୍ତର କରାଯାଇଛି । ଧର୍ମଶାଳାରେ ବର୍ତ୍ତମାନ ପାଗ କ୍ରିକେଟ୍ ପାଇଁ ଅନୁକୂଳ ନୁହେଁ । ଲଗାତାର ବର୍ଷା ଯୋଗୁ ମ୍ୟାଚ୍‌ରେ ବାଧା ସୃଷ୍ଟି ହେବା ଆଶଙ୍କା ଥିବାରୁ ଏହାକୁ ମୋହାଲିକୁ ସ୍ଥାନାନ୍ତର କରାଯାଇଛି ।

# କବାଡିରେ ବିଜୟ ଧାରା ଜାରି

ଆଇଚି: ଏସୀୟ କ୍ରୀଡା କବାଡି ଇଭେଣ୍ଟ୍‌ରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳର ବିଜୟ ଧାରା ଜାରି ରହିଛି। ବୁଧବାର ଗ୍ରୁପ୍-ଏ'ର ନିଜର ତୃତୀୟ ମ୍ୟାଚ୍‌ରେ ପୁରୁଷ ଦଳ ୪୮-୨୫ରେ ବାଂଲାଦେଶକୁ ପରାସ୍ତ କରିଛି। ଏଥିସହ ଭାରତ ହ୍ୟାଟ୍ରିକ୍ ବିଜୟ ସହ ସେମିଫାଇନାଲ୍ ସ୍ଥାନ ନିଶ୍ଚିତ କରିଛି। ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଭାରତ ୧୮ ଆଉଟ୍ ଓ ୭ ବୋନସ ପଏଣ୍ଟ୍ ପାଇଥିଲା। ଏହି ଅର୍ଦ୍ଧରେ ମଧ୍ୟରେ ଭାରତ ୨ ଥର ବାଂଲାଦେଶକୁ ଅଲ୍‌ଆଉଟ୍ କରିଥିଲା। ଫଳରେ ଭାରତ ୨୯-୯ରେ ଆଗରେ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ୮ ଲେଖାଏଁ ଆଉଟ୍ ଓ ବୋନସ୍ ପଏଣ୍ଟ୍ ସହ ୧୯ ପଏଣ୍ଟ ଅର୍ଜନ କରିଥିଲା। ଶେଷାର୍ଦ୍ଧରେ ଥରେ ବାଂଲାଦେଶକୁ ଅଲ୍‌ଆଉଟ୍ କରିଥିଲା।

ଗୁରୁବାର ନବମ ଏସୀୟ ସ୍ୱର୍ଣ୍ଣ ପଦକ ଲକ୍ଷ୍ୟରେ ଥିବା ଭାରତ ନିଜର ଶେଷ ଗ୍ରୁପ୍ ମ୍ୟାଚ୍‌ରେ ଚାଇନିଜ୍ ତାଇପେକୁ ଭେଟିବ। ମହିଳା ଦଳ ଗ୍ରୁପ୍-ଏ' ମ୍ୟାଚ୍‌ରେ ୩୭-୨୩ରେ ଇରାନକୁ ମାତ୍ ଦେଇ ମୁକୁଟ ବଜାୟ ଦିଗରେ ବିଛି। ଗତ ସଂସ୍କରଣ ସ୍ୱର୍ଣ୍ଣ ବିଜେତା ଭାରତ କଡା ସଂଘର୍ଷପୂର୍ଣ୍ଣ ପ୍ରଥମାର୍ଦ୍ଧକୁ ୧୯-୧୫ରେ ନିଜ ନିୟନ୍ତ୍ରଣରେ ରଖିଥିଲା। ହେଲେ ଦ୍ୱିତୀୟାର୍ଦ୍ଧରେ ଭାରତ ଚମତ୍କାର ଖେଳି ୧୮-୮ରେ ଆଗୁଆ ରହିବା ସହ ମ୍ୟାଚ୍‌କୁ ୩୭-୨୩ରେ ଜିତି ସେମିଫାଇନାଲ୍ ଦ୍ୱାରରେ ପହଞ୍ଚିଛି। ମୋଟ ୩୭ ପଏଣ୍ଟ୍‌ରେ ୭ ବୋନସ ଓ ୪ ଅଲ୍‌ଆଉଟ୍ ପଏଣ୍ଟ୍ ରହିଛି। ଶେଷ ଗ୍ରୁପ୍ ମ୍ୟାଚ୍‌ରେ ଭାରତ ଗୁରୁବାର ଜାପାନକୁ ଭେଟିବ।

# ସଚିନଙ୍କୁ ପଛରେ ପକାଇଲେ ରୁଟ୍

ନୂଆଦିଲ୍ଲୀ, ୨୩।୯: ନୂଆ ଇତିହାସ ସୃଷ୍ଟି କରିଛନ୍ତି ଇଂଲଣ୍ଡର ଷ୍ଟାର ବ୍ୟାଟର୍ ଜୋ ରୁଟ୍। ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଦିନିକିଆରେ ସେ ନୂଆ କୀର୍ତ୍ତିମାନ ହାସଲ କରିଛନ୍ତି। ରୁଟ ଏବେ ଦ୍ୱିତୀୟ ଦ୍ରୁତତମ ଖେଳାଳି ଭାବେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୨୩୦୦୦ ରନ ପୂରଣ କରିଛନ୍ତି। ସେ ନିଜ ଦିନିକିଆ କ୍ୟାରିୟରର ୫୨୧ତମ ଇନିଂସରେ ଏପରି ସଫଳତା ପାଇଛନ୍ତି।

୫୨୧ତମ ଇନିଂସରେ ଅନ୍ତର୍ଜାତୀୟ କ୍ରିକେଟରେ ୨୩ ହଜାର ରନ ପୂରଣ କରିବା ମାତ୍ରେ ଜୋ ରୁଟ୍ କିମ୍ବଦନ୍ତୀ ଭାରତୀୟ କ୍ରିକେଟର ସଚିନ ତେନ୍ଦୁଲକରଙ୍କୁ ଅତିକ୍ରମ କରି ଯାଇଛନ୍ତି। ସଚିନ ନିଜର ୫୨୨ତମ ଦିନିକିଆ ଇନିଂସରେ ୨୩ ହଜାର କ୍ଲବରେ ସାମିଲ ହୋଇଥିଲେ।

ଏହି ତାଲିକାର ୧ ନମ୍ବର ସ୍ଥାନରେ ବିରାଟ କୋହଲି ରହିଛନ୍ତି। ସେ ମାତ୍ର ୪୯୦ଟି ଇନିଂସରେ ନିଜ ଅନ୍ତର୍ଜାତୀୟ କ୍ୟାରିୟରରେ ୨୩ ହଜାର ହାସଲ କରିଥିଲେ। ଏବେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ଜୋ ରୁଟ୍।

ସଚିନଙ୍କ ରେକର୍ଡ ଅତିକ୍ରମ କରିବାକୁ ରୁଟକୁ ଆଜିର ମ୍ୟାଚ୍‌ରେ ୩ ରନର ଆବଶ୍ୟକ ଥିଲା। ସେ ଚୌକା ମାରି ଏହାକୁ ହାସଲ କରିଥିଲେ। ସେହିପରି ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଦିନିକିଆରେ ରୁଟ ୪୪ ରନ କରି ସଚିନ୍ଦୁ କୋଲମବାଗେଙ୍କ ବଲରେ ବୋଲ୍ଡ ହୋଇଯାଇଛନ୍ତି। ଏପଟେ ରୁଟ୍ ବିଶ୍ୱର ୮ମ ଓ ଇଂଲଣ୍ଡର ପ୍ରଥମ ବ୍ୟାଟର ଭାବେ ୨୩ ହଜାର ରନ ପୂରଣ କରିଛନ୍ତି। ତାଲିକାରେ ସଚିନ, ବିରାଟ, ରାହୁଲ ଡ୍ରାବିଡଙ୍କ ବ୍ୟତୀତ ଶ୍ରୀଲଙ୍କାର କୁମାର ସାଙ୍ଗାକାରା ଓ ମାହେଲା ଜୟବର୍ଦ୍ଧନେ, ଅଷ୍ଟ୍ରେଲିଆର ରିକି ପଣ୍ଟିଂ ଓ ଦକ୍ଷିଣ ଆଫ୍ରିକାର ଜ୍ୟାକ କାଲିସ ରହିଛନ୍ତି। ଏହାପୂର୍ବରୁ ରୁଟ୍ ଟେଷ୍ଟ କ୍ରିକେଟରେ ସଚିନଙ୍କ ଏକାଧିକ ରେକର୍ଡ ଭାଙ୍ଗିଥିଲେ। ଟେଷ୍ଟ କ୍ରିକେଟରେ ପୂର୍ବରୁ ସର୍ବାଧିକ ଅର୍ଦ୍ଧଶତକ ସଚିନଙ୍କ ନାଁରେ ଥିଲା। କିନ୍ତୁ ନିକଟରେ ଏହାକୁ ରୁଟ ଅତିକ୍ରମ କରି ଯାଇଥିଲେ।

ସେହିପରି ସେ ସଚିନଙ୍କ ସର୍ବାକାଳୀନ ଟେଷ୍ଟ ରନର ରେକର୍ଡ ଭାଙ୍ଗିବା ଦ୍ୱାରଦେଶରେ ରହିଛନ୍ତି। ସଚିନ ଟେଷ୍ଟ କ୍ରିକେଟରେ ୧୫,୯୨୧ ରନ କରିଛନ୍ତି। ରୁଟଙ୍କ ସ୍କର କ୍ରିକେଟର ଏହି ଫର୍ମାଟରେ ହେଉଛି ୧୪,୨୭୮। ଅର୍ଥାତ ସେ ସଚିନଙ୍କ ସର୍ବକାଳୀନ ଟେଷ୍ଟ ରେକର୍ଡ ଠାରୁ ୧୬୪୩ ରନ ପଛରେ ଅଛନ୍ତି। ଚଳିତ ଡିସେମ୍ବରରେ ରୁଟ ୩୬ ବର୍ଷ ବୟସରେ ପାଦ ଦେବେ। ନିକଟରେ ସେ ଟେଷ୍ଟ କ୍ରିକେଟରେ ଇଂଲଣ୍ଡର କ୍ୟାପ୍ଟେନ୍ସି ମଧ୍ୟ ପାଇଛନ୍ତି। ତେଣୁ ତାଙ୍କ ପାଖରେ ସଚିନଙ୍କ ଆଉ ଏକ ରେକର୍ଡ ଭାଙ୍ଗିବାର ଯଥେଷ୍ଟ ସୁଯୋଗ ରହିଛି ।ସଚିନ ପୂରା ବିଶ୍ୱରେ ଏକମାତ୍ର ଖେଳାଳି ଯିଏ ନିଜ ଦେଶ ପାଇଁ ୨୦୦ଟି ଟେଷ୍ଟ ଖେଳିଛନ୍ତି। ରୁଟ ଏବେ ସଚିନଙ୍କ ଏହି ରେକର୍ଡ ଠାରୁ ମାତ୍ର ୩୧ଟି ମ୍ୟାଚ୍ ଦୂରରେ ରହିଛନ୍ତି। ତେଣୁ ତାଙ୍କ ପାଖରେ ଏହି ରେକର୍ଡକୁ ଅତିକ୍ରମ କରିବାର ଯଥେଷ୍ଟ ସୁଯୋଗ ରହିଛି।

# ଉଶୁ ଫାଇନାଲରେ ରୋଶିବୀଣା ଦେବୀ

ନୂଆଦିଲ୍ଲୀ, ୨୩।୯: ଏସିଆନ ଗେମ୍ସ ୨୦୨୬ରେ କମାଲ କରିଛନ୍ତି ଭାରତର ରୋଶିବୀଣା ଦେବୀ। ସେ ଚାଇନିଜ ସମରକଳା ବା ଉଶୁର ୬୦ କେଜି ମହିଳା ବର୍ଗର ଫାଇନାଲରେ ପ୍ରବେଶ କରିଛନ୍ତି। ଫାଇନାଲରେ ପ୍ରବେଶ କରି ସେ ଭାରତ ପାଇଁ ଅତିକମରେ ରୌପ୍ୟ ପଦକ ନିଶ୍ଚିତ କରିଛନ୍ତି। ତଥାପି ତାଙ୍କ ପାଖରେ ଏବେ ବି ସ୍ୱର୍ଣ୍ଣ ପଦକ ଜିତିବାର ସମ୍ଭାବନା ରହିଛି।

ସେ ଆଜି ଇଣ୍ଡୋନେସିଆର ତାନିଆ କେଙ୍କୁ ୨-୦ରେ ହରାଇ ଦେଇଛନ୍ତି। ୨୫ ବର୍ଷୀୟ ରୋଶିବୀଣା ଦେବୀ ଏସିଆନ ଗେମ୍ସର ଭାରତୀୟ ସ୍କ୍ୱାଡରେ ନଥିଲେ। କିନ୍ତୁ ଦିବ୍ୟାଂଶି ଆହତ ହେବା କାରଣରୁ ରୋଶିବୀଣାଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଥିଲା। ଏବେ ସେ ଫାଇନାଲରେ ପ୍ରବେଶ କରି ଦେଶକୁ ଗୌରବାନ୍ୱିତ କରିଛନ୍ତି। ୨୦୨୩ ଚାଇନାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ମଧ୍ୟ ରୋଶିବୀଣା ଦେଶ ପାଇଁ ରୌପ୍ୟ ପଦକ ଜିତିଥିଲେ। ଏବେ ସେ ପୁଣି ଫାଇନାଲରେ ପ୍ରବେଶ କରି ଦେଶ ପାଇଁ ଅତିକମରେ ରୌପ୍ୟ ପଦକ ନିଶ୍ଚିତ କରିଛନ୍ତି। ଫାଇନାଲରେ ତାଙ୍କର ମୁକାବିଲା ଚାଇନାର ଝାଙ୍ଗ



ଜିଆୟୁଙ୍କ ସହ ହେବ। ଗୁରୁବାର ଭାରତୀୟ ସମୟ ସକାଳ ୬.୧୦ରେ ସ୍ୱର୍ଣ୍ଣ ପଦକ ମ୍ୟାଚ୍ ଖେଳାଯିବାର ଅଛି। ରୋଶିବୀଣା କ୍ରମାଗତ ତୃତୀୟ ଥର ପାଇଁ ଏସିଆନ ଗେମ୍ସରେ ପଦକ ପକ୍କା କରିଛନ୍ତି।

୨୦୧୮ରେ ସେ କାଂସ୍ୟ ଓ ୨୦୨୩ରେ ରୌପ୍ୟ ପଦକ ପାଇଥିଲେ। ୨୦୦୦ ମସିହା ଡିସେମ୍ବର ୩୦ରେ ମଣିପୁରର ବିଷ୍ଣୁପୁର ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିବା ରୋଶିବୀଣା ଦେବୀ ଭାରତୀୟ ଉଶୁର ଜଣେ ପ୍ରତିଷ୍ଠିତ ଖେଳାଳି ।ପ୍ରଥମେ ସେ ନିଜର ଜଲୱା ୨୦୧୮ ଜାକାର୍ତ୍ତା ସ୍ଥିତ ଏସିଆନ ଗେମ୍ସରେ ଦେଖାଇଥିଲେ। ୬୦ କେଜି ସାଣ୍ଡା ବର୍ଗରେ ଲଢ଼ କରିଥିଲେ। ସେ କ୍ୱାର୍ଟର ଫାଇନାଲରେ ପାକିସ୍ତାନର ମୁବାଶ୍ରା ଅଖତରଙ୍କୁ ହରାଇ ନିଜ ପାଇଁ ପଦକ ପକ୍କା କରିଥିଲେ। ସେମି ଫାଇନାଲରେ ସେ ଚାଇନାର କାଇ ୟିଙ୍ଗୟିଙ୍ଗ ଠାରୁ ପରାସ୍ତ ହେବାରୁ ତାଙ୍କୁ କାଂସ୍ୟ ପଦକରେ ହିଁ ସନ୍ତୁଷ୍ଟ ହେବାକୁ ପଡିଥିଲା। ତେବେ ଏହାର ୫ ବର୍ଷ ପରେ ସେ ୨୦୨୩ ଏସିଆନ ଗେମ୍ସରେ ରୋଶିବୀଣା ଦେବୀ ଦମଦାର ପ୍ରଦର୍ଶନ କରି ନିଜ କାଂସ୍ୟ ପଦକକୁ ରୌପ୍ୟକୁ ବଦଳାଇଥିଲେ। ଏଥର ସେ ସ୍ୱର୍ଣ୍ଣ ଉପରେ ନଜର ରଖିଛନ୍ତି। ୨୦୨୩ରେ ଭାରତ ସରକାର ତାଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନୀତ କରିଥିଲେ।

# ଟି-୨୦ ବୋଲିଂ ରାଙ୍କିଙ୍ଗ୍‌ରେ ହଟଚମଟ

ନୂଆଦିଲ୍ଲୀ, ୨୩।୯: ଆଇସିସି ପକ୍ଷରୁ ଟି-୨୦ ବୋଲରଙ୍କ ନୂଆ ରାଙ୍କିଙ୍ଗ୍ ଜାରି କରାଯାଇଛି। ଏଥିରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ପାକିସ୍ତାନର ସ୍ପିନର ଅବରାର ଅହମ୍ମଦ ୭୩୬ ରେଟିଂ ପଏଣ୍ଟ ସହ ଟି-୨୦ର ନମ୍ବର-୧ ବୋଲର ହୋଇଛନ୍ତି। ପୂର୍ବରୁ ଶୀର୍ଷରେ ଥିବା ଆଫଗାନିସ୍ତାନର ରାଶିଦ ଖାନ ୭୩୫ ରେଟିଂ ସହ ଦ୍ୱିତୀୟ ସ୍ଥାନକୁ ଖସିଛନ୍ତି ।ଅବରାର ଅହମ୍ମଦ ଶେଷ ଥର ପାଇଁ ଫେବୃଆରୀରେ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ଭାରତ ବିପକ୍ଷ ତୃତୀୟ ଟି-୨୦ରେ ରାଶିଦ ଖାନଙ୍କ ମହଙ୍ଗା ବୋଲିଂର ପ୍ରଭାବ ତାଙ୍କ ରାଙ୍କିଙ୍ଗ୍‌ରେ ପଡ଼ିଥିବା ଜଣାପଡ଼ିଛି ।ଅଷ୍ଟ୍ରେଲିଆର ସ୍ପିନର ଆଡାମ ଜାମ୍ପା ୭୦୦ ରେଟିଂ ପଏଣ୍ଟ ସହ ଗୋଟିଏ ସ୍ଥାନ ଉପରକୁ ଉଠି ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି। ଅନ୍ୟପଟେ ଇଂଲଣ୍ଡର ଆଦିଲ ରାଶିଦ ୬୯୫ ରେଟିଂ ସହ ଚତୁର୍ଥ ସ୍ଥାନରେ ଅଛନ୍ତି। ଅଷ୍ଟ୍ରେଲିଆର ନାଥନ ଏଲିସ ୬୭୫ ରେଟିଂ ସହ ପଞ୍ଚମ ସ୍ଥାନ ହାସଲ କରିଛନ୍ତି। ଭାରତୀୟ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ରାଙ୍କିଙ୍ଗ୍‌ର ଦୁଇଟି ସ୍ଥାନର ଅବନତି ହୋଇଛି। ସେ ଟପ-୫ରୁ ବାଦ୍ ପଡ଼ି ୬୩୯ ରେଟିଂ ସହ ସପ୍ତମ ସ୍ଥାନକୁ ଖସିଛନ୍ତି। ତଥାପି ଏହି ତାଲିକାରେ ବରୁଣ ହେଉଛନ୍ତି ସର୍ବାଧିକ ରେଟିଂ ପାଇଥିବା ଭାରତୀୟ ବୋଲର।

# ଏସିଆନ୍ ଗେମ୍ସ : ମହିଳା ହକିରେ ଗୋଲ୍ ବର୍ଷା




ଟୋକିଓ, ୨୩।୯: ଏସିଆନ ଗେମ୍ସରେ ଭାରତୀୟ ମହିଳା ହକି ଟିମର ଗୋଲ ବର୍ଷା। ଏସିଆନ ଗେମ୍ସରେ ଭାରତୀୟ ମହିଳା ହକି ଟିମର କ୍ରମାଗତ ତୃତୀୟ ବିଜୟ। ଗ୍ରୁପ ବିର ଶୀର୍ଷ ସ୍ଥାନ ଦଖଲ କରିଥିବା ଭାରତ ୩ଟି ମ୍ୟାଚ୍‌ରେ ପ୍ରତିପକ୍ଷଙ୍କୁ ଦେଇଛି ୫୮ଟି ଗୋଲ୍।

ଆଜି ସଲିମା ଟେଟ୍ଙ୍କ ଭାରତ ୨୦-୧ ଗୋଲରେ ଥାଇଲ୍ୟାଣ୍ଡକୁ ହରାଇ ଦେଇଛି। ପ୍ରଥମେ ଭାରତୀୟ ମହିଳା ଟିମ ୧୯-୦ ଗୋଲରେ ଉଜବେକିସ୍ତାନକୁ ହରାଇଥିଲା। ଇଣ୍ଡୋନେସିଆ ବିପକ୍ଷ ମ୍ୟାଚ୍‌କୁ ଦଳ ୧୭-୧ରେ ଜିତିଥିଲା। ଏବେ ଥାଇଲ୍ୟାଣ୍ଡକୁ ଭାରତ ୨୦-୧ରେ ହରାଇ ଦେଇଛି। ବୁଧବାର ମ୍ୟାଚ୍ ଖେଳିବାକୁ ଭାରତୀୟ ମହିଳା ଦଳ ଫୁଲ ଜୋଶରେ ପଡିଆକୁ ଓହ୍ଲାଇଥିଲା। ସମ୍ଭବତଃ ଦଳ ୧୯୮୨ରେ ନୂଆଦିଲ୍ଲୀରେ କରିଥିବା ରେକର୍ଡ ଭାଙ୍ଗିବା ଲକ୍ଷ୍ୟରେ ରହିଥିଲା। କିନ୍ତୁ ଏହା ସମ୍ଭବ ହୋଇପାରି ନାହିଁ। ଉଜବେକିସ୍ତାନ ବିପକ୍ଷ ମ୍ୟାଚ୍ ଭଳି ଥାଇଲ୍ୟାଣ୍ଡ ବିପକ୍ଷରେ ମଧ୍ୟ କମାଲ କରିଛନ୍ତି ଦୀପିକା ଶେରାୱତ। ସେ ଥାଇଲ୍ୟାଣ୍ଡ ବିପକ୍ଷରେ ଦେଇଛନ୍ତି ରେକର୍ଡ ୯ଟି ଗୋଲ। ନବୀନିତ କୌର ଓ ଋତୁଜା ପିସାଲ ମଧ୍ୟ ହ୍ୟାଟ୍ରିକ ହାସଲ କରିଛନ୍ତି। ଲାରେମସିଆମି, ନେହା, ସାକ୍ଷୀ ରାଣେ ଓ ସଲିମା ଟେଟ ବି ଗୋଲ ଦେବାରେ କୌଣସି ସୁଯୋଗ ହାତ ଛଡା କରି ନହାନ୍ତି।

ଭାରତ ପୂରା ମ୍ୟାଚ୍‌ରେ ୨୦ଟି ଗୋଲ ଦେଇଥିବା ବେଳେ ଗୋଟିଏ ଗୋଲ ଖାଇଛି। କିନ୍ତୁ ଦଳ ପୁଣିଥରେ ୪୪ ବର୍ଷ ପୁରୁଣା ରେକର୍ଡ ଭାଙ୍ଗିବାକୁ ସକ୍ଷମ ହୋଇନି। ଏହା ଏସିଆନ ଗେମ୍ସ ମହିଳା ହକିରେ ଭାରତ ଦ୍ୱିତୀୟ ସର୍ବବୃହତ୍ତ ବିଜୟ। ୧୯୮୨ରେ ହଂକଂ ବିପକ୍ଷ ଏସିଆନ ଗେମ୍ସ ମ୍ୟାଚ୍‌ରେ ଭାରତୀୟ ମହିଳା ଟିମ ୨୨-୦ରେ ମ୍ୟାଚ୍ ଜିତିଥିଲା। ଭାରତ ୪୪ ବର୍ଷ ପୁରୁଣା ରେକର୍ଡ ଭାଙ୍ଗିବାକୁ ବିଫଳ ହୋଇଥିଲେ ହେଁ ଦୀପିକା ରେକର୍ଡ କରିଛନ୍ତି। ସେ ଉଜବେକିସ୍ତାନ ବିପକ୍ଷରେ ୮ଟି ଗୋଲ ଦେଇଥିଲେ। ଏବେ ସେ ଏସିଆନ ଗେମ୍ସ ମହିଳା ହକିର ଗୋଟିଏ ସଂସ୍କରଣରେ ସର୍ବାଧିକ ଗୋଲ ସ୍କରର ବନି ଯାଇଛନ୍ତି। ବୁଧବାର ସେ ୯ଟି ଗୋଲ ଦେଇଥିବା ବେଳେ ଇଣ୍ଡୋନେସିଆ ବିପକ୍ଷରେ ହ୍ୟାଟ୍ରିକ ହାସଲ କରିଥିଲେ।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office,